R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୬୧
ତିଥି: ପ୍ରତିପଦ
୦୫ ଡିସେମ୍ବର ୨୦୨୫, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 61
05 December 2025, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଦୁଇଦିନିଆ ଭାରତ ଗସ୍ତରେ ପୁଟିନ



ନୂଆଦିଲ୍ଲୀ, ୪ ।୧୨ : ଦୁଇଦିନିଆ ଭାରତ ଗସ୍ତରେ ଆସି ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଦିଲ୍ଲୀରେ ପହଞ୍ଚିଛନ୍ତି । ଦିଲ୍ଲୀର ପାଲମ୍ ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ସହ କରମର୍ଦ୍ଦନ କରିବା ସହ ଆଲିଙ୍ଗନ କରି ସ୍ୱାଗତ କରିଛନତି । ଋଷ୍-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବାପରେ ଏହା ପୁଟିନ୍‌ଙ୍କର ପ୍ରଥମ ଭାରତ ଗସ୍ତ ।

ପୁଟିନଙ୍କ ସ୍ୱାଗତ ପାଇଁ ରେଡ୍ କାର୍ପେଟ୍ ବିଛାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉଭୟ ନେତା ଗୋଟିଏ ଗାଡ଼ିରେ ନୂଆଦିଲ୍ଲୀସ୍ଥିତ ଲୋକକଲ୍ୟାଣ ମାର୍ଗରେ ଥିବା ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଇଛନ୍ତି । ପୂର୍ବରୁ ଚୀନ୍‌ର ତାଞ୍ଜିନ୍ ଠାରେ ହୋଇଥିବା ଏସ୍‌ସିଓ ସମ୍ମିଟ୍‌ରେ ଉଭୟ ନେତା ଏକାଠି ହୋଇଥିଲେ ଓ ଗୋଟିଏ ଗାଡ଼ିରେ ମଧ୍ୟ ଗସ୍ତ କରିଥିଲେ । ପୁଟିନଙ୍କ ଲାଗି ମୋଦୀ ଏକ ନୈଶ୍ୟ ଭୋଜିର ଆୟୋଜନ କରିଛନ୍ତି । ପୁଟିନ୍ ତାଙ୍କର ଏହି ଗସ୍ତ ସମୟରେ ଅନେକ କାର୍ଯ୍ୟକ୍ରମରେ ଯୋଗଦେବେ । ପୁଟିନଙ୍କ ସହ ଅନେକ ମନ୍ତ୍ରୀ ଓ ଅଧିକାରୀ ଭାରତ ଆସିଛନ୍ତି ।

**ପାଲମ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ**

**ନୈଶ୍ୟ ଭୋଜିରେ ଆପ୍ୟାୟିତ କଲେ ପ୍ରଧାନମନ୍ତ୍ରୀ**

**୨୫ ଚୁକ୍ତିନାମା ସ୍ୱାକ୍ଷରିତ ହେବା ସମ୍ଭାବନା**

ରହଣି ଠାରୁ ଆରମ୍ଭ କରି ସବୁ କାର୍ଯ୍ୟକ୍ରମ ପାଇଁ ଦିଲ୍ଲୀରେ (୯ ପୃଷ୍ଠାରେ)

## ନିଶା ପାଇଁ ମା'କୁ ମାଡ଼ ମାରି ଜାଳିଦେଲା ପୁଅ

ଭଦ୍ରକ, ୪ ।୧୨ (ସବ୍ୟୁ): ଭଦ୍ରକ ଜିଲ୍ଲା ତିହିଡି ଥାନା ବିଲଣା ଗଳଗଣ୍ଡପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଗୁରୁବାର ସକାଳୁ ସକାଳୁ ମା'କୁ ମଦ ପିଇବାକୁ ଟଙ୍କା ମାଗିଥିଲେ ପୁଅ । ହେଲେ ପୁଅକୁ ଟଙ୍କା ଦେବାକୁ ମନା କରିଦେଇଥିଲେ ମାଆ ।ଏଥିରେ ଉତ୍ତ୍ୟକ୍ତ ହୋଇ ପୁଅ ମା'କୁ ମାଡ଼ ମାରିବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା ପୁଅ। ଜ୍ୟୋସ୍ନାରାଣୀଙ୍କର ଚିତ୍କାର ଶୁଣି ଗ୍ରାମବାସୀ ଘରର କବାଟ ଭାଙ୍ଗି ତାଙ୍କ ଦେହରୁ ନିଆଁ ଲିଭାଇଥିଲେ । ନିଆଁରେ ମା' ଜ୍ୟୋସ୍ନାରାଣୀ ନାୟକ(୬୫)ଙ୍କ ଦେହର ୭୦ଭାଗରୁ ଉର୍ଦ୍ଧ୍ୱ ପୋଡ଼ି ଯାଇଛି । ଗୁରୁତର (୯ ପୃଷ୍ଠାରେ)

## ପୋଲିସ ଉପରେ ରାଜନୈତିକ ଚାପ ନାହିଁ

### ଅପରାଧୀଙ୍କୁ ସୁରକ୍ଷା ଦିଆଯାଉନାହିଁ



ଭୁବନେଶ୍ୱର, ୪ ।୧୨ (ସବ୍ୟୁ) : ଆମ ସରକାରର ୧୮ ମାସ ମଧ୍ୟରେ ରାଜ୍ୟ ପୋଲିସ କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ନ ହୋଇ ଅପରାଧୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । କୌଣସି ଅପରାଧୀକୁ ରାଜନୈତିକ ସଂରକ୍ଷଣ ଦିଆଯାଇନାହିଁ। ଆଇନ୍ ଶୃଙ୍ଖଳାନେଇ ବିରୋଧୀ ସଦସ୍ୟମାନେ ଅନେକ ପ୍ରଶ୍ନବାଚୀ ଉଠାଇଛନ୍ତି । ସମାଲୋଚନା କରିବା ସେମାନଙ୍କ ସାମ୍ବିଧାନିକ ଅଧିକାର । ସେଥିରେ କିଛି ଅସୁବିଧା ନାହିଁ । ତେବେ ଗାଁ ଗହଳିରେ ଏକ ଲୋକପ୍ରିୟ ଢ଼ଗ ରହିଛି- କହି ଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ନିଜକୁ ବୋଲି ଏଭଳି (୯ ପୃଷ୍ଠାରେ)

## ସଙ୍ଗୀତ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା



ଭୁବନେଶ୍ୱର, ୪ ।୧୨ (ସବ୍ୟୁ) : ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ସଙ୍ଗୀତ ମହାବିଦ୍ୟାଳୟ ଡ୍ରାମା ବିଭାଗ ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ ।

ଛାତ୍ରଛାତ୍ରୀମାନେ କର୍ତ୍ତୃପକ୍ଷଙ୍କୁ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ କରିବା ପରେ ପ୍ରାଥମିକ ତଦନ୍ତ ଆଧାରରେ ଡ୍ରାମା ବିଭାଗ ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା । କାର୍ଯ୍ୟାନୁଷ୍ଠାନ ହେବା ପୂର୍ବରୁ ଛାତ୍ରଛାତ୍ରୀମାନେ (୯ ପୃଷ୍ଠାରେ)

**ଅଧ୍ୟାପକ ଗିରଫ**

## ଇସିଆଇଙ୍କ ନିର୍ଦ୍ଦେଶ ମାନିବାକୁ ସରକାରୀ ଅଧିକାରୀ ବାଧ୍ୟ

ନୂଆଦିଲ୍ଲୀ, ୪ ।୧୨ : ନିର୍ବାଚନ କମିଶନଙ୍କ ଦ୍ୱାରା ହେଉଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର) ଲାଗି ନିଯୁକ୍ତି ସରକାରୀ ଅଧିକାରୀ ଏହା କରିବାକୁ ବାଧ୍ୟ । ଯଦି କୌଣସି ବିଏଲ୍‌ଓମାନେ ଏହି କାର୍ଯ୍ୟ କଲାବେଳେ ଅଧିକ ବୋଝ ଅନୁଭବ କରୁଛନ୍ତି ତେବେ ରାଜ୍ୟ ସରକାର ଅଧିକ କର୍ମଚାରୀ ନିଯୁକ୍ତ କରନ୍ତୁ ବୋଲି ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାର ଓ ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର ଚାଲିଥିବାବେଳେ ଏଥିଲାଗି ନିଯୁକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟ ଚାପ ବୃଦ୍ଧି ପାଉଛି । ଏନେଇ ବିଏଲ୍‌ଓମାନେ ଆତ୍ମହତ୍ୟା କରୁଥିବାର ଖବର ଆସିଛି । ଏ ସମ୍ପର୍କରେ ଏକ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ (୯ ପୃଷ୍ଠାରେ)

## ଖସୁଛି ତାପମାତ୍ରା, ବଢୁଛି ଶୀତ

ଭୁବନେଶ୍ୱର, ୪ ।୧୨ (ସବ୍ୟୁ): ରାଜ୍ୟରେ ତଳମୁହାଁ ହୋଇଛି ପାରଦ। ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇଛି । ଏପରିକି ଭୁବନେଶ୍ୱରରେ ବିଗତ ଦୁଇଦିନରେ ସର୍ବନିମ୍ନ ତାପମାତ୍ରା ୪.୨ଡିଗ୍ରୀ କମିଛି। ଏହାସହ ଆଭ୍ୟନ୍ତରୀଣ ଅଞ୍ଚଳରେ ବି ଶୀତ ବଢ଼ିଛି । ବୁଧବାର ରାତିରେ ଦାରିଙ୍ଗବାଡ଼ିରେ ରାତିର ତାପମାତ୍ରା ୯ଡିଗ୍ରୀ ରେକର୍ଡ । ଆସନ୍ତା ଦୁଇଦିନ ଲାଗି ଶୀତ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

**ଭୁବନେଶ୍ୱରରେ ୨ ଦିନରେ ୪ ଡିଗ୍ରୀ ଖସିଲା**

କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ଅଞ୍ଚଳରେ ପୁଣି ଥରେ ଶୀତର ପ୍ରକୋପ ବଢିବାରେ ଲାଗିଛି । କିଛିଦିନର ଦିନ ବ୍ୟବଧାନରେ ପୁଣିଥରେ ପାରଦ ତଳମୁହାଁ ହୋଇଛି। ଲଘୁଚାପ, ଘୂର୍ଣ୍ଣିବଳୟ ଯୋଗୁ ବର୍ଷା ଏବଂ ପରବର୍ତ୍ତୀ ସମୟରେ ପାଗ ମେଘୁଆ କାରଣରୁ ଏକ ସପ୍ତାହ ହେଲା ଶୀତ କମିଯାଇ ଥିବା ବେଳେ ବୁଧବାର ଠାରୁ ହଠାତ ଶୀତ ଅନୁଭୂତ ହୋଇଛି। ବୁଧବାର ରାତିରେ ସର୍ବନିମ୍ନ ତାପମାତ୍ରା (୯ ପୃଷ୍ଠାରେ)





## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ଯୋଗୀ ଶ୍ରୀ ଅରବିନ୍ଦ

ଶ୍ରୀ ଅରବିନ୍ଦ ହେଉଛନ୍ତି ଏକାଧାରାରେ ଜଣେ ଯୋଗୀ, ଗୁରୁ, କ୍ରାନ୍ତିକାରୀ, ସ୍ୱାଧୀନତା ସଂଗ୍ରାମୀ, ଦାର୍ଶନିକ ତଥା କବି । ସେ ୧୫ ଅଗଷ୍ଟ ୧୮୭୨ ମସିହାରେ ଇଂରେଜ ଶାସନାଧୀନ ଭାରତର କଲିକତା ନଗରରେ ଭୂମିଷ୍ଠ ହୋଇଥିଲେ । ୨୦୨୧ ମସିହାରେ ଭାରତ ସରକାରଙ୍କ ସମେତ ପୁଡୁଚେରୀର ଶ୍ରୀ ଅରବିନ୍ଦ ଆଶ୍ରମରେ ବର୍ଷବ୍ୟାପି ୧୫୦ତମ ଜନ୍ମଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ଜଣେ ମହାନ ନେତା ଭାବେ ପରିଚିତ । ଶ୍ରୀ ଅରବିନ୍ଦଙ୍କ ଦର୍ଶନର ମୂଳତତ୍ତ୍ୱ ହେଉଛି ସାଧାରଣ ମାନବ ଜୀବନକୁ ଦିବ୍ୟ ଜୀବନରେ ରୂପାନ୍ତରିତ କରିବା । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନ, ଧର୍ମ, ସାହିତ୍ୟ ଓ ମନୋବିଜ୍ଞାନର ସମନ୍ୱୟ ଶ୍ରୀ ଅରବିନ୍ଦଙ୍କ ଲେଖାରେ ଦେଖିବାକୁ ମିଳେ । ଇଂରାଜୀରେ ତାଙ୍କ ରଚିତ 'ସାବିତ୍ରୀ' ମହାକାବ୍ୟ ବେଶ୍ ଲୋକପ୍ରିୟ । ଏହି ମହାନ ଆତ୍ମାଙ୍କର ୧୯୫୦ ମସିହା ଡିସେମ୍ବର ୫ରେ ପରଲୋକ ହୋଇଥିଲା ।

# ଚିକିତ୍ସା କରିବାରୁ ଜେଲ ଦଣ୍ଡ

ନିକଟରେ ଜଣେ ମହିଳା ପଶୁ ଚିକିତ୍ସକଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡିଛି । କୋର୍ଟ ତାଙ୍କୁ ୧୦ ଦିନର ଜେଲ ଦଣ୍ଡ ଶୁଣାଇଛନ୍ତି । ସୂଚନା ଅନୁସାରେ ୨୦୨୪ରେ ଉକ୍ତ ମହିଳାଙ୍କୁ ଗୋଟିଏ କାଫେ ପାଖରେ ୧୬ ବର୍ଷର ବୁଢା କୁକୁର ବନ୍ଧା ହେବା ଅବସ୍ଥାରେ ମିଳିଥିଲା । ତାଙ୍କୁ ଲାଗିଥିଲା କୁକୁରଟି ବହୁତ କଷ୍ଟରେ ଅଛି ତେଣୁ ସେ ତାକୁ ନିଜ ଚିକିତ୍ସାଳୟକୁ ନେଇଯାଇଥିଲେ । ଯେଉଁଠାରେ ସେ କୁକୁରର ପରିସ୍ରା ସଂକ୍ରମଣ ଓ ଦାନ୍ତର ଚିକିତ୍ସା କରିଥିଲେ । ଏହାପରେ ଯେତେବେଳେ ଏହାର ସତ ମାଲିକ କୁକୁରଟିକୁ ମହିଳାଙ୍କ ନିକଟରୁ ଫେରସ୍ତ ମାଗିଲା ମହିଳା ସେତେବେଳେ ଏହାକୁ ଦେବାକୁ ମନା କଲେ । ତେବେ ଏହାର କିଛି ବର୍ଷ କୁକୁରଟି ବୁଢା ହେବା ସହିତ ରୋଗିଣା ହୋଇ ଯାଇଥିଲା, ଯେଉଁ କାରଣରୁ ମହିଳା ଜଣଙ୍କ ତାକୁ ଇଚ୍ଛାମୃତ୍ୟୁ ଦେଇଥିଲେ । ହେଲେ ଏହାପରେ କୁକୁରର ମାଲିକ ତାଙ୍କ ବିରୋଧରେ କୋର୍ଟରେ ମାମଲା କରିଥିଲେ, ଯାହାର ଶୁଣାଣୀ କରି କୋର୍ଟ ଏହି ଦଣ୍ଡ ଦେଇଛନ୍ତି । ଯେହେତୁ ମହିଳା କିଛି ନଜଣାଇ କୁକୁରଟିକୁ ନେଇଥିଲେ ତେଣୁ ଏହାକୁ ଚୋରି ବୋଲି ଧରାଯାଇଥିଲା ।



ଇତିହାସ

୧୬୫୭ – ଶାହଜାହାଁଙ୍କ କନିଷ୍ଠ ପୁତ୍ର ମୁରାଦ ନିଜକୁ ସମ୍ରାଟ ରୂପେ ଘୋଷିତ କଲେ ।

୧୯୧୭ – ରୁଷ ଓ ଜର୍ମାନୀ ମଧ୍ୟରେ ଯୁଦ୍ଧ ବିରାମ ।

୧୯୧୭ – କାନାଡାରେ ଦୁଇଟି ଜାହାଜ ମୁହାଁମୁହିଁ ହୋଇ ୧୫ ଲୋକଙ୍କ ମୃତ୍ୟୁ ।

୧୯୩୮ – ଗୁଜୁରାଟୀ ସାହିତ୍ୟିକ ରଘୁବୀର ଚୌଧୁରୀଙ୍କ ଜନ୍ମ ।

୧୯୪୩ – ଜାପାନୀ ବିମାନ ଜାହାଜ କୋଲକାତା ଉପରେ ବୋମା ବିସ୍ଫୋରଣ କଲା ।

୧୯୪୬ – ଭାରତର ହୋମଗାର୍ଡ ସଙ୍ଗଠନ ସ୍ଥାପନା ।

୧୯୫୦ – ସିକ୍କିମ ଭାରତର ଏକ ସଂରକ୍ଷିତ ରାଜ୍ୟ ହେଲା ।

୧୯୭୧– ବାଂଲାଦେଶକୁ ଦେଶ ରୂପେ ମାନ୍ୟତା ।

୧୯୮୯ – ମୁଲାୟମ ସିଂ ଯାଦବ ପ୍ରଥମଥର ପାଇଁ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ।

୧୯୯୯ – ଭାରତକୁ ପ୍ରତିନିଧିତ୍ୱ କରୁଥିବା ଯୁକ୍ତା ମୁଖୀଙ୍କୁ ମିସ୍ ୱାର୍ଲ୍ଡ ଟାଇଟଲ ।

# ଖାଦ୍ୟ ଦ୍ୱାରା ବ୍ରଣ ଉପଚାର



ଯେତେବେଳେ ଆମ ସ୍କିନ୍‌ରେ ଥିବା ଛିଦ୍ର ବ୍ୟାକ୍ଟେରିଆ କାରଣରୁ ବ୍ଲକ ହୋଇଯାଏ ସେତେବେଳେ ବ୍ରଣ ହେବାର ଆଶଙ୍କା ବଢିଥାଏ । କେବଳ ବ୍ୟାକ୍ଟେରିଆ ନୁହେଁ ଏହି ତାଲିକାରେ ମୃତ କୋଷିକା ମଧ ସାମିଲ ରହିଛି । ତେବେ ଏଥିପାଇଁ ସମସ୍ତେ ବିଭିନ୍ନ ପ୍ରକାରର ଉପାୟ ଆପଣାଇଥାଆନ୍ତି । ଏଥିପାଇଁ ଅନେକ ଉପଚାର ରହିଛି, ଯେଉଁଥିରେ ଖାଦ୍ୟ ସବୁଠାରୁ ଆଗରେ ରହିଥାଏ । ତେଣୁ ଆମକୁ ଏକ ଆଣ୍ଟି ଆକନେ ଡାଏଟ୍ ଫଲୋ କରିବାର ଅଛି, ଯାହା ଆମକୁ ବ୍ରଣ ସମସ୍ୟାରୁ ମୁକ୍ତି ଦେବ । ଆସନ୍ତୁ ଜାଣିବା ସେହିଭଳି କିଛି ଡାଏଟ୍ ବିଷୟରେ ।

**ଡାଲିଜାତୀୟ–** ଡାଲିଜାତୀୟ ଖାଦ୍ୟରେ ଲୋ–ଗ୍ରେକେମିକ୍ ରହିଛି, ତେଣୁ ଏହା ଆମର ବ୍ଲଡ ସୁଗାର ଲେବଲ୍‌କୁ ମ୍ୟାନେଜ କରିଥାଏ । ଏଥିସହ ବ୍ରଣ ହେବାରୁ ରୋକିଥାଏ । ତେଣୁ ନିଜର ପ୍ରତିଦିନ ଖାଦ୍ୟରେ ଡାଲିଜାତୀୟ ସାମଗ୍ରୀ ଆଡ କରନ୍ତୁ ।

**କନ୍ଦମୂଳ–** କନ୍ଦମୂଳରେ ଜିଙ୍କ୍‌ର ପରିମାଣ ଖୁବ ଅଧିକ ରହିଥାଏ, ଯାହା ବ୍ରଣ ସମସ୍ୟାକୁ ଦୂର କରିଥାଏ । ତେଣୁ ଦିନକୁ ଗୋଟିଏ କନ୍ଦମୂଳ ଖାଇବା ତ୍ୱଚା ପାଇଁ ଲାଭ ଦାୟକ ।

**କଖାରୁ–** କଖାରୁରେ ଥିବା ଜିଙ୍କ ଆମ ତ୍ୱଚାରେ ବ୍ରଣ ଉଠିବାକୁ ଦେଇନଥାଏ । ଏହା ଆମ ତ୍ୱଚାକୁ ଏକ ବ୍ରଣ ନିରୋଧୀ କରିବାରେ ସାହାଯ୍ୟ କରିଥାଏ ।

**ଘିକୁଆଁରୀ–** ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ମୁହଁରେ ବ୍ରଣ ଉଠିବାକୁ ଦେଇ ନଥାଏ । ତେଣୁ ସବୁଦିନ ଖଣ୍ଡେଖଣ୍ଡେ ଘିକୁଆଁରୀ ମୁହଁରେ ଘଷନ୍ତୁ ଏହା ଲାଭ ଦାୟକ ହୋଇଥାଏ ।

## ସୋସିଆଲ କୋଟ୍ସ



"ମୁଁ ଯେତେବେଳେ ଫିଲ୍ମକୁ ଆସିଲି ସେତେବେଳେ ମୋତେ ମୋ ନାଁ ବଦଳାଇବାକୁ କୁହାଯାଇଥିଲା । କେତେଜଣ ପିଲ୍ମ ପ୍ରଜୋଯକ ଓ ନିର୍ଦ୍ଦେଶକ ମୋତେ ଏପରି କରିବାକୁ କହିଥିଲେ ।

**ଜେନେଲିଆ ଡିସୁଜା, ଅଭିନେତ୍ରୀ**



"ବର୍ଷାର ପରିମାଣ ଏତେ ଥିଲା କି ସମସ୍ତ ଗାଡିରେ ମଧ ପାଣି ପସିଯାଇଥିଲା । ଏହି କାରଣରୁ ଘରକୁ ଫେରି ହୋଇ ନଥିଲା । ସେଟ୍‌ରେ ହିଁ ରାତିରେ ରହିବାକୁ ପଡିଥିଲା ।

**ଚାରୁ ଅସୋପା, ଅଭିନେତ୍ରୀ**



"ନୱାଜଙ୍କ ଅଭିନୟ ଦେଖି ଇରଫାନ କାନ୍ଦି ପକାଇଥିଲେ । ନୱାଜଙ୍କ ଆକ୍ଟିଂରେ ଖୁବ ଦମ୍ ରହିଛି । ସେ ଏହି ସଟ୍‌କୁ ସିଙ୍ଗଲ ଟେକ୍‌ରେ ପୂରା କରିଥିଲେ, ଯାହା ବେଶ ଭଲ ହୋଇଥିଲା ।

**କବୀର ଖାନ, ନିର୍ଦ୍ଦେଶକ**

# ଚର୍ଚ୍ଚାରେ ରଣବୀର

ରଣବୀର ସିଂ ବର୍ତ୍ତମାନ ଅନେକ କଥାକୁ ନେଇ ଚର୍ଚ୍ଚାରେ ଅଛନ୍ତି । କିଛି କଥା ପାଇଁ ସେ ବିବାଦରେ ଥିବାବେଳେ କିଛି ପାଇଁ ଚର୍ଚ୍ଚାରେ । ନିକଟରେ କାନ୍ତାରା ଫିଲ୍ମକୁ ନେଇ ଦେଇଥିବା ମନ୍ତବ୍ୟ ପାଇଁ ଖୁବ ବିବାଦରେ ରହିଥିଲେ ରଣବୀର । ସେଥିରେ ଥିବା ଦେବୀଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ ଯାହା ପରେ ଖୁବ ବିବାଦ ଘରେକୁ ଆସିଥିଲା । ବିବାଦ ବଢିବାରୁ ରଣବୀର କ୍ଷମା ମଧ ମାଗିଥିଲେ । ତେବେ କେବଳ ବିବାଦ ନୁହେଁ ନିଜର ଅପକମିଂ ଫିଲ୍ମକୁ ନେଇ ମଧ ଚର୍ଚ୍ଚାରେ ଅଛନ୍ତି ରଣବୀର । ଆଗକୁ ତାଙ୍କୁ ଫିଲ୍ମ ଧୁରନ୍ଧରରେ ଦେଖିବାକୁ ମିଳିବ, ଯାହାର ଆଗୁଆ ଟିକେଟ ବିକ୍ରି ସରିଛି । ଏହି ଫିଲ୍ମ ପାଇଁ ଆଗୁଆ ପାଖାପାଖି ୬୫ ହଜାରରୁ ଅଧିକ ଟିକେଟ ଆଗୁଆ ବିକ୍ରି ସରିଥିବା ଜଣା ପଡିଛି । ଫିଲ୍ମଟି ଡିସେମ୍ବର ୫ରେ ପରଦାକୁ ଆସୁଛି, ଯାହାକୁ ନେଇ ମେକର୍ସଙ୍କ ସହିତ ଫ୍ୟାନମାନେ ଖୁବ ଉତ୍ସାହିତ ଅଛନ୍ତି । ଏହି ଫିଲ୍ମଟିକୁ ଆଦିତ୍ୟଧର ନିର୍ଦ୍ଦେଶନା ଦେଇଥିବାବେଳେ ଏହି ଫିଲ୍ମରେ ସଞ୍ଜୟ ଦତ୍ତ, ଆର୍ ମାଧବନ, ଅର୍ଜୁନ ରାମ୍ପାଲ, ଅକ୍ଷୟ ଖାନ୍ନାଙ୍କ ଭଳି ଅଭିନେତା ଅଭିନୟ କରିଛନ୍ତି ।



# କର୍‌ୱାର ଫିସ୍ କରି



**ସାମଗ୍ରୀ–** ୨ଟି ସୁରମଇ ମାଛ, ୨ଟି ଲଙ୍କା, ଅଧା ଚାମଚ ମେଥି,ଅଧା ଚାମଚ ଧନିଆ,ଏକ ଚାମଚଅଦା ରସୁଣ ପେଷ୍ଟ, ପିଆଜ, ଅଧା କପ ନଡିଆ ରସ ।

**ପ୍ରଣାଳୀ–** ଗୋଟିଏ ପ୍ୟାନ୍ ନିଅନ୍ତୁ ସେଥିରେ ଲଙ୍କା, ଗୋଲମରିଚ, ମେଥି, ଅଦା,ରସୁଣ ଓ ଧନିଆ ପକାଇ ଭାଜନ୍ତୁ । ଭାଜିବା ପରେ ଏହାକୁ ଗୁଣ୍ଡ କରି ଏକ ମସଲା ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଗୋଟିଏ ପ୍ୟାନରେ ତେଲରେ ପିଆଜ,ଅଦା ରସୁଣ ପେଷ୍ଟକ କଷନ୍ତୁ । ଏହା କଷିହେବା ପରେ ଏଥିରେ ମାଛ ପକାଇ ରାନ୍ଧନ୍ତୁ । ଏହାପରେ ଏଥିରେ ପୂର୍ବପ୍ରସ୍ତୁତ ମସଲା ଓ ନଡିଆ ରସ ମିଶାଇ ରାନ୍ଧନ୍ତୁ । ଏହାପରେ ଏଥିରେ କୋକୁମ୍ ମିଶାଇ ଅଳ୍ପ ସମୟ ସିଝାନ୍ତୁ, ପ୍ରସ୍ତୁତ ହୋଇଗଲା କର୍‌ୱାର ଫିସ୍ କରି ।

# ୨୫୫ କୋଟିର ଅଣ୍ଡା



ସାଧାରଣତଃ ଅଣ୍ଡାର ଦାମ ୧୦ ଟଙ୍କା ହୋଇଥାଏ, ହେଲେ ବର୍ତ୍ତମାନ ଏକ ଅଣ୍ଡା ଖୁବ ଚର୍ଚ୍ଚାରେ ରହିଛି । ତେବେ ଏହି ଅଣ୍ଡାଟି କୁକୁଡା ନୁହେଁ ବରଂ ରତ୍ନଖଚିତ ଅଣ୍ଡା । ଏହାକୁ ୧୮୮୫ରୁ ୧୯୧୭ ମଧ୍ୟରେ ନିର୍ମାଣ କରାଯାଇଥିଲା । ଏହି ଅଣ୍ଡାର ସଂଖ୍ୟା ପ୍ରସ୍ତୁତ ହେବା ସମୟରେ ୫୦ରୁ ଅଧିକ ଥିଲା, ହେଲେ ବର୍ତ୍ତମାନ ଏହାର ସଂଖ୍ୟା ଆଉ ମାତ୍ର ୪୩ଟି ଅଛି । ଏହି ଅଣ୍ଡା ରୁସର ରାଜ ପରିବାରଙ୍କ ପାଇଁ ଇଷ୍ଟର ଉପହାର ପାଇଁ ନିର୍ମାଣ କରାଯାଇଥିଲା । ଲଣ୍ଡନରେ ଗୋଟିଏ ସ୍ଥାନରେ ଏହି ଅଣ୍ଡାର ନିଲାମୀ କରାଯାଇଛି, ଯେଉଁଠାରେ ଏହା ୨୫୫ କୋଟିରେ ବିକ୍ରି ହୋଇଛି । ଏହି ଅଣ୍ଡାର ନାମ ଦି ଉଇଣ୍ଟର ଏଗ ରଖାଯାଇଛି । ଯାହା ଏକ କ୍ରିଷ୍ଟାଲ ଫ୍ୟାବର୍ଜ ଏଗ । ସେହିଭଳି ଏହି ଅଣ୍ଡାଟି ଏତେ ସୁନ୍ଦର ହୋଇଛି କି ଏହାର ତୁଳନା ମୋନା ଲିସା ପେଣ୍ଟିଂ ସହିତ କରାଯାଉଛି । ଏହି ଅଣ୍ଡାଟିକୁ ରକ୍ କ୍ରିଷ୍ଟାଲରେ ପ୍ରସ୍ତୁତ କରାଯାଇଛି ଯାହା ଉପରେ ପ୍ଲାଟିନମ୍ ଲଗା ଯାଇଛି । ସେହିଭଳି ଅଣ୍ଡା ଉପରେ ୪୫୦୦ଟି ଛୋଟଛୋଟ ହିରା ଖଞ୍ଜା ଯାଇଛି । ଯାହାର ଲମ୍ବା ୪ଇଞ୍ଚ ରହିଛି । ଏହା ଦେଖିବାକୁ ପୂରା କାଚ ଭଳି । ସେହିଭଳି ଏହି ଅଣ୍ଡାକୁ ମହିଳା ଡିଜାଇନର ଅଲ୍ମା ପିହଲ ନିର୍ମାଣ କରିଛନ୍ତି । ଅଣ୍ଡା ଭିତରେ ଏକ ଫୁଲର ଛୋଟ ଦାନି ରହିଛି, ଯାହା ଦେଖିବାକୁ ଖୁବ ସୁନ୍ଦର । ୧୯୧୩ରେ ରୁସର ରାଜା ଜାର ନିକୋଲସ ଦ୍ୱିତୀୟ ନିଜ ମାଆଙ୍କୁ ଇଷ୍ଟରରେ ଏହି ଅଣ୍ଡାଟି ଉପହାରରେ ଦେଇଥିଲେ ।

# ମହିଳାଙ୍କୁ ଡରିଯାଇ ୫୦ ବର୍ଷ ଏକୁଟିଆ



ନିକଟରେ ଏକ ଘଟଣା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଜଣେ ବ୍ୟକ୍ତି ମହିଳାଙ୍କୁ ଡରି ଦୀର୍ଘ ୫୦ ବର୍ଷ ହେଲା ଏକୁଟିଆ ରହୁଛନ୍ତି । ବୈଜ୍ଞାନିକ ଭାଷାରେ ଏହି ସମସ୍ୟାକୁ ଗାଇନୋଫୋବିଆ କୁହାଯାଇଥାଏ । ଯେଉଁ ରୋଗ ହେଲେ ରୋଗୀମାନେ ମହିଳାଙ୍କୁ ଖୁବ ଅଧିକ ଡରିଥାଆନ୍ତି । ୧୬ ବର୍ଷ ବୟସରୁ ଏହି ବ୍ୟକ୍ତି ଜଣଙ୍କ ଉକ୍ତ ରୋଗରେ ପିଡିତ । ଯେଉଁ କାରଣରୁ ସେ ୫୦ ବର୍ଷ ହେଲା ଗୋଟିଏ ଘରେ ବାସ କରୁଛନ୍ତି । ମହିଳାଙ୍କୁ ଦେଖିଲେ ଏମାନଙ୍କର ପାନିକ ଆଟାକ ଆସିବାର ଆଶଙ୍କା ରହିଥାଏ । ବ୍ୟକ୍ତି ଜଣଙ୍କ ଯେଉଁ ଘରେ ରହୁଛନ୍ତି ସେହି ଘରକୁ କପଡା ଓ ବିଭିନ୍ନ ପ୍ରକାର ସାମଗ୍ରୀରେ ଘୋଡାଇ ରଖିଛନ୍ତି ।



### ହୀରାକୁଦ ଡ୍ୟାମ ସୁରକ୍ଷା ନେଇ ଗୃହରେ ଉଦ୍‌ବେଗ

# ବିରୋଧୀଙ୍କ ସହ ସ୍ୱର ମିଳାଇଲେ ରାଜସ୍ୱମନ୍ତ୍ରୀ

- ହୀରାକୁଦରେ ୨୭ ପ୍ରତିଶତ ଜଳଧାରଣ କ୍ଷମତା କମିଛି
- ତୁରନ୍ତ ବାଲି ଓ ପଟୁମାଟି କାଢିବାକୁ ଦାବି

ଭୁବନେଶ୍ୱର, (ସବ୍ୟୁ) : ହୀରାକୁଦ ଡ୍ୟାମକୁ ୧୦୦ ବର୍ଷ ପୂରି ନଥିବା ବେଳେ ଜଳ ଧାରଣ କ୍ଷମତା ହ୍ରାସ ପାଉଛି। ବାଲି ଓ ପଟୁମାଟି ଯୋଗୁଁ ୨୭ ପ୍ରତିଶତ ଜଳ ଧାରଣ କ୍ଷମତା କମିଛି। ସେପଟେ ଛତିଶଗଡ ସରକାର ହୀରାକୁଦ ଡ୍ୟାମକୁ ଷଣ୍ଢଆସୀ ଆକ୍ରମଣ କରୁଛି। ରାଜ୍ୟ ସରକାର ଆପୋଷ ଆଲୋଚନା କରି ସାମାଧାନ କରିବା ପାଇଁ କହୁଛନ୍ତି , ହେଲେ ସମାଧାନ ହୋଇପାରୁନାହିଁ। ଏଭଳି ଉଦ୍‌ବେଗ ପ୍ରକାଶ କରୁଛନ୍ତି ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ବିରୋଧୀଙ୍କ ସହିତ ସ୍ୱର ମିଳାଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

ଶୂନ୍ୟ କାଳରେ ହୀରାକୁଦ ଡ୍ୟାମର ସୁରକ୍ଷା ପ୍ରସଙ୍ଗ ଉଠାଇ ଶ୍ରୀ ଆଚାର୍ଯ୍ୟ କହିଥିଲେ , ହୀରାକୁଦ ଡ୍ୟାମ୍ ୧୯୫୭ ମସିହାରେ ପ୍ରତିଷ୍ଠା ହୋଇଥିଲା। ୧୦୦ ବର୍ଷ ନପୁରୁଣୁ ଡ୍ୟାମର ଜଳ ଗ୍ରହଣ କ୍ଷମତା ହ୍ରାସ ପାଇବାରେ ଲାଗିଛି । ବର୍ତ୍ତମାନ ୨୭ ପ୍ରତିଶତ ଜଳ ଧାରଣ କ୍ଷମତା କମିଛି । ବର୍ଷ ବର୍ଷ ଧରି ଡ୍ୟାମରେ ବାଲି ଓ ପଟୁମାଟି ଜମି ରହୁଛି, ସେଗୁଡିକୁ ସଫା କରାଯାଉ। ଯଦି ଏଭଳି ସମସ୍ୟା ଲାଗି ରହେ ତେବେ ବିଦ୍ୟୁତ୍ ଉତ୍ପାଦନ କ୍ଷମତା କମିଯିବ । ସରକାର ହୀରାକୁଦ ଡ୍ୟାମରୁ ପଟୁମାଟି ଓ ବାଲି ସଫା କରିବା ପାଇଁ ବ୍ୟବସ୍ଥା କରନ୍ତୁ ।

ହୀରାକୁଦ ଡ୍ୟାମ ପରିଚାଳନା ଲାଗି ଟେକ୍ନିକାଲ ଓ ନନ୍ ଟେକ୍ନିକାଲ କର୍ମଚାରୀ ନାହାଁନ୍ତି । ବିଶେଷଜ୍ଞମାନେ କହୁଛନ୍ତି, ଏଭଳି ସମସ୍ୟା ଲାଗି ରହିଲେ ଦିନେ ନା ଦିନେ ହୀରାକୁଦ ଡ୍ୟାମ ପ୍ରତି ବିପଦ ଆସିବ। ବିଗତ ଦିନରେ ଚୀନରେ ବଡ ଡ୍ୟାମ ଭାଙ୍ଗିଛି। ଡ୍ୟାମ ଭାଙ୍ଗିବା ଯୋଗୁଁ ହଜାର ହଜାର ଲୋକ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ଏଭଳି ବିପଦ ଯେମିତି ନଆସୁ ସରକାର ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।

ହୀରାକୁଦ ଡ୍ୟାମ କୁଳରେ ଆଦାନୀକୁ ହୋଟେଲ ନିର୍ମାଣ ପାଇଁ ସରକାର ଜାଗା ଦେଉଛନ୍ତି । ତେବେ ହୀରାକୁଦ ଡ୍ୟାମ ସୁରକ୍ଷାକୁ ସରକାର ପ୍ରାଥମିକତା ଦିଅନ୍ତୁ । ପର୍ଯ୍ୟଟନ କ୍ଷେତ୍ରରେ ସରକାର ଅର୍ଥନୈତିକ ସ୍ୱଚ୍ଛଳ ଲାଗି ପ୍ରୋତ୍ସାହନ ଦିଅନ୍ତୁ, କିନ୍ତୁ ଡ୍ୟାମ ସୁରକ୍ଷ ଲାଗି ପୁନର୍ବାର ସରକାର ଚିନ୍ତା କରନ୍ତୁ ବୋଲି ସେ କହିଥିଲେ । ବିରୋଧୀଙ୍କ ସହିତ ସ୍ୱର ମିଳାଇଛନ୍ତି ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଶ୍ରୀ ପୂଜାରୀ କହିଥିଲେ, ଏହା ଗୁରୁତ୍ୱପୂର୍ଣ୍ଣ ଓ ସ୍ୱର୍ଶକତାର ବିଷୟ। ଯେତେବେଳେ ହୀରାକୁଦ ଡ୍ୟାମ ନିର୍ମାଣ ହେଲା ଏକାସଙ୍ଗେ ୧ ଲକ୍ଷ ଲୋକ ବିସ୍ଥାପିତ ହୋଇଥିଲେ । ପୂର୍ବରୁ ଡ୍ୟାମ ପାଇଁ ଯେତେ ବଜେଟ୍ ହେଉଥିଲା, ବନ୍ୟା ଆସିଲେ ସେ ଅର୍ଥ ଖର୍ଚ୍ଚ ହେଇଯାଉଥିଲା । କେନ୍ଦ୍ର ସରକାର ଡ୍ୟାମ ସୁରକ୍ଷା ଆଇନ୍ ପ୍ରଣୟନ କରିଛନ୍ତି। ଡ୍ୟାମରେ ବାଲି ଓ ପଟୁମାଟି ଜମା ରହୁଛି, ତାକୁ କାଢିବା ପାଇଁ ଏକ କମ୍ପାନୀକୁ ଟେଣ୍ଡର ଦିଆଯାଇଥିଲା। ତେବେ ଏହା ଅଧା ପନ୍ତରିଆ ସଫା ହୋଇଥିଲା। ବାଲି ଓ ପଟୁମାଟି ସଫା ହେଲେ ଜଳ କ୍ଷମତା ବଢ଼ିବ। ହୀରାକୁଦ ଡ୍ୟାମକୁ ସଫା କରିବା ପାଇଁ ସରକାର ପଦକ୍ଷେପ ନେବେ ବୋଲି ସେ କହିଥିଲେ।

### ସଂରକ୍ଷଣ ସଂକଳ୍ପ ନେଇ କଂଗ୍ରେସର ହଟ୍ଟଗୋଳ

# ଗୃହ ବାରମ୍ବାର ମୁଲତବୀ, ପ୍ରଶ୍ନକାଳ ଧୋଇଗଲା

**୧୨ରେ ବେସରକାରୀ କାର୍ଯ୍ୟ ଦିବସରେ ଉଠିବ ପ୍ରସଙ୍ଗ**

ଭୁବନେଶ୍ୱର(ସବ୍ୟୁ): ଶୀତ ଅଧିବେଶନରେ ପ୍ରଥମ ଥର ହୋହାଲ୍ଲା ଦେଖିବାକୁ ମିଳିଛି । ଏହି ଅଧିବେଶନର ସପ୍ତମ ଦିନରେ ହଟ୍ଟଗୋଳ ପାଇଁ ଗୃହ ବାରମ୍ବାର ମୁଲତବୀ ହୋଇଛି । ସଂରକ୍ଷଣ ପ୍ରସଙ୍ଗରେ କଂଗ୍ରେସ ସଭ୍ୟଙ୍କ ହଟ୍ଟଗୋଳ ଯୋଗୁ ପ୍ରଶ୍ନକାଳ ଧୋଇଗଲା । ଶୂନ୍ୟକାଳ ବି ଚାଲିପାରିଲାନି । ସଂରକ୍ଷଣ ନେଇ କଂଗ୍ରେସ ଦଳକୁ ଏକ ସଂକଳ୍ପ ଉପସ୍ଥାପନ ପାଇଁ ବୁଧବାର ସୁଯୋଗ ମିଳିନଥିବାରୁ ଏହାର ପ୍ରତିବାଦରେ ଗୁରୁବାର ପ୍ରଶ୍ନକାଳ ଆରମ୍ଭରୁ କଂଗ୍ରେସ ହଟ୍ଟଗୋଳ କରିଥିଲା । ଗୁରୁବାର ପୂର୍ବାହ୍ନ@ ୧୦ଟା ୩୦ରେ ପ୍ରଶ୍ନକାଳ ଆରମ୍ଭରୁ କଂଗ୍ରେସ ବିଧାୟକମାନେ ଗୃହ ମଧ୍ୟ ଭାଗକୁ ଚାଲି ଆସିଥିଲେ । ହଟ୍ଟଗୋଳ ଭିତରେ ପ୍ରଶ୍ନକାଳ ଆଲୋଚନା ସ୍ୱାଭାବିକ ହୋଇପାରୁନଥିଲା । ୧୦ଟା ୪୬ରୁ ୧୧ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଲେ ବାଚସ୍ପତି । ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଲେ, ଗତକାଲି ଗୃହରେ ବେସରକାରୀ କାର୍ଯ୍ୟ ଦିବସ ଥିଲା । ଏହି ଅବଧିର ଅଧା ସମୟ ସରକାରୀ କାର୍ଯ୍ୟ ଓ ବାକି ସମୟ ବେସରକାରୀ ସଭ୍ୟଙ୍କ ବ୍ୟବହାର କରିବାକୁ ପରାମର୍ଶଦାତା କମିଟି ବୈଠକରେ ସହମତି ହୋଇଥିଲା । ମାତ୍ର ପୂରା ସମୟ କେବଳ ସରକାରୀ ବିଲ୍ ପାଇଁ ନିଆଗଲା । ବ୍ୟତିକ୍ରମ ଘଟାଇ ସନ୍ଧ୍ୟା ୭ଟାରୁ ଆଉ ୧୫ ମିନିଟ ଗୃହ ଅବଧିକୁ ବଢ଼ାଗଲା । ଆମକୁ କଥା ଦେଇ ବି ସଂକଳ୍ପ ଆଣିବାକୁ ସୁଯୋଗ ଦିଆଗଲା ନାହିଁ । ଓଡ଼ିଶା ଜନସଂଖ୍ୟାର ୪୦ ଭାଗ ଆଦିବାସୀ ଓ ଦଳିତ ଏବଂ ୫୪% ପଛୁଆବର୍ଗ । ସଂଖ୍ୟା ଅନୁପାତ ହାରରେ ଏସବୁ ବର୍ଗ ପାଇଁ ଉଚ୍ଚଶିକ୍ଷାରେ ସଂରକ୍ଷଣ ଲାଗୁ ଓ ସମ୍ବିଧାନର ନବମ ସୂଚୀରେ ଏହି ସଂଖ୍ୟାନୁପାତ ସଂରକ୍ଷଣ ବ୍ୟବସ୍ଥାକୁ ସ୍ଥାନିତ କରିବାକୁ ସଂକଳ୍ପରେ ପ୍ରସ୍ତାବ ରଖାଯାଇଥିଲା । ବିରୋଧୀ ଦଳ ସଂକଳ୍ପ ଆଣିଲେ ଯଦି ସରକାରଙ୍କୁ ସମସ୍ୟା ହେଉଛି, ତେବେ ସରକାର ନିଜେ ସଂକଳ୍ପ ଆଣନ୍ତୁ । ଆଦିବାସୀ, ଦଳିତ, ପଛୁଆବର୍ଗଙ୍କୁ ଅନ୍ୟାୟ କାହିଁକି କରାଯାଉଛି? ସରକାର ବାରମ୍ବାର ଧୋକା ଦେଉଛନ୍ତି ବୋଲି ସେ କହିଥିଲେ । କଂଗ୍ରେସ ସଭ୍ୟମାନେ ଗୃହରେ ପୁଣି ନାରାବାଜି ଆରମ୍ଭ କରିଥିଲେ । ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ କଂଗ୍ରେସ ସଦସ୍ୟମାନେ ଆସନକୁ ଫେରିନଥିଲେ । ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ସାମାଜିକ ନ୍ୟାୟ ଉପରେ ଆଲୋଚନା ହେବା କଥା । ସରକାରୀ ବିଲ୍‌କୁ ଅନ୍ୟ ଦିନକୁ ନେଇଥିଲେ କିଛି ଅସୁବିଧା ହୋଇ ନଥାଆନ୍ତା । ଯଦି ସନ୍ଧ୍ୟା ୭ଟା ୧୫ ମିନିଟ ପର୍ଯ୍ୟନ୍ତ ଗୃହ ଚାଲିପାରିଲା, ରାତି ୯ଟା ପର୍ଯ୍ୟନ୍ତ ବି ଚାଲିପାରିଥାଆନ୍ତା । କଂଗ୍ରେର ହଗୋଳ ଯୋଗୁ ବାଚସ୍ପତି ସୁରମା ପାଢ଼ୀ ୧୨ଟା ୬ ମିନିଟରୁ ୧୦ ମିନିଟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଏହାପରେ ୧୨ଟା ୧୬ରୁ ୫ ମିନିଟ, ୧୨ଟା ୨୧ରୁ ୧୨ଟା ୩୦ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଥିଲା । ୧୨ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ସହ କଂଗ୍ରେସ ସଭ୍ୟମାନେ ଉଠାଇଥିବା ପ୍ରସଙ୍ଗରେ ବାଚସ୍ପତି ସୁରମା ପାଢ଼ୀ କହିଲେ, ଆସନ୍ତା ୧୨ ତାରିଖରେ ବେସରକାରୀ ସଭ୍ୟଙ୍କ କାର୍ଯ୍ୟଦିବସରେ ଏହାକୁ ନିଆଯିବ । ବାଚସ୍ପତି ଏକଥା କହିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ।

# ର୍‍ୟାଗିଂ ଭିଡିଓ ଭାଇରାଲ ଘଟଣା ହଷ୍ଟେଲ ସିଲ୍ , ୩ ଛାତ୍ର ଗିରଫ

ଦଶପଲ୍ଲା (ସବ୍ୟୁ): ହଷ୍ଟେଲରେ ରାଗିଙ୍ଗ ଭିଡିଓ ଭାଇରାଲ ଘଟଣାରେ ପୋଲିସ ପକ୍ଷରୁ ହଷ୍ଟେଲକୁ ସିଲ କରିବା ସହ ହଷ୍ଟେଲରେ ରହି ରାଗିଂ କରିଥିବା ସଂପକ୍ତ ଦଶମ ଶ୍ରେଣୀର ୩ ଛାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ତିନି ଛାତ୍ରଙ୍କୁ ନୟାଗଡ଼ ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡ ପ୍ରିନ୍ସିପାଲ ମେମ୍ବର ବିଚାରପତି ଶ୍ରୀମତୀ ସୋନାଲି ସରିତାଙ୍କ ନିକଟରେ ହାଜର କରାଯିବା ପରେ ସେମାନଙ୍କ ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଅନୁଗୁଳ ସ୍ଥିତ ବାଲ ସୁଧାର ଗୃହକୁ ପଠାଯାଇଛି । ଅନ୍ୟ ପକ୍ଷରେ ଏହି ଘଟଣାରେ ପୋଲିସ ଥାନାକୁ ଆଣି ଅଟକ ରଖିଥିବା ହଷ୍ଟେଲ ମାଲିକଙ୍କୁ ଛାଡ଼ିଦେଇଛି । ପୋଲିସ ଏହି ଘଟଣାରେ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କ ଉପସ୍ଥିତିରେ ହଷ୍ଟେଲକୁ ସିଲ କରିବା ପରେ ହଷ୍ଟେଲରେ ଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଭିଭାବକ ମାଧ୍ୟମରେ ଘରକୁ ପଠାଇ ଦିଆଯାଇଛି । ଗିରଫ ଛାତ୍ରମାନେ ଗଣିଆ, ନରସିଂହପୁର ଓ ଫୁଲବାଣୀ ଅଞ୍ଚଳର ବୋଲି ଜଣାପଡ଼ିଛି । ଏଭଳି ଘଟଣା ଅଭିଭାବକ ମହଲରେ ଆଲୋଡନ ସୃଷ୍ଟି କରିଥିବା ବେଳେ ମୋବାଇଲରେ ଛାତ୍ରମାନଙ୍କ ଭିଡିଓ ଷ୍ଟାଟସ ହିଁ ସେମାନଙ୍କୁ ଧରାପକାଇ ଦେଲା ବୋଲି ଚର୍ଚ୍ଚା ହେଉଛି ।

## ନଦୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

କଟକ, (ସବ୍ୟୁ): ଜଗତପୁର ଥାନା ଅନ୍ତର୍ଗତ ଆଇବି ରୋଡ୍‌ସ୍ଥିତ ବିରୂପା ନଦୀରୁ ଆଜି ସକାଳେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଗତକାଲି ବିଳମ୍ବିତ ରାତିରେ ବିରୂପା ନଦୀର ପଣ୍ଡାସାହି ତୁଠରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଭୁବନେଶ୍ୱରରୁ ୫ ଜଣ ସାଙ୍ଗ କାର୍‌ରେ କଟକ ଆସିଥିବା ବେଳେ କାର୍‌ଟି ନିୟନ୍ତ୍ରଣ ହରାଇ ନଦୀ ଭିତରକୁ ପଶିଯାଇଥିଲା। ଏହି ଦୁର୍ଘଟଣାରେ ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳର ଅତୁଲ ଓରଫ ଉଦିତ ନାରାୟଣ ସାହୁ (୨୨) ନିଖୋଜ ହୋଇଯାଇଥିଲେ, ଯାହାଙ୍କ ମୃତଦେହ ଆଜି ସକାଳେ ଉଦ୍ଧାର କରାଯାଇଛି।

# ବାରବାଟୀ ମ୍ୟାଚକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ସୁରକ୍ଷା ଅଧିକାରୀଙ୍କୁ ଡିଜିପିଙ୍କ ନିର୍ଦ୍ଦେଶ

କଟକ, (ସବ୍ୟୁ):ଆସନ୍ତା ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି । ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଖେଳାଳି, ଭିଆଇପି ଓ ଦର୍ଶକଙ୍କ ସୁରକ୍ଷା ତଥା ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି । ବାରବାଟୀ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାରେ ୯ ଜଣ ଅତିରିକ୍ତ ଏସପି, ୪୦ ଡିଏସପି, ୬୫ ଇନ୍ସପେକ୍ଟର, ୩୨୫ ଏସଆଇ, ୩୮ ହାବିଲଦାର/କନଷ୍ଟେବଳ, ୨୦୮ ଏପିଆର କନଷ୍ଟେବଳ, ୭୩ ମହିଳା କନଷ୍ଟେବଳ, ୧ ୟୁନିଟ ଓଡ୍ରାଫ, ୨ ୟୁନିଟ ଏସଟିୟୁ ଏବଂ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ବାରବାଟୀ ଷ୍ଟାଡିୟମ ଓ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନାରେ ଏହି ସୁରକ୍ଷାକର୍ମୀ ମୁତୟନ ହେବେ । ଆସନ୍ତା ୭ ତାରିଖ ଦିନ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ ଟିମ ଭୁବନେଶ୍ୱରଠାରେ ପହଁଚିବେ । ୮ ତାରିଖରେ କଟକ ବାରବାଟୀ ଷ୍ଟାଡିୟମଠାରେ ଉଭୟ ଟିମ ଅଭ୍ୟାସ କରିବେ ଏବଂ ୯ ତାରିଖରେ ମ୍ୟାଚ ଅନୁଷ୍ଠିତ ହେବ । ବିମାନବନ୍ଦର,ମ୍ୟାଚ ପାଇଁ ହୋଟେଲ ଠାରୁ ଆରମ୍ଭ କରି ବାରବାଟୀ ଷ୍ଟାଡିୟମ ଏବଂ ଖେଳାଳିଙ୍କ ଯାତାୟାତ ରାସ୍ତା ଆଦି ସମସ୍ତ ସ୍ଥାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଷ୍ଟାଡିୟମ୍ ଭିତରେ ଓ ବାହାରେ ଶୃଙ୍ଖଳିତ ଆୟୋଜନ ଓ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଖେଳାଳିଙ୍କୁ ନେବା ଆଣିବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ତ୍ରୁଟି ବିଚ୍ୟୁତି ନ ହେବ ସେଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୫ ତାରିଖ ଦିନ ୧୦ଟାରୁ ଟିକେଟ ବିକ୍ରି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଭାରତୀୟ ଖେଳାଳିଙ୍କୁ ନିକଟରୁ ଦେଖିବା ନିମନ୍ତେ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବାରୁ ଟିକଟ ବିକ୍ରୟ କେନ୍ଦ୍ର ନିକଟରେ ଅସମ୍ଭବ ଭିଡ ପରିଲକ୍ଷିତ ହେବାର ସମ୍ଭାବନା ରହିଛି । ଏହି ସ୍ଥାନରେ ଭିଡ ନିୟନ୍ତ୍ରଣ ତଥା ସଠିକ ଓ ଶୃଙ୍ଖଳିତ ଭାବେ ଟିକେଟ ବିକ୍ରୟର ସୁପରିଚାଳନା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ବାରବାଟୀ ଷ୍ଟାଡିୟମ ପରିସରରେ କଟକ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଖୀଲାରୀ କ୍ରିକେଟ ମ୍ୟାଚକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନିମନ୍ତେ ସମସ୍ତ ପୋଲିସ ଅଧିକାରୀ / କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସକୁ ସବୁ କ୍ଷେତ୍ରରେ ସହଯୋଗ କରିବା ସହ ଷ୍ଟାଡିୟମ ପରିସରରେ ଶୃଙ୍ଖଳିତ ହୋଇ କ୍ରିକେଟ ମ୍ୟାଚ ଉପଭୋଗ କରିବାକୁ ଓଡିଶା ପୋଲିସ ପକ୍ଷରୁ ନିବେଦନ କରାଯାଇଛି। ହଜାର ହଜାର କ୍ରୀଡା ପ୍ରେମୀ ଏକାଠି ହେବାକୁ ଥିବା ବେଳେ କୌଣସି ପ୍ରକାର ଅଘଟଣ ଏଡାଇବାକୁ ପୋଲିସ ସଜାଗ ରହିଛି ।

### ବିଜେପି ବିଧାୟକଙ୍କ ବିବାଦୀୟ ମନ୍ତବ୍ୟ

# ବିରୋଧୀଙ୍କ ହଟ୍ଟଗୋଳରେ କମ୍ପିଲା ଗୃହ

**ଗାନ୍ଧି ମୂର୍ତ୍ତି ତଳେ ଧାରଣା ଦେଲେ ବିଜେଡି, କଂଗ୍ରେସ ସଭ୍ୟ**

ଭୁବନେଶ୍ୱର(ସବ୍ୟୁ): ବିଧାନସଭାରେ ଶାସକ ଦଳ ବିଧାୟକଙ୍କ ମାହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ନେଇ ଗୃହରେ ହଙ୍ଗମା । ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଏକ ମନ୍ତବ୍ୟରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ । ବିରୋଧୀ ସଭ୍ୟଙ୍କ ନାରାବାଜିରେ କମ୍ପିଥିଲା ଗୃହ । ଗୃହ ସ୍ୱାଭାବିକ ନହେବାରୁ ମୁଲତବୀ କରିଥିଲେ ବାଚସ୍ପତି । ଏହା ପରେ ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ ।ଶୀତ ଅଧିବେଶନର ସପ୍ତମ ଦିନରେ ସ୍ୱରାଷ୍ଟ୍ର ବିଭାଗର ଖର୍ଚ୍ଚଦାବି ଆଲୋଚନା ମଧ୍ୟାହ୍ନରେ ଆରମ୍ଭ ହୋଇଥିଲା । ପ୍ରଥମାର୍ଦ୍ଧରେ ଏହା ଅସମାପ୍ତ ରହିଥିଲା । ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଖର୍ଚ୍ଚଦାବି ଆଲୋଚନାରେ ବିଜେଡି ବିଧାୟକ ତୁଷାରକାନ୍ତି ବେହେରା, କଂଗ୍ରେସ ବିଧାୟକ ଅଶୋକ ଦାସ, ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ର ଭାଗ ନେଇଥିଲେ । ତେବେ ଏହା ପରେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ଖର୍ଚ୍ଚଦାବି ଆଲୋଚନା ଭାଗ ନେବା ସମୟରେ ଗାନ୍ଧୀଙ୍କ ସମ୍ପର୍କରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟକୁ କଂଗ୍ରେସ ଓ ବିଜେଡି ବିଧାୟକମାନେ ତୀବ୍ର ବିରୋଧ କରିଥିଲେ । ଗୃହ ମଧ୍ୟଭାଗରେ ଆସି ଧାରଣା ଦେବା ସହ ଏଭଳି ମନ୍ତବ୍ୟ ନିନ୍ଦାନୀୟ ବୋଲି ମତ ରଖିଥିଲେ । ଗୃହକରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାରୁ ଗୃହକୁ ବାରମ୍ବାର ମୁଲତବୀ କରାଯାଇଥିଲା । ଏହି ମନ୍ତବ୍ୟ ପରେ ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପଏଣ୍ଟ ଅଫ ଅର୍ଡର ମାଗିଥିଲେ । ସେ କହିଥିଲେ, ଗୃହରେ ବିଜେପି ବିଧାୟକ ଗାନ୍ଧୀଙ୍କୁ ଅପମାନିତ କରିଛନ୍ତି । ଜାତିର ପିତାଙ୍କୁ ଅପମାନିତ କରି ଗୃହକୁ ଅପବିତ୍ର କରାଯାଇଛି । ଗାନ୍ଧୀଙ୍କୁ ଦେଶର କୌଣସି ଏକ ମୁର୍ଖ ମଧ୍ୟ ନିନ୍ଦା କରିବେ ନାହିଁ । ବିଧାୟକ ଶ୍ରୀ ଖଟୁଆ ଯାହା ଆଜି କହିଲେ, ତାହା ନିନ୍ଦନୀୟ । ଏହି ମନ୍ତବ୍ୟକୁ ବିବରଣୀରୁ ବାଦ ଦେବା ସହ କ୍ଷମା ମାଗନ୍ତୁ ବୋଲି ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ । ଶ୍ରୀ ଆଚାର୍ଯ୍ୟ କହୁଥିବା ବେଳେ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟ ଭାଗକୁ ଚାଲି ଆସିଲେ । ଏହାସହ ପ୍ରବଳ ହୋହାଲ୍ଲା କରିଥିଲେ । ବାଚସ୍ପତି ସୁରମା ପାଢ଼ୀ କହିଥିଲେ, ମୁଁ ସବୁ ଶୁଣିଲି । ମତେ ବି ଖରାପ ଲାଗିଲା, ଆଉ ଏ ବିଷୟରେ ବିଚାର ବିମର୍ଶ କରି ପଦକ୍ଷେପ ନେବି । ଏହାପରେ ଗୃହକୁ ମୁଲତବୀ କରିଥିଲେ ବାଚସ୍ପତି । ଏହା ପରେ




ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ ବିରୋଧୀ ସଭ୍ୟ । ଏହି ଧାରଣାରେ ଉଭୟ କଂଗ୍ରେସ ଓ ବିଜେଡି ସଦସ୍ୟମାନେ ମୌନ ପ୍ରତିବାଦ କରିଛନ୍ତି । ଶେଷରେ ବାଚସ୍ପତି ବିଧାୟକ ଶ୍ରୀ ଖଟୁଆଙ୍କ ମନ୍ତବ୍ୟକୁ ବିବରଣୀରୁ ବାଦ ଦେବା ପରେ ଗୃହ ସ୍ୱାଭାବିକ ହୋଇଥିଲା ।

# ବରଗଡ଼ ଧନୁଯାତ୍ରା ଲାଗି ୧ କୋଟି ଆର୍ଥିକ ଅନୁଦାନ

ଭୁବନେଶ୍ୱର, (ସବ୍ୟୁ) : ବରଗଡ଼ ଧନୁଯାତ୍ରା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।


ଚଳିତ ବର୍ଷ ଡ଼ିସେମ୍ବର ୨୪ ତାରିଖରୁ ଜାନୁଆରୀ ୩, ୨୦୨୬ ରିଖ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବର ଆୟୋଜନ କରାଯିବ । ଧନୁଯାତ୍ରା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବା ସହିତ ଧନୁଯାତ୍ରାରେ ଭାଗ ନେଉଥିବା ପ୍ରାୟତଃ ୨୦୦ ଜଣ କଳାକାରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ । (ପ୍ରତ୍ୟେକ କଳାକାରଙ୍କୁ ୧୦ ହଜାର ଟଙ୍କା ସମ୍ମାନସୂଚକ ରାଶି ପ୍ରଦାନ କରାଯିବ । ପ୍ରାୟତଃ ୨୦୦ଜଣ କଳାକାରମାନଙ୍କୁ ଏହି ସମ୍ମାନସୂଚକ ରାଶି ପ୍ରଦାନ କରାଯିବ ।) ଏଥିସହିତ ଧନୁଯାତ୍ରାର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ଏଲ.ଇ.ଡ଼ି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ । ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ବାହାରର ବିଭିନ୍ନ ରାଜ୍ୟରେ ମଧ୍ୟ ଏଲ. ଇ. ଡ଼ି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବ ।

ବରଗଡ଼ ସହରର ମୁଖ୍ୟ ପ୍ରବେଶ ଦ୍ୱାରାମାନଙ୍କରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଧନୁଯାତ୍ରା ସମୟରେ ପୁରୀ ଏବଂ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଇବା ନିମନ୍ତେ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ ମଧ୍ୟ କରାଯିବ ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯିବ ଯାହା ଦ୍ୱାରା କି ସମସ୍ତ ଜନସାଧାରଣମାନେ ଅତି ସହଜରେ ସମସ୍ତ ତଥ୍ୟ ପାଇପାରିବେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବସାଇଟରେ ଏକ ଡିଜିଟାଲ କୁଇଜ ଅନୁଷ୍ଠିତ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବାର ମଧ୍ୟ ବ୍ୟବସ୍ଥା ରହିବ ।

ଧନୁଯାତ୍ରାର ସଫଳ ଆୟୋଜନ ନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ସୁରକ୍ଷା, ଅଗ୍ନିଶମ, ସ୍ୱଚ୍ଛତା, ଆଶୁ ଚିକିତ୍ସା ଏବଂ ସମସ୍ତ ପ୍ରଶାସନିକ ବନ୍ଦୋବସ୍ତକୁ ସୁନିଶ୍ଚିତ କରିବା ନିମନ୍ତେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଧନୁଯାତ୍ରା ମହୋତ୍ସବକୁ ଚଳିତ ଥର ଦିବ୍ୟ, ଭବ୍ୟ ଓ ଆଡ଼ମ୍ବରର ସହ ପାଳନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ ।

ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗର୍ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତର ଶକ୍ତି ସିଓପି ଆୟୋଜନ କରିବ ଓଡିଶା

## ଗ୍ଲୋବାଲ୍ ଏନର୍ଜି ସମ୍ମିଟ୍ ପାଇଁ ପୁରୀରେ ଏକାଠି ହେବେ ବିଶ୍ୱ ନେତୃବୃନ୍ଦ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ମାସ ୫ ତାରିଖରୁ ୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଟ (ଜିଇଏଲ୍ଏସ୍) ୨୦୨୫ ପାଇଁ ପୁରୀରେ ବିଶ୍ୱ ଏବଂ ଜାତୀୟ ଉର୍ଜା ନେତୃବୃନ୍ଦଙ୍କୁ ଆମନ୍ତ୍ରିତ କରିଛି । ଭାରତର ଦୀର୍ଘ କାଳୀନ ଉର୍ଜା ସମ୍ପର୍କିତ ଭବିଷ୍ୟତକୁ ରୂପ ଦେବା ପାଇଁ ଏକ ଗୁଣାତ୍ମକ ଆଲୋଚନା ଚକ୍ର ଦେବା ନିମନ୍ତେ ଏକ ପ୍ରଭାବୀ ମଞ୍ଚ ଭାବରେ ଏହି ସମ୍ମିଟକୁ ଡିଜାଇନ୍ କରାଯାଇଛି । ଯାହା ପ୍ରାୟ ୧୫ ଟି ଭାରତୀୟ ରାଜ୍ୟରୁ କେନ୍ଦ୍ର ସରକାରଙ୍କ ପ୍ରତିନିଧିମାନଙ୍କୁ ଏବଂ ୩୦ ରୁ ଅଧିକ ଜାତୀୟ ଏବଂ ଆନ୍ତର୍ଜାତୀୟ ଉର୍ଜା ବିଶେଷଜ୍ଞଙ୍କୁ ଏକତ୍ରିତ କରିବ । ଏହି ସମ୍ମିଟର ବିଷୟ ବସ୍ତୁ ରହିଛି, ଭାରତକୁ ଉର୍ଜା ପ୍ରଦାନ : ଯଥେଷ୍ଟ ପରିମାଣ, ସନ୍ତୁଳନ ଏବଂ ନବସୃଜନ ଏହା ଭାରତର ଉର୍ଜା ଭବିଷ୍ୟତ ପାଇଁ ଅଗ୍ରାଧିକାରଙ୍କୁ ପ୍ରତିଫଳିତ କରୁଛି । ଜିଇଏଲଏସ୍ ଏକ ଅନନ୍ୟ ମଞ୍ଚ ଯାହା ବିଭିନ୍ନ ରାଜ୍ୟକୁ ଉର୍ଜା କ୍ଷେତ୍ରରେ ହାସଲ କରିଥିବା ଅଧ୍ୟୟନ ଲବ୍ଧ ଜ୍ଞାନକୁ ଜଣାଇବା ଓ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡିକ ଉପରେ ବିଚାର ବିମର୍ସ କରିବା ପାଇଁ ମଧ୍ୟ ସୁଯୋଗ ପ୍ରଦାନ କରିବା । ଏହି ଅଧିବେଶନ ଗୁଡିକ ଉର୍ଜା ନେତୃବୃନ୍ଦମାନଙ୍କୁ ଉର୍ଜା ସମ୍ପର୍କିତ କାରବାର, ଉର୍ଜାର ସଂରକ୍ଷଣ, ପରମାଣୁ ଉର୍ଜା ଉତ୍ପାଦନ, ତଥ୍ୟ ପ୍ରଦାନ, ଏଆଇ ଗ୍ରିଡ୍ ସୁରକ୍ଷା ବ୍ୟବହାର ଇତ୍ୟାଦି ବୈଶୟିକ ଏବଂ ଭବିଷ୍ୟତ ବିଷୟ ଉପରେ ବିଶେଷଜ୍ଞଙ୍କ ସହ ଆଲୋଚନାର ସୁଯୋଗ ପ୍ରଦାନ କରିବା । ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ବିଶ୍ୱ ବ୍ୟାପି ଦ୍ରୁତ ପରିବର୍ତ୍ତନର ଏହି ମୁହୁର୍ତ୍ତରେ ଉର୍ଜା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେବା ପାଇଁ ଓଡିଶାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଜିଇଏଲଏସ୍ ୨୦୨୫ ଭାରତର ଉର୍ଜା କ୍ଷେତ୍ର ପାଇଁ ଏକ ସିଓପି ଭାବେ କାର୍ଯ୍ୟ କରିବ । ସୁରକ୍ଷିତ, ଦୀର୍ଘସ୍ଥାୟୀ ଏବଂ ଭବିଷ୍ୟତ ଉପଯୋଗୀ ଉର୍ଜା ବ୍ୟବସ୍ଥା ନିମନ୍ତେ ଭାରତର ମାର୍ଗକୁ ପ୍ରସସ୍ଥ କରିବ । ଶକ୍ତିବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ କହିଛନ୍ତି, ଏହି ସମାବେଶ କରିବା ପାଇଁ ଓଡିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ । ଭାରତର ଉର୍ଜା




ସଂସ୍କାରର ଆଗାମୀ ଦଶନ୍ଧି କେବଳ କ୍ଷମତା ବୃଦ୍ଧି ନୁହେଁ ବରଂ ଅନୁଷ୍ଠାନ ଗୁଡିକ ସୁଦୃଢ କରିବା, ସମନ୍ୱୟରେ ଉନ୍ନତି ଆଣିବା ଏବଂ ରାଜ୍ୟ ଗୁଡିକ ମଧ୍ୟରେ ସହଯୋଗ ସୃଷ୍ଟି କରିବା ଦ୍ୱାରା ପରିଭାଷିତ ହେବ । ବିଦ୍ୟୁତ୍ ସଂସ୍କାର ଆଣିବାରେ ଓଡିଶା ଭାରତର ପ୍ରଥମ ରାଜ୍ୟ ଥିଲା । ପ୍ରଥମ ଜିଇଏଲ୍ଏସ୍ ଆୟୋଜନ କରି ରାଜ୍ୟ ଏହି ପରମ୍ପରାକୁ ଜାରି ରଖିଛି । ଏହି ସମାବେଶରେ ବିଶ୍ୱ ତଥା ଜାତୀୟ ନେତୃବୃନ୍ଦଙ୍କ ପ୍ରମୁଖ ଦଳ ଉପସ୍ଥିତ ରହିବେ । ମୁଖ୍ୟ ବକ୍ତାମାନଙ୍କ ମଧ୍ୟରେ ଭାରତ- ୟୁରୋପୀୟ ସଂଘ ବାଣିଜ୍ୟ ପରିଷଦର ଅଧ୍ୟକ୍ଷା ତଥା ସୁଇଡେନ୍ ସରକାରଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶକୁ ଶ୍ରୀମତି ଲେନା ବେକର, ଆନ୍ତର୍ଜାତୀୟ ଅକ୍ଷୟ ଶକ୍ତିର ଏଜେନ୍ସିର ଡେପୁଟି ଡାଇରେକ୍ଟର ଜେନେରାଲ ସୁଶ୍ରୀ ଗୌରୀ ସିଂ, ଟୋନି ବ୍ଲେୟାର ଇନ୍ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ଚେଞ୍ଜ୍ର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଏରେ ନୋଏଲ୍, ଟାଟା ପାୱାରର ସିଇଓ ପ୍ରବୀର ସେନା, ସେଣ୍ଟର ଫର ଏନର୍ଜି ରେଗୁଲେସନ ଏବଂ ଏନର୍ଜି ଆନାଲିଟିକ୍ସ ଆଇଆଇଟି କାନପୁରର ମୁଖ୍ୟ ପ୍ରଫେସର ଅନୁପ ସିଂ, ଆମେରିକାର ଇନଷ୍ଟିଚ୍ୟୁଟ୍ ଫର ଏନର୍ଜି ଇକୋନୋମିକ୍ସ ଆଣ୍ଡ ଫାଇନାନ୍ ସିଆଲ୍ ଆନାଲିସିସର ଦକ୍ଷିଣ ଏସିଆ ନିର୍ଦ୍ଦେଶକ ସୁଶ୍ରୀ ବିଭୁତି ଗର୍ଗ ଏବଂ ଏନ୍ଟିୟୁ ସିଙ୍ଗାପୁରର ଏନର୍ଜି ରିସର୍ଚ ଇନ୍ଷ୍ଟିଚ୍ୟୁଟ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଶ୍ରୀନିବାସନ ମାଧବି ମଧ୍ୟ ଉପସ୍ଥିତ ରହିବେ । ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭିଆର୍ ସୁବ୍ରମଣିୟମ୍ ମଧ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଭାବରେ ଅଭିଭାଷଣ ପ୍ରଦାନ କରିବେ ଓ ପୂର୍ଣ୍ଣାଙ୍ଗ ଅଧିବେଶନରେ ଯୋଗ ଦେବେ । ଏମାନଙ୍କ ସହିତ କ୍ଷତ୍ରିୟ ବିଶେଷଜ୍ଞ କାର୍ଯ୍ୟକ୍ରମରେ ଯୋଗ ଦାନ କରିବେ । ଉଚ୍ଚ ସ୍ତରୀୟ ଦୃଷ୍ଟି କୋଣ ପ୍ରଦାନ କରିବେ । ଏହି ସମାବେଶରେ ରାଜ୍ୟ ସରକାରଙ୍କ ସମେତ କେନ୍ଦ୍ର ଶକ୍ତି ଓ ନବୀନ ନବୀକରଣୀୟ ଶକ୍ତି ମନ୍ତ୍ରାଣାଳୟର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ । ଏଥିରେ କେନ୍ଦ୍ର ଶକ୍ତି ମନ୍ତ୍ରୀ ପ୍ରହଲାଦ ଯୋସୀ ଏହି ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ, ଦିଲ୍ଲୀ ଏନ୍‌ସିଟି ସରକାରଙ୍କ ଶକ୍ତିମନ୍ତ୍ରୀ ଆଶିଷ ସୁଦ୍ଧ, ମିନୋଜରାଜ ଶକ୍ତି ଓ ବିଦ୍ୟୁଦ୍ ବିଭାଗ ମନ୍ତ୍ରୀ ଏଫ୍ ରୋଙ୍ଗିଲିୟାନା, ରାଜସ୍ଥାନର ଶକ୍ତି ରାଷ୍ଟ୍ରମନ୍ତ୍ରୀ ହିରାଲାଲ୍ ନାଗର, କେନ୍ଦ୍ର ଶକ୍ତିମନ୍ତ୍ରାଣାଳୟର ସଚିବ ପଙ୍କଜ ଅଗ୍ରୱାଲ୍ ଏବଂ କେନ୍ଦ୍ର ନବୀନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ ଷଡଙ୍ଗି ଉପସ୍ଥିତ ରହିବେ ।

ଏହି ସମାବେଶକୁ ୬ ତାରିଖ ଦିନ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ , ପ୍ରଭାତି ପରିଡା ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିବେ ।

## ଧାନକିଣା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କିସାନ କଂଗ୍ରେସର ଦାବିପତ୍ର

ପୁରୀ, (ସବ୍ୟୁ) : ଓଡ଼ିଶା ପ୍ରଦେଶ କିସାନ କଂଗ୍ରେସ ପୁରୀ ଜିଲ୍ଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଚାଷୀ, ଚାଷ ଓ ଭାଗଚାଷୀଙ୍କର ସମସ୍ୟା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଛି । ଓଡିଶାରେ ଖରିଫ୍ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏବେ ରାଜ୍ୟରେ ମିଲର ଓ ସରକାରଙ୍କ କଳି ପଦାକୁ ଆସିଛି । ଏହା କଳି ନା କୋଳାକୋଳି ନୀତି ବୋଲି ଚାଷୀ ସନ୍ଦେହ ପ୍ରକାଶ କରିଛି । ସବୁ ଦିଗରୁ ଚାଷୀ ଏ ସରକାର ସମୟରେ ଏକ ଗମ୍ଭୀର ପରିସ୍ଥିତି ମଧ୍ୟରେ କାଳ କାଟୁଛି । ସରକାର ଯାହା ପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି । ତେଣୁ ପ୍ରଦେଶ କିଷାନ କଂଗ୍ରେସ ଦାବୀ କରା ଯାଇଛି ଯେ ଉଭୟ ସରକାରୀ ଓ ବିରୋଧୀ ଦଳର ମାନ୍ୟବର ସଦସ୍ୟମାନେ ଏକ ହୋଇ ଚାଷ,ଚାଷୀ ଓ ଭାଗଚାଷୀ ମାନଙ୍କର । ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ । କିଷାନ ଙ୍କ କଂଗ୍ରେସର ପକ୍ଷରୁ କରା ଯାଇ ଥିବା ତିନୀ ଗୋଟି ଦାବୀ ପୁରଣ ହେଲେ ଚାଷୀ ସମସ୍ୟା ମୁକ୍ତ ହୋଇ ପାରିବ । କଂଗ୍ରେସ ପକ୍ଷରୁ କରାଯାଇଥିବା ଦାବି ଗୁଡ଼ିକ ହେଲା



ସରକାର ଧାନ କିଣନ୍ତୁ । ବିନା କଟଣୀ ଛଟଣି ଓ ବିନା ମାନ ନିର୍ଦ୍ଧାରଣରେ ସରକାର ଚାଷୀ ଓ ଭାଗ ଚାଷ ଚାଷୀଙ୍କର ସମସ୍ତ ବଳକା ଧାନ କିଣନ୍ତୁ । ଫସଲ ବୀମାରେ ଥିବା ସମସ୍ତ ଅସଙ୍ଗତି ଦୂର କରି ଚାଷୀ ପରିବାରକୁ ସ୍ୱାସ୍ଥ୍ୟ ହ୍ୟ ବିମାଭୁକ୍ତ କରନ୍ତୁ । ୫୫ ବର୍ଷ ପରେ ଚାଷୀ ଓ ଭାଗ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ କରନ୍ତୁ । ନୂଆହାଟ ସ୍ଥିତ ପାନ ମଣ୍ଡିର ଇ-ନିଲାମ ପ୍ରକ୍ରିୟାକରଣକୁ ଯଥା ଶୀଘ୍ର କାର୍ଯ୍ୟକାରୀ କରାଯାଉ । କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଙ୍ଗ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ କିଷାନ କଂଗ୍ରେସର ଜିଲ୍ଲା ଅଧକ୍ଷ ସ୍ମୃତି ରଂଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ଅବିନାଶ ମିଶ୍ର, ରଜତ କୁମାର ସାହୁ, ତୁଷାରକାନ୍ତ ନାୟକ, କୃଷ୍ଣଚନ୍ଦ୍ର ଦାଶ, ଅର୍ଜୁନ ସାହୁ, ସୌମ୍ୟକାନ୍ତ ପ୍ରଧାନ, ପ୍ରକାଶ କୁମାର ପ୍ରଧାନ, ଜିବେଶ ଚନ୍ଦ୍ର ରଥ, ପବିତ୍ର ମୋହନ ସାହୁ, ଉମାକାନ୍ତ ବେହେରା, ସୁରେନ୍ଦ୍ର ପାଇକରାୟ, ରଂଜିତ କୁମାର ପଟ୍ଟନାୟକ, ସୁଧାକର ଦଳେଇ, ଦେବାଶିଷ ସାହୁ, ଭଗବାନ ଦଳେଇ, ପ୍ରଦିପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ପରେ ପୁରୀରେ ନିଶା ବେପାରୀ ଘର ଉପରେ ବୁଲିଲା ବୁଲଡୋଜର

ପୁରୀ, (ସବ୍ୟୁ) : ସରକାରୀ ଜମି ଉପରେ ବେଆଇନ ଭାବେ କବଜା କରି ସେଠାରେ ଗୃହ ନିର୍ମାଣ କରି ନିଶା ବେପାରୀ କରୁ ଥିବା ଜଣେ ମହିଳା ନିଶା ବେପାରୀ ଗୃହକୁ ଗୁରୁବାର ଦିନ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବୁଲଡୋଜର ଦ୍ୱାରା ଉଚ୍ଛେଦ କରାଯାଇଛି । ବେଆଇନ ନିଶା କାରବାର କରୁଥିବା ବେପାରୀମାନଙ୍କୁ ସାବାଡ କରିବା ପାଇଁ ପୋଲିସ ପକ୍ଷରୁ ଏହି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ନିଶା ବେପାରୀ ଘର ଉପରେ ବୁଲଡୋଜର ବୁଲି ଥିଲା । ଯାହା ସହରରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ବୁଲଡୋଜର ବୁଲିବାର



କିଛି ସମୟ ମଧ୍ୟରେ ମାଟିରେ ମିଶିଛି ନିଶା ବେପାରୀଙ୍କ ଗୋଟିଏ ଦୋକାନ ସମେତ ୪ ଟି ଘର । ଭୁବନେଶ୍ୱର ପରେ ପୁରୀରେ ପ୍ରଥମଥର ପାଇଁ ପୁରୀ ପୋଲିସର ଏହା ହେଉଛି ବଡ଼ ପଦକ୍ଷେପ ।ସୂଚନା ଯୋଗ୍ୟ ଯେ ପୁରୀ ସଦର ଥାନା ଅନ୍ତର୍ଗତ ଅଠରନଳା ନୀଳଚକ୍ର ନଗରରେ ସୁକାନ୍ତି ପଣ୍ଡା ନାମ୍ନୀ ଜଣେ ମହିଳା ସରକାରୀ ଜମି ଉପରେ ବେଆଇନ ଭାବେ ଦଖଲ କରି ଘର କରି ରହୁ ଥିଲେ । କିଛିଦିନ ତଳେ ୨ ଶହ ଗ୍ରାମ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ସୁକାନ୍ତି ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି । ପୁରୀକୁ ନିଶାମୁକ୍ତ କରିବାକୁ ପୋଲିସର ଜାରି ରହିଛି ଅପରେସନ "ଚକ୍ର" । ସରକାରୀ ଜାଗାରେ ଜୋର ଜବରଦସ୍ତ ଘର କରି ସେଠାରେ ନିଶା କାରବାର ଚଳାଉଥିଲେ ସୁକାନ୍ତି । ଏହି ଖବର ପୋଲିସ ନିକଟରେ ପହଞ୍ଚି ଥିଲା । ନିଶା କାରବାର ରୋକିବା ପାଇଁ ପୁରୀ ପୋଲିସ ପକ୍ଷରୁ ଅପରେସନ ଚକ୍ର ଜାରୀ ରହିଛି । ଏହି ପରିପ୍ରେକ୍ଷୀରେ ପୁରୀର ପ୍ରବେଶ ପଥ ଅଠରନଳା ନିକଟ ନୀଳଚକ୍ର ନଗରରେ ସରକାରୀ ଜାଗା ଜବରଦଖଲ କରି ଦୀର୍ଘ ଦିନ ହେବ ଧଳା ଜହର କାରବାର କରୁଥିଲେ ।ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗୋଟିଏ ଦୋକାନ ସହ ୪ ଟି ଘର ଭଙ୍ଗାଯାଇଛି । ନିଶାବେପାରୀଙ୍କ ଘର ଉପରେ ବୁଲିଛି । ବୁଲଡୋଜର । ନିଶା ବେପାରୀଙ୍କ ବିରୁଦ୍ଧରେ ଜିରୋ ଟଲେରାନ୍ସ ନୀତି ଆପଣାଇଛି ପୁରୀ ପୋଲିସ । ନୀଳଚକ୍ର ନଗରର ବ୍ରାଉନ ସୁଗାର ବେପାରୀ ସୁକାନ୍ତି ପଣ୍ଡା ନିଜ ଜ୍ୱାଇଁ ଟିକି ଖାଁଙ୍କ ସହ ମିଶି ବ୍ରାଉନ ସୁଗାର୍ ବେପାର କରୁଥିଲେ । ଚାରି ଚାରୋଟି ଘର ଉପରେ ଚାଲି ଥିଲା ବୁଲଡ୍ଜୋଜର । ବେଆଇନ ଭାବରେ ନିର୍ମାଣ କରିଥିବା ଘର ଭଙ୍ଗାଗଲା ଏବଂ ଏହା ଅପରେସନ ଚକ୍ରର ନିଶାଡିଙ୍କ ଉପରେ ଜିରୋ ଟଲେରାନ୍ସ ନୀତି । ସମସ୍ତ ଥାନାର ତାଲିକା ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ପୁରୀ ଏସ୍ପି ପ୍ରତୀକ ସିଂ ଯାହାକୁ ନେଇ ସ୍ୱାଗତ କରିଛନ୍ତି ସ୍ଥାନୀୟ ମହିଳା ଓ ବୁଦ୍ଧିଜୀବୀ ।

## ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ ପାଇଁ ବିଜେପି ବିଧାୟକ କ୍ଷମା ମାଗନ୍ତୁ : ବିଜେଡି

ଭୁବନେଶ୍ୱର,(ସବ୍ୟୁ) : ବିଜେପି ବିଧାୟକ ସନ୍ତୋଷ ଖଟୁଆ ବିଧାନସଭାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଅଶାଳୀନ ଓ ଅଶୋଭନୀୟ ମନ୍ତବ୍ୟକୁ ବିଜେଡି କଡା ଭାଷାରେ ନିନ୍ଦା କରିଛି । ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ବିଜେପି ବିଧାୟକ ଶ୍ରୀ ଖଟୁଆ ବିଧାନସଭାର ପବିତ୍ର ଗୃହ ମଧ୍ୟରେ ଦେଇଥିବା ଅରୁଚିକର ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ ଦେଉଛି । ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ସମଗ୍ର ଦେଶରେ ମହାତ୍ମା ଗାନ୍ଧୀ ଜାତିର ପିତା ଭାବେ ପୂଜା ପାଉଥିଲା ବେଳେ ବିଜେପି ବିଧାୟକଙ୍କର ଏହି ଦେଶ ବିଭାଜନକାରୀ ମନ୍ତବ୍ୟ ପ୍ରତ୍ୟେକ ସଚେତନ ନାଗରିକଙ୍କ ମନରେ ଗଭୀର ଆଘାତ ପହଞ୍ଚାଇଛି । ଏଥିପାଇଁ ରାଜ୍ୟବାସୀ ନିକଟରେ ଶ୍ରୀ ଖଟୁଆ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି ।



ଭାରତ ସେବାଶ୍ରମ ସଂଘ ଭୁବନେଶ୍ୱର ଶାଖାର ମୁଖ୍ୟ ସ୍ୱାମୀ ଜଗନ୍ନାଥାନନ୍ଦ ଙ୍କୁ ଭେଟି ଆଶୀର୍ବାଦ କାମନା କରୁଛନ୍ତି ଶିବସେନା ରାଜ୍ୟ ଶାଖାର ସଭାପତି ରୁଦ୍ରନାରାୟଣ ଜିତ୍ ବାବୁ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ସନ୍ତୋଷ କୁମାର ପ୍ରଧାନ ।

## ଚାକିରି ଦେବାକୁ କହି ୬୩.୫୯ ଲକ୍ଷ ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିଜକୁ ନାଲ୍‌କୋର ବରିଷ୍ଠ ଅଫିସର କହି ଚାକିରି ଦେବା ବାହାନାରେ ୬୩.୫୯ ଲକ୍ଷ ଠକେଇ କରିଥିବା ଦମ୍ପତିଙ୍କୁ ଗିରଫ କରିଛି ସାଇବର ଥାନା ପୋଲିସ । ଅଭିଯୋଗକାରୀ ଅଭିଷେକ ମହାନ୍ତିଙ୍କୁ ଅଭିଯୁକ୍ତ ସନ୍ତୋଷ କୁମାର ବରଦା ନାଲ୍‌କୋର ଜଣେ ବରିଷ୍ଠ ଅଫିସର ବୋଲି ପରିଚୟ ଦେଇଥିଲା । ତାଙ୍କ ସହିତ ହ୍ୱାଟ୍ସଆପ୍ ଏବଂ ମୋବାଇଲ କଲ୍ ମାଧ୍ୟମରେ ଯୋଗାଯୋଗ କରିଥିଲା । ଅଭିଯୁକ୍ତ ଦମ୍ପତି ନାଲ୍‌କୋ ଫର୍ମାଟ ଥିବା ନକଲି ଡକ୍ୟୁମେଣ୍ଟ, ନାଲ୍‌କୋ କାର୍ଯ୍ୟାଳୟ ଭିତରର ଫଟୋଗ୍ରାଫ୍ ସହିତ ନାଲ୍‌କୋ ପରିସରରୁ ଲୋକେସନ ପିନ୍ ସେୟାର କରି ଅଭିଯୋଗକାରୀଙ୍କ ବିଶ୍ୱାସଭାଜନ ହୋଇଥିଲେ । ସେମାନେ ଅଭିଯୋଗକାରୀଙ୍କ ପରିଚିତ ବ୍ୟକ୍ତିଙ୍କ ପାଇଁ ଦିଲ୍ଲୀ ଏବଂ ଭୁବନେଶ୍ୱରରେ ଥିବା ନାଲ୍‌କୋ କାର୍ଯ୍ୟାଳୟର ଗ୍ରସ୍ତ ବ୍ୟବସ୍ଥା କରିଥିଲେ । ଯେଉଁଥିରେ ନକଲି ଡକ୍ୟୁମେଣ୍ଟ ସ୍ୱାକ୍ଷର ଏବଂ ବାୟୋମେଟ୍ରିକ୍ ପ୍ରକ୍ରିୟା ହୋଇଥିଲା । ଯାହାଦ୍ୱାରା ପୀଡିତ ବ୍ୟକ୍ତି କାମ ଅର୍ଡରର ସତ୍ୟତା ଉପରେ ବିଶ୍ୱାସ କରିଥିଲେ । ଏହିସବୁ ତଥ୍ୟକୁ ସତ୍ୟ ବୋଲି ଭାବି ଅଭିଯୋଗକାରୀ ନିଜ ଆଇସିଆଇସିଆଇ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟରୁ ତିନୋଟି କିସ୍ତିରେ ଟଙ୍କା ଦେଇଥିଲେ । ଆର୍‌ଟିଜିଏସ୍ ମାଧ୍ୟମରେ ୬୩ ଲକ୍ଷ ୫୯ ହଜାର ୧୯୦ ଟଙ୍କା ଅଭିଯୁକ୍ତଙ୍କ ନିୟନ୍ତ୍ରଣରେ ଥିବା ଅରୋଶ୍ରୀ ଷ୍ଟିଲ୍ ଡେଭଲପମେଣ୍ଟ ସେଣ୍ଟର ପ୍ରାଇଭେଟ୍ ଲିମିଟେଡ୍ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ । ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା କରିବା ପରେ ସେମାନେ ନାଲ୍‌କୋ ଫର୍ମାଟିଙ୍ଗ ଥିବା ଜାଲ୍ ଡକ୍ୟୁମେଣ୍ଟ ଏବଂ ନକଲି କାର୍ଯ୍ୟ ଅର୍ଡର ବ୍ୟବହାର କରିବା ସହ ପରିଚୟ ଜାଲିଆତି କରିଥିବା ଜଣାପଡିଥିଲା । ତଦନ୍ତ ସମୟରେ ପ୍ରାସଙ୍ଗିକ ଡକ୍ୟୁମେଣ୍ଟ, ନକଲି ରେକର୍ଡ, ଇଲେକେଟ୍ରୋନିକ୍ସ ଡିଭାଇସ୍, ବ୍ୟାଙ୍କ ରେକର୍ଡ, ଚେକ୍‌ବୁକ୍, ମୋବାଇଲ ଫୋନ୍ ଏବଂ ସେମାନଙ୍କ ଦ୍ୱାରା ବ୍ୟବହୃତ ଯାନବାହନ ଜବତ କରାଯାଇଛି । ଅଭିଯୁକ୍ତମାନେ ଏକ ସଙ୍ଗଠିତ ସିଣ୍ଡିକେଟ୍ ଭାବରେ କାର୍ଯ୍ୟ କରୁଥିବା ତଦନ୍ତରୁ ଜଣାପଡିଛି । ପରିଚୟ ଜାଲିଆତି, ଠକେଇ, ଜାଲ୍ ଇଲେକେଟ୍ରୋନିକ୍ସ ରେକର୍ଡ ସୃଷ୍ଟି, କର୍ପୋରେଟ ପରିଚୟ



ଅପବ୍ୟବହାର ଏବଂ ଉଚ୍ଚ ମୂଲ୍ୟର କମର୍ସିଆଲ୍ କାରବାର ଠକେଇରେ ସମ୍ପୃକ୍ତ ଥିଲେ । ସେମାନଙ୍କ କାର୍ଯ୍ୟକଳାପ ବହୁ ସ୍ଥାନକୁ ବ୍ୟାପିବା ସହ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ହେରଫେରକୁ ପ୍ରଭାବିତ କରିଥିଲା । ପ୍ରାଥମିକ ପ୍ରମାଣ ଆଧାରରେ ଅପରାଧ ସ୍ପଷ୍ଟ ପ୍ରତୀତ ହେବାରୁ ଆଇନ ସମ୍ମତ ପ୍ରକ୍ରିୟା ପାଳନ କରି ସ୍ୱାମୀ ସନ୍ତୋଷ କୁମାର ବରଦା (୪୬) ଓ ସ୍ତ୍ରୀ ଗୀତାଞ୍ଜଳି ବରଦା (୪୧) କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦମ୍ପତିଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅତିରିକ୍ତ ପୀଡିତ ଆର୍ଥିକ ଟ୍ରାଏଲ ଏବଂ ଅନ୍ୟ ସମ୍ଭାବ୍ୟ ସହଯୋଗୀଙ୍କ ସମ୍ପୃକ୍ତି ଚିହ୍ନଟ ପାଇଁ ତଦନ୍ତ ଜାରି ରହିଛି । ସେମାନଙ୍କ ନିକଟରୁ ଠକେଇରେ ବ୍ୟବହୃତ ବିଭିନ୍ନ କାଗଜପତ୍ର ଜବତ ହୋଇଥିବା ସାଇବର ଥାନା ସୂତ୍ରରୁ ପ୍ରକାଶ ।

## ପ୍ରବୋଧ ସ୍ୱାଇଁଙ୍କୁ ପ୍ରିୟଙ୍କା ଗାନ୍ଧୀ ସଙ୍ଗଠନର ରାଜ୍ୟ ସଭାପତି ଦାୟିତ୍ୱ

 କଟକ,(ସବ୍ୟୁ) ପ୍ରିୟଙ୍କା ଗାନ୍ଧୀ ସଙ୍ଗଠନ ଅଲ୍ ଇଣ୍ଡିଆର ରାଜ୍ୟ ସଭାପତି ଭାବେ ପ୍ରବୋଧ କୁମାର ସ୍ୱାଇଁ ନିଯୁକ୍ତି ପାଇଛନ୍ତି । ସଂଗଠନର ରାଷ୍ଟ୍ରୀୟ ଉପସଭାପତି ତଥା ସଂଯୋଜକ ଜିୱାଇ ବିଶ୍ୱାସଙ୍କ ଅନୁମୋଦନ କ୍ରମେ ପିଜିଏସଏଆଇର ପ୍ରତିଷ୍ଠାତା ତଥା



ରାଷ୍ଟ୍ରୀୟ ସଭାପତି କମଳଜିତ ସିଂହ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ଶ୍ରୀ ସ୍ୱାଇଁ କଂଗ୍ରେସର ବିଭିନ୍ନ ପଦପଦବୀରେ ପୂର୍ବରୁ ରହି ଆସିଥିଲା ବେଳେ ଏହି ନିଯୁକ୍ତି ଆଗକୁ କଂଗ୍ରେସ କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ।

## ଡକାୟତି ଯୋଜନା : ୪ ଗିରଫ, କଟୁରୀ, ଖଣ୍ଡା ଜବତ

ଭୁବନେଶ୍ୱର, (ସବ୍ୟୁ) : ଦଳେ ଡକାୟତି ଯୋଜନା କରୁଥିବା ଚନ୍ଦ୍ରଶେଖରପୁର ଥାନା ପୋଲିସ ଜାଣିବା ପରେ ସେଠାରେ ଚଢାଉ କରି ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦୁଇଟି




ଖଣ୍ଡା, କଟୁରି, ଲଙ୍କାଗୁଣ୍ଡ ଓ ଗାଡି ପ୍ରଭୃତି ଜବତ କରିଛନ୍ତି । ବୁଧବାର ରାତିରେ ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ରାତ୍ରିର ପାଟ୍ରୋଲିଂ କରୁଥିବା କର୍ମଚାରୀମାନେ ରାତି ପ୍ରାୟ ସାଢେ ୩ଟା ବେଳେ ପଟିଆ ବରାଦେଇ ମନ୍ଦିର ନିକଟସ୍ଥ ଖୋଲା ପଡିଆରେ ଚଢାଉ କରି ୪ଜଣଙ୍କୁ ଗିରଫ କରିଥିଲେ । ସେମାନେ ମାରଣାସ୍ତ୍ରରେ ସଜ୍ଜିତ ଥିବା ପୋଲିସ ଦେଖିବାରୁ ସତର୍କତା ସହ ସେମାନଙ୍କୁ କାବୁ କରିନେଇଥିଲେ । ଘଟଣାସ୍ଥଳରୁ ଦୁଇଜଣ ଖସିଯିବାରେ ସମର୍ଥ ହୋଇଥିବା ପୋଲିସ କହିଛି । ସମୁଦାୟ ସେଠାରେ ୬ଜଣ ପଥଚାରୀଙ୍କ ଠାରୁ ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବୁଦ୍ଧଦେବ ବାରିକ ଓରଫ ଗୁଡ୍ଡୁ (୨୦), ଲକି ସୋରେନ ଓରଫ ପରଦେଶୀ (୧୯), ସାଗର ବିଶୋୟୀ (୨୬) ଓ କରୁଣାକର ଦିଗାଲ (୨୪) । ସାଗର ଓ କରୁଣାକର ଘର ଭୁବନେଶ୍ୱର ବସ୍ତିରେ ହୋଇଥିବା ବେଳେ ବୁଦ୍ଧଦେବ ଘର ଦାରୁଠେଙ୍ଗ ଓ ଲକି ଘର ଇଞ୍ଜଣା ଗ୍ରାମରେ ବୋଲି ପୋଲିସ କହିଛି । ୪ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବିପର୍ଯ୍ୟୟ ପରିଚାଳନା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ବୈଠକ

ଭୁବନେଶ୍ୱର, (ସବ୍ୟୁ) : ବିପର୍ଯ୍ୟୟ ପରିଚାଳନା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ୨୦୨୫-୨୬ ବର୍ଷର ୧ମ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ହ୍ରାସ ପାଣ୍ଠି (ଏସଡିଏମଏଫ୍)କୁ ନେଇ ଗଠିତ ରାଜ୍ୟ ବିପର୍ଯ୍ୟୟ ଆପଦ ପରିଚାଳନା ପାଣ୍ଠି (ଏସଡିଆରଏମଏଫ୍) ଅଧିନରେ ରହିଥିବା ଅର୍ଥ ଓ ୨୦୨୫-୨୬ ଆର୍ଥିକ ବର୍ଷର ଖର୍ଚ୍ଚ ଅନୁମୋଦନ ସଂପର୍କରେ ଆଲୋଚନା କରାଯାଇଥିଲା । ଗତ ମାର୍ଚ୍ଚ ମାସ ଠାରୁ ନଭେମ୍ବର ୨୮ ତାରିଖ ମଧ୍ୟରେ ହୋଇଥିବା ରାଜ୍ୟରେ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବାବଦକୁ ହୋଇଥିବା ଜରୁରୀ ଖର୍ଚ୍ଚ ସଂପର୍କିତ ଓପଚାରିକ ଅନୁମୋଦନ କରାଯାଇଥିଲା । ବୈଠକରୁ ଜଣାଯାଇଛି ଯେ, ୨୦୨୫-୨୬ ବର୍ଷରେ ଏସଡିଆରଏମଏଫ୍‌ରୁ ମୋଟ ୩୯୧.୪୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ବୈଠକରେ ପ୍ରସ୍ତାବିତ ଅନୁମୋଦନ ନିମନ୍ତେ ରହିଥିବା କାର୍ଯ୍ୟ ମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ପ୍ରତିକାରାତ୍ମକ ବ୍ୟବସ୍ଥା ପାଇଁ ଦିଆଯାଇଥିବା ସଂଶୋଧିତ ଅତିରିକ୍ତ ଖର୍ଚ୍ଚ ମଂଜୁର କରାଯିବା, ବିଭିନ୍ନ ଜିଲ୍ଲାରେ ବଜ୍ରପାତରୁ ରକ୍ଷା ନିମନ୍ତେ ପ୍ରତିକାରାତ୍ମକ ବ୍ୟବସ୍ଥା ପାଇଁ ଆର୍ଥିକ ସହାୟତା ଏବଂ ଜଙ୍ଗଲ ନିଆଁ ରୋକିବାରେ ଆପଦ ପରିଚାଳନା ପାଇଁ ଓସଡମା ତରଫରୁ ଦିଆଯାଇଥିବା ଆର୍ଥିକ ମଂଜୁରୀ ପ୍ରସ୍ତାବକୁ ଅନୁମୋଦନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା । ପୁରୀ ଓ ଚିଲିକା ବନ୍ୟପ୍ରାଣୀ



ଡିଭିଜନ ଅଂଚଳମାନଙ୍କରେ ଲଗାଯାଇଥିବା ବାତ୍ୟା ପ୍ରତିରୋଧୀ ଝାଉଁଗଛଗୁଡ଼ିକର ୩ୟ ବର୍ଷ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ଅନୁମୋଦନ, ଶକ୍ତି ବିଭାଗ ପକ୍ଷରୁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଶକ୍ତି ବିଭାଗ ପକ୍ଷରୁ ମଧ ପାହାଳ ଠାରେ ୨୨୦ କେ.ଭି. ଗ୍ୟାସ ଇନ୍ସୁଲେଡ୍ ସୁଇଚଗିଅର ଗ୍ରୀଡ୍ ସବ୍ ଷ୍ଟେଟନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଯାହାକି ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭୁବନେଶ୍ୱର ଓ କଟକ ସହରରେ ବିଦ୍ୟୁ ସରବରାହ ବ୍ୟବସ୍ଥାରେ ବିଶ୍ୱସନୀୟ ସେବା ପ୍ରଦାନରେ ସହାୟତା କରିବ । ଏହା ବ୍ୟତୀତ ଶକ୍ତି କ୍ଷେତ୍ରରେ ଅନ୍ୟ କେତେକ ଜିଲ୍ଲାରେ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ପ୍ରସ୍ତାବ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯାଇଥିଲା । ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ବନ୍ୟା ଦାଉରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚ୍ଚ ସେତୁ ଏବଂ ସଡ଼କ ଉନ୍ନତିକରଣ ପାଇଁ ପ୍ରସ୍ତାବ ଦିଆଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମରୁଡ଼ିରୁ ସୁରକ୍ଷା ପାଇଁ ଖର୍ଚ୍ଚ ସହାୟତା ବାବଦରେ ରାଜ୍ୟର ଅଂଶଧନ ବାବଦକୁ ମଂଜୁରୀ ଅନୁମୋଦନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ବାତ୍ୟା ପ୍ରଭାବିତ ଜିଲ୍ଲାପାଇଁ ୩-ଫେଜ୍ ଡିଜି ସେଟ୍ କ୍ରୟ ସଂପର୍କିତ ଆଲୋଚନା ପୂର୍ବକ ଅନୁମୋଦନ ପାଇଁ କମିଟିରେ ଉପସ୍ଥାପନ କରାଯାଇଥିଲା । ରାଜ୍ୟରେ ଥିବା ୨୦ଟି ଓଡ୍ରାଫ୍‌ୟୁନିଟ୍‌କୁ ସୁଦୃଢ କରିବା ସହିତ ଆଉ ୧୦ଟି ନୂଆ ଓଡ୍ରାଫ୍‌ୟୁନିଟ୍‌ର ପରିଚାଳନା କ୍ଷମତା ବୃଦ୍ଧି ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଯାନ କ୍ରୟ ପାଇଁ ପ୍ରସ୍ତାବ ଅନୁମୋଦନ କରାଯିବା, ବାତ୍ୟା ସମୟରେ ଉପକୂଳ ଅଂଚଳରେ ସ୍ଥାନୀୟ ପୁଲିସ୍‌ର ଦ୍ୱରିତ ପ୍ରତିକ୍ରିୟାଶୀଳତା ଓ ପରିଚାଳନା ପାଇଁ ନୂଆ ଏବଂ ଆଧୁନିକ ଯନ୍ତ୍ରପାତି ବ୍ୟବସ୍ଥା ପାଇଁ ଗୃହ ବିଭାଗ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ମଂଜୁରୀ କରାଯିବା ସହ ଅଗ୍ନିଶମ ସେବା ନିର୍ଦ୍ଦେଶାଳୟକୁ ଅଧିକ ସୁଦୃଢ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଯାନ କ୍ରୟ ପାଇଁ ଆର୍ଥିକ ମଂଜୁରୀ ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ଉପକୂଳ ଅଂଚଳରେ ବନ୍ୟା ବାତ୍ୟା ସମୟରେ ସ୍ଥାନୀୟ ପୋଲିସର ପ୍ରଭାବୀ ପରିଚାଳନା ଓ ତୁରନ୍ତ ପ୍ରତିକ୍ରିୟାଶୀଳତା ପାଇଁ ଆଧୁନିକ ଯନ୍ତ୍ର ପାତି ସୁବିଧା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ଓ ପ୍ରଶିକ୍ଷଣ ବ୍ୟବସ୍ଥା ଆଦି ନିମନ୍ତେ ଆର୍ଥିକ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶ ବିଦେଶରେ ସୁନାମ ଅର୍ଜନ କରିଛି । ବିପର୍ଯ୍ୟୟ ଅପ୍ରତ୍ୟାଶିତ ଭାବେ ଆସିଥାଏ, ସେଥିପାଇଁ ଆମକୁ ସବୁବେଳେ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ଼ କରି ପ୍ରସ୍ତୁତି ରହିବାର ଆବଶ୍ୟକତା ରହିଛି । ଏଥିପାଇଁ ଆନ୍ତ-ବିଭାଗୀୟ ସମନ୍ୱୟ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେବା ସହିତ ଜରୁରୀକାଳୀନ ବିପର୍ଯ୍ୟୟ କ୍ଷେତ୍ରରେ ମୁକାବିଲା ପାଇଁ ଆମର ଦ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା (ରେସ୍ପନ୍ସ ସିଷ୍ଟମ) କିପରି ଅଧିକ ପ୍ରଭାବୀ ହେବ ଏବଂ ଖୁବ୍ କମ୍ ସମୟ ଭିତରେ ଯେପରି ଘଟଣାସ୍ଥଳରେ ପହଁଚି ଏହାର ମୁକାବିଲା ସୁନିଶ୍ଚିତ କରାଯାଇପାରିବ, ସେଥିପ୍ରତି ସେ ଗୁରୁତ୍ୱ ଦେଇଥିଲେ । ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ମୁଖ୍ୟ ଶାସନ ସଚିବ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେବା ସହିତ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ସମସ୍ତ ପଦକ୍ଷେପ ଓ ସହାୟତା ଯୋଗାଇଦେବା ପାଇଁ ପ୍ରତିବଦ୍ଧ ରହିଥିବା ପ୍ରକାଶ କରିଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ପ୍ରକୋଷ୍ଠରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକ ପ୍ରାରମ୍ଭରେ ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ ଉପସ୍ଥିତ ଅନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ମେଳା ସମ୍ବନ୍ଧରେ ସବିଶେଷ ସୂଚନା ଦେଇଥିଲେ । ବୈଠକର ନିଷ୍ପତି ଅନୁଯାୟୀ ଚଳିତ ଡିସେମ୍ବର ମାସ ୧୯ ଏବଂ ୨୦ତାରିଖ ଦୁଇଦିନ ଧରି ଉକ୍ତ ମେଳା ବାରିପଦା ଛଉ ପଡିଆରେ ଆୟୋଜିତ ହେବ । ଏଥିରେ ପ୍ରାୟ ୫୦ଗୋଟି ବିଭିନ୍ନ, ପ୍ରକାର ପ୍ରଦର୍ଶନୀ ଷ୍ଟଲ କରିବାକୁ ଯୋଜନା ଅଛି ।

ଏହି ଷ୍ଟଲ ଗୁଡିକରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରି ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଯିବା ସହିତ ଯୋଜନାରୁ ହିତାଧିକାରୀ ମାନେ କିପରି ଉପକୃତ ହୋଇପାରିବେ ସେଥିପାଇଁ ସଚେତନ କରାଯିବ । ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱର୍ କୃଷକମାନେ ଯୋଗଦେବେ । ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଷୟ ବିଶେଷଜ୍ଞ ଓ ବୈଜ୍ଞାନିକମାନଙ୍କ ଦ୍ୱାରା ଚାଷୀମାନଙ୍କୁ ଅଧିକ ବୈଷୟିକ ଜ୍ଞାନ କୌଶଳ ଓ ପ୍ରୋତ୍ସାହନ ଦେବାକୁ ମଧ୍ୟ ଯୋଜନା ରହିଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବିଭିନ୍ନ ଯୋଜନା ଆଧାରିତ ବିଷୟବସ୍ତୁକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ । ବୈଠକରେ ସିଡ଼ିପିଓ ଡ଼ଃ ରମଣୀ ରଞ୍ଜନ ବିଶ୍ୱାଳ, ଏଡିବିଓ ଡ଼ଃ ଦେବଦତ୍ତ ଦାଶ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ପ୍ରଦୀପ ଘୋଷ, ଅତିରକ୍ତ ଜିଲ୍ଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ସରକାରୀ ଅର୍ଥ ହେରଫେର : ବନ୍ଧା ହେଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ଭଞ୍ଜନଗର, (ସବ୍ୟୁ) : ସରକାରୀ ଅର୍ଥ ଆତ୍ମସାତ କରି ଗିରଫ ହୋଇଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ । ନିର୍ବାହୀ ଅଧିକାରୀ ଜଣକ ବିଭାଗୀୟ ଅଧିକାରୀଙ୍କୁ ସଠିକ୍ ହିସାବ ଦେଇ ପାରିଲେନି ।

ଏହାକୁ ନେଇ ଖୋଳତାଡ ହେଲା । ଜଣା ପଡିଲା, ଲକ୍ଷ ଲକ୍ଷ ଟଙ୍କା ହେରାଫେରି ହୋଇଛି । ଥାନାରେ ଲିଖିତ ଅଭିଯୋଗ କଲେ, ବିଡ଼ିଓ । ଶେଷରେ ଗିରଫ ହେଲେ, ପଞ୍ଚାୟତ ନିର୍ବାହୀ ଅଧିକାରୀ । ଗିରଫ ଅଭିଯୁକ୍ତ ଜଣକ ହେଲେ ଗଂଜାମ ଜିଲ୍ଲା ଭଂଜନଗର ବ୍ଲକ୍ ତାରାସିଙ୍ଗି ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ଶାସ୍ତ୍ରୀ ।

ଭଂଜନଗର ବିଡିଓ ଭାରତୀ ଦେବୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ବ୍ରାହ୍ମଣପଦର ପଞ୍ଚାୟତକୁ ଆସିଥିବା ପିଡିଏସ୍, ବାର୍ଦ୍ଧକ୍ୟ ଭତ୍ତା ଏବଂ ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ରେମୁନେସନ୍ ପାଇଁ ଆସିଥିବା ଅର୍ଥ ବାବଦରେ ୬ ଲକ୍ଷ ୭୦ ହଜାର ଟଙ୍କା ହେରଫେର କରିଥିଲେ ନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ଶାସ୍ତ୍ରୀ । ଏ ସଂକ୍ରାନ୍ତରେ ଜଣା ପଡ଼ିବା ପରେ ତାରାସିଙ୍ଗି ଥାନାରେ ଲିଖିତ ଅଭିଯୋଗ କରିଥିଲେ ବିଡ଼ିଓ ଭାରତୀ ଦେବୀ । ଏନେଇ ତାରାସିଙ୍ଗି ଥାନା କେଶ୍ ନମ୍ବର ୪୨୫/୨୫ ରେ ଏକ ମାମଲା ରୁଜୁ କରି ଅର୍ଥ ହେରଫେର ଅଭିଯୋଗରେ ସଂପୃକ୍ତ ଅଧିକାରୀଙ୍କୁ ଗିରଫ କରିଥିଲା ପୋଲିସ । ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି ।



# ବୀର ଯବାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷ ବିଦାୟ : ଗାଁରେ ଶୋକାକୂଳ ପରିବେଶ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଗଁଦିଆ ଯୋରନ୍ଦା ପାଟଣା ଗ୍ରାମର ଯବାନ ବିଜୟ ସାହୁଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷ ବିଦାୟ ଦିଆଯାଇଛି । ଯବାନଙ୍କ ମୃତ୍ୟୁକୁ ନେଇ ଗ୍ରାମରେଶୋକର ଛାୟା ଖେଳିଯାଇଛି ।

ସକାଳ ୧୦ ଘଣ୍ଟା ସମୟରେ ଗ୍ରାମ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ତୋପ ସଲାମୀ ପୂର୍ବକ ଶେଷ ବିଦାୟ ଦିଆଯାଇଛି । ସେ ରାଜସ୍ଥାନର ବିକାନେର ଠାରେ ୧୯୭ ବିଏସଏଫ ବାଟାଲିୟନରେ ଯବାନ ଭାବେ କାର୍ଯ୍ୟରତ ଥିଲେ । ସେ ଘରୁ ଛୁଟି କାଟି ନିଜ ବାଟାଲିୟନରେ ଯୋଗଦେବା ପରେ ଅସୁସ୍ଥ ହୋଇପଡ଼ିଥିଲେ । ଗତ ୨୯ ତାରିଖ ଦିନ ତାଙ୍କୁ ଯୋଦ୍ଧପୁରର ମେଡିପଲସ୍ ହସ୍ପିଟାଲରେ ଡା ରାଜେନ୍ଦ୍ର ଭଟ୍ଟଙ୍କ ଦ୍ୱାରା ଚିକିତ୍ସିତ କରାଯାଉଥିଲା । ସେଠାରେ ୧ ତାରିଖ ସନ୍ଧ୍ୟା ୭ ଟା ସମୟରେ ତାଙ୍କର ପରଲୋକ ହୋଇଥିଲା । ଗତ ୨ ତାରିଖ ଦିନ ତାଙ୍କୁ ଏମସ ଯୋଦ୍ଧପୁର ଠାରେ ଭର୍ତ୍ତି କରାଯାଇ ତାଙ୍କର ଶବ ସଂରକ୍ଷଣ କରାଯାଇ ରାଜସ୍ଥାନ ବାଟାଲିୟନକୁ ନିଆଯାଇ ତାଙ୍କର ବିଭାଗୀୟ କାଗଜପତ୍ର ଓ ସହାୟତା କାର୍ଯ୍ୟ ଶେଷ ହେବା ପରେ ସେଠାରୁ ଦିଲ୍ଲୀ ଇଣ୍ଡିଆ ଗେଟ୍ ଠାରେ ବାଟାଲିୟନ ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଗତକାଲି ଭୁବନେଶ୍ୱର ବାଟାଲିୟନ ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯାଇ ରାତିରେ ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଶବକୁ ରଖାଯାଇଥିଲା । ତାଙ୍କ ମୃତ୍ୟୁକୁ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଆଜି ସକାଳ ୮ ଟା ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ବିଏସଏଫ ଯବାନ ମାନଙ୍କ ଦ୍ୱାରା ତୋପ ସଲାମୀ ପୂର୍ବକ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ସମିତି ସଭ୍ୟ ପ୍ରତ୍ୟୁଷ ହରି ପ୍ରଧାନ, ମନ୍ତ୍ରୀଙ୍କ ଗଁଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ,ବିଧାରପୁର ସରପଞ୍ଚ ଅଜୟ ମହାନ୍ତି,କାବରା ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ସ୍ଥାନୀୟ ଅଞ୍ଚଳର ନେତୃସ୍ଥାନୀୟ ବ୍ୟକ୍ତି , ସାଙ୍ଗ ସାଥି ଓ ହଜାର ହଜାର ଗ୍ରାମବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସହୀଦ ବିଜୟ ହେଉଛନ୍ତି ଭରତ ସାହୁ ଓ କମଳା ସାହୁଙ୍କର ସାନପୁଅ। ବିଜୟଙ୍କର ବିଧବା ପତ୍ନୀ ଚୁମୁକିରାଣୀ ସାହୁ , ପାଞ୍ଚବର୍ଷ ଓ ଏକ ବର୍ଷ ବୟସର ଦୁଇଟି ଛୋଟ ପୁଅ ଅଛନ୍ତି ।

## ଭଞ୍ଜନଗରରେ ବଢୁଛି ଦୁର୍ଘଟଣା : ପାଚେରୀକୁ ଧକ୍କା ଦେଲା କାର୍

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର କୁଲାଡ ମୁଖ୍ୟ ରାସ୍ତାରେ ବୁଧବାର ରାତିରେ ଏକ କାର୍ ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ପାଚେରୀକୁ ଧକ୍କା ଦେବା ଫଳରେ କାରଟି ଚୁରୁମାର ହେଇଥିଲା । କାରଟି ଦୁଘର୍ଟଣାର ସଠିକ ତଥ୍ୟ ମିଳିପାରି ନାହିଁ । ଦୁର୍ଘଟଣା ଖବର ପାଇ ଭଞ୍ଜନଗର ପୋଲିସ ରାତିରେ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛି । କିନ୍ତୁ ଗାଡିରେ କେତେଜଣ ଥିଲେ, ସେମାନେ ଆହତ ହୋଇଛନ୍ତି କି ନାହିଁ, କେଉଁଭଳି ପରିସ୍ଥିତିରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଛି ସେନେଇ ସଠିକ କିଛି ଜଣାପଡ଼ିନାହ । ଗୁରୁବାର ପୋଲିସ ଗାଡି ମାଲିକଙ୍କୁ ଠାବ କରିବା ପରେ ଦୁର୍ଘଟଣାର କାରଣ ଜଣାପଡିବ । ଦ୍ରୁତଗତି ଗାଡି ଚାଳନାଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁ ଭଞ୍ଜନଗର ଅଞ୍ଚଳରେ ଦୁର୍ଘଟଣା ମଧ୍ୟ ସେହି ଅନୁପାତରେ ବଢୁଛି । ଯାହାକି ଚିନ୍ତାଜନକ ବିଷୟ । ଗତ ସପ୍ତାହରେ ରେଡକ୍ରସ ରୋଡରେ ଦ୍ରୁତ ଗତିରେ ଜଣେ ବାଇକ ଚାଳକ ଆସି ଜଣେ ବ୍ୟବସାୟୀଙ୍କୁ ଧକ୍କା ଦେଇଥିଲେ । ଏଥିରେ ବ୍ୟବସାୟୀ ଆହତ ହୋଇଥିଲେ । ଯାହାକୁ ନେଇ ଲୋକେ ରାସ୍ତାରୋକୋ କରିଥିଲେ । ଏହାପରେ ପୋଲିସ ପାଟ୍ରୋଲିଂ ହୋଇଥିଲା । ଦ୍ରୁତ ଗତିରେ ଗାଡି ଚଳାଉଥିବା ବ୍ୟକ୍ତି ଏବଂ ମଦୁଆ ଗାଡି ଚାଳକଙ୍କ ଉପରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛ । ସୂଚନାଯୋଗ୍ୟ ଯେ, ଗତକାଲି ରାତିରେ ଏକ କାର୍ ଗାଡି କୁଲାଡରୁ ଭଞ୍ଜନଗର ଅଭିମୁଖେ କୌଣସି କାମରେ ଆସୁଥିଲା ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ନୌସେନା ଦିବସ ପାଳିତ

ଗୋଳନ୍ଥରା, (ସବ୍ୟୁ) : ସ୍ଥାନୀୟ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଏନସିସିୟୁନିଟ୍ ତରଫରୁ ନୌସେନା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ୟାପଟେନ୍ ହରିଶ ଚନ୍ଦ୍ର ପାତ୍ର, କମାଣ୍ଡିଂ ଅଫିସର କମାଣ୍ଡର ଏନ.ଭି.ପି. ସ୍ୱାମୀ, ମୁଖ୍ୟ ପ୍ରଶିକ୍ଷକ ଗଜେନ୍ଦ୍ର ବେହେରା ଏବଂ ପିଓ ଭଜମାନ ସା ପ୍ରମୁଖ ଯୋଗ ଦେଇଥିଲେ ।



ଏଥିରେ ଅବସରପ୍ରାପ୍ତ କ୍ୟାପଟେନ୍ ହରିଶ ଚନ୍ଦ୍ର ପାତ୍ର ସମସ୍ତ କ୍ୟାଡେଟମାନଙ୍କୁ ସମ୍ବୋଧିତ କରିଥିଲେ । ସେମାନଙ୍କୁ ଏସଏସବି ପରୀକ୍ଷା କିପରି ଉତୀର୍ଣ୍ଣ କରିବେ ଏବଂ ଭାରତୀୟ ନୌସେନାରେ ଏକ ସଫଳ କ୍ୟାରିୟର କିପରି ଗଠନ କରିବେ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ନିଷ୍ଟ ବିଶ୍ୱବିଦ୍ୟାଳୟର ସିଟିଓ ପ୍ର. ଆଲୋକ ପାତ୍ର ଏବଂ ଏନସିସି ପିଆଇ କର୍ମଚାରୀ (ସ୍ଥାୟୀ ପ୍ରଶିକ୍ଷକ) ପବିତ୍ର କୁମାର ଗୌଡ଼ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିତର୍କ ପ୍ରତିଯୋଗିତା, ଡିଜିଟାଲ ପୋଷ୍ଟର ତିଆରି ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ସୂଚନାଯୋଗ୍ୟ ଯେ, ନିଷ୍ଟ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଛତ୍ରପୁର କଲେଜ ଏବଂ ଗଞ୍ଜାମ କଲେଜର ମୋଟ ୧୧୦ ଜଣ କ୍ୟାଡେଟ୍ ଏହି ଉତ୍ସବରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ।

# ରାସଗୋବିନ୍ଦପୁର ବିମାନବନ୍ଦର ଜମି ଅଧିଗ୍ରହଣ ସମ୍ପର୍କିତ ବୈଠକ

ବାରିପଦା, (ସବ୍ୟୁ) : ଐତିହାସିକ ରାସଗୋବିନ୍ଦପୁର ବିମାନବନ୍ଦର ପ୍ରକଳ୍ପକୁ ଅବିଳମ୍ବେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏଯାବତ୍ ଏନେଇ ଥିବା ଜମିଜମା ହସ୍ତାନ୍ତର ମାମଲାକୁ ଅନୁଧ୍ୟାନ ପାଇଁ ବେସାମରିକ ବିମାନ ଚଳାଚଳ ଉପଦେଷ୍ଟା ସୁରେଶ ଚନ୍ଦ୍ର ହୋତା, ଜମି ଅଧିଗ୍ରହଣ ଅଧିକାରୀ ଉମାକାନ୍ତ ବାରିକକୁ ନେଇ ଗଠିତ ବିଶେଷଜ୍ଞ କମିଟି ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଜିଲ୍ଲା ଅଧିକାରୀମାନଙ୍କ ସହ



ଆଲୋଚନା କରିଛନ୍ତି । ଉକ୍ତ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ୧୬୦ ଏକର ପ୍ରତିରକ୍ଷା ବିଭାଗର ଜମି ହସ୍ତାନ୍ତର ହୋଇଛି । ଏଥିରୁ ୪୭ ଏକର ଜମି ଡିପିଆର୍ ରେ ସ୍ଥାନିତ ହେବା ସହ ମାଷ୍ଟର ପ୍ଲାନରେ ଅନ୍ତର୍ଭୁକ୍ତ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମଲ୍ଲିକ ପ୍ରକାଶ କରିଥିଲେ ।

ସେହିପରି ପ୍ରକଳ୍ପ ପାଇଁ ସମୁଦାୟ ୪୪୩ ଏକର ଜମି ଆବଶ୍ୟକତା ପୂରଣ କରିବାକୁ ଡିସେମ୍ବର ଶେଷ ସୁଦ୍ଧା ଗ୍ରାମସଭା ସମ୍ପୂର୍ଣ୍ଣ କରି ଏକ ବର୍ଷ ମଧ୍ୟରେ ସମସ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରାଯିବା ନେଇ ସ୍ଥିରୀକୃତ ହୋଇଛି ବୋଲି ଉପ-ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା ପ୍ରକାଶ କରିଛନ୍ତି ।

ଆଜିର ଏହି ଆଲୋଚନା ସମୟରେ ଭୂର୍ଜନ ଅଧିକାରୀ ଶିବାରାମ ମୁଣ୍ଡା, ଅଧିକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ ରାୟ, ଆରଟିଓ ପ୍ରଶାନ୍ତ କୁମାର ପରିଡ଼ା, ଡେପୁଟି କଲେକଟର (ରାଜସ୍ୱ) ଶ୍ରଦ୍ଧା ସୁମନ, ମୋରଡ଼ା ଏବଂ ରାସଗୋବିନ୍ଦପୁର ତହସିଲଦାର, ଡିଆଇପିଆରଓ, ମୟୂରଭଞ୍ଜ, ଏସଡିଆଇପିଆରଓ, ବାରିପଦାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ବିଭାଗୀୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

# ଜାତୀୟ ଡାକ କର୍ମଚାରୀ ସଂଘ, ମୟୂରଭଞ୍ଜ ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ

ବାରିପଦା, (ସବ୍ୟୁ) : ଜାତୀୟ ଡାକ କର୍ମଚାରୀ ସଂଘ, ମୟୂରଭଞ୍ଜ ଶାଖାର ୨୨ତମ ଦ୍ୱିବାର୍ଷିକ ସମ୍ମିଳନୀ ସହ ଖୋଲା ଅଧିବେଶନ ସଂଘର ସଭାପତି ସେକ ଅବଦୁଲ ମୁସ୍ତାକିନଙ୍କ ପୌରୋହିତ୍ୟରେ ସ୍ଥାନୀୟ ସୀତାକୁଣ୍ଡ ନେଚରସ କଟେଜଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଉପ ଡାକପାଳ ସୂର୍ଯ୍ୟାନନ୍ଦ ସୋରେନଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଖୋଲା ଅଧିବେଶନରେ ଯୋଗଦେଇ ପୁରୀ ଡାକମଣ୍ଡଳର ବିନୟ କୁମାର ସ୍ୱାଇଁ ଏବଂ ଭୁବନେଶ୍ୱର ଡାକ ମଣ୍ଡଳର ବଙ୍କିଜଗବନ୍ଧୁ ପାତ୍ର ଡାକ ବିଭାଗରେ ପ୍ରଚଳିତ ନୂତନ ବୈଷୟିକ ଜ୍ଞାନ ସମ୍ବନ୍ଧରେ ନିଜ ନିଜ ଅଭିବ୍ୟକ୍ତି ରଖିଥିଲେ। ସଂଘର ସମ୍ପାଦକ ଦେବାଶିଷ ମହାନ୍ତ ଦ୍ୱିବାର୍ଷିକ ବିବରଣୀ ଉପସ୍ଥାପନା କରିବା ସହିତ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ।

ଏହି କର୍ମଚାରୀ ସଂଘରେ ନୂତନ ଭାବେ ଯୋଗ ଦେଇଥିବା କର୍ମଚାରୀ ଦୀପକ ସେଠି ଏବଂ ପ୍ରଣୟ ନନ୍ଦୀ ଏବଂ ଡାକ ବିଭାଗର ବିଶେଷ କ୍ଷେତ୍ରରେ ସଫଳତା ହାସଲ କରିଥିବା କର୍ମଚାରୀ ସୌମ୍ୟା ମହାନ୍ତ ଏବଂ ବିଜୟ ସେଠିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା ।

ଦେବାଶିଷ ମହାନ୍ତ ପୁଣି ଥରେ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ମନୋଜ କୁମାର ମହାନ୍ତ ଧନ୍ୟବାଦ୍ ପ୍ରସ୍ତାବ ଦେଇଥିବାବେଳେ ଚନ୍ଦ୍ରଶେଖର ମହାନ୍ତି ସଭା ପରିଚାଳନା କରିଥିଲେ ।

## ଘନ କୁହୁଡି ଯୋଗୁଁ ଗମନାଗମନ ପ୍ରଭାବିତ

ଭଞ୍ଜନଗର, (ସବ୍ୟୁ): ଗୁରୁବାର ସ୍ଥାନୀୟ ଅଞ୍ଚଳରେ ଘନ କୁହୁଡିରେ ଢାଙ୍କି ହୋଇଥିଲା । ଫଳରେ ଗମନାଗମନ ପ୍ରଭାବିତ ହୋଇଥିଲା । ଗଂଜାମ ଜିଲ୍ଲାର ଭଂଜନଗର ସମେତ ଆଖପାଖ ଅଞ୍ଚଳରେ ଏପରି କୁହୁଡି ଦେଖିବାକୁ ମିଳିଥିଲା । ଚଳିତବର୍ଷ ପ୍ରଥମକରି ମାତ୍ରାଧିକ କୁହୁଡି ଅନୁଭୂତ ହୋଇଥିଲା । ଏହି କୁହୁଡ଼ିର ପ୍ରଭାବ ଯୋଗୁ ସକାଳ ୯ ଟା ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା ।

ବିଶେଷ କରି ଗଂଜାମ - କନ୍ଧମାଳକୁ ଯୋଗାଯୋଗ କରୁଥିବା ଜାତୀୟ ରାଜପଥରେ ଗମନାଗମନ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା । ଏହାସହ ସ୍ଥାନୀୟ ଅଞ୍ଚଳର ସ୍କୁଲ ପିଲା, ବ୍ୟବସାୟୀ ଏବଂ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

## ଡିଆରଡିଏ ଓ କଲେଜ ଛକରେ ବଢୁଛି ସଡ଼କ ଦୁର୍ଘଟଣା

# ଘଟଣା ସ୍ଥଳ ପରିଦର୍ଶନ କଲେ ଜିଲ୍ଲାପାଳ ଓ ଏସ୍‌ପି

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜଲ୍ଲାରେ ଥମିବାରେ ନାମ ନେଉନାହିଁ ସଡକ ଦୁର୍ଘଟଣା । ଦୈନିକ ଦୁର୍ଘର୍ଟଣାରେ ମୃତ୍ୟୁ ଅବା ଆହତ ହେଉଥିବା ଦେଖିବାକୁ ମିଳୁଛି । କିପରି ସଡକ ଦୁର୍ଘଟଣା ହାର କମିବ ସେନେଇ ବ୍ୟାପକ ସଚେତନତା କରାଯାଉଥିବା ସତ୍ତ୍ୱେ କମୁନି ଦୁର୍ଘଟଣା ସଂଖ୍ୟା । ନଭେମ୍ବର ୧୬ ରୁ ନଭେମ୍ବର ୩୦ ପ୍ରର୍ଯ୍ୟନ୍ତ ପରିବହନ ବିଭାଗ ପକ୍ଷରୁ ଶୂନ ମୃତାହତ ପକ୍ଷ ପାଳନ କରାଯାଉଥିଲା । ଏହି ସମୟରେ ମଧ୍ୟ ଜିଲାରେ ୨୯ଟି ସଡକ ଦୁର୍ଘଟଣା ହେବା ସହ ୮ ଜଣଙ୍କ ମୃତ୍ୟୁ ହୋଇଥିଲା । ଆଜି ଡିଆରଡିଏ ଛକ ନିକଟରେ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା । ଡିଆରଡିଏ ଓ କଲେଜ ଛକରେ ଦୈନିକ ସଡକ ଦୁର୍ଘଟଣା ଘଟୁଛି ଏନେଇ ଦୀର୍ଘ ବର୍ଷ ହେଲା ଏହି ଦୁଇଟି ସ୍ଥାନରେ ଓଭରବ୍ରିଜ ନିର୍ମାଣ ଦାବି ହୋଇଆସୁଛି ।

ଉକ୍ତ ଦୁଇ ସ୍ଥାନ ଜନଗହଳପୂର୍ଣ୍ଣ ହୋଇଥିବାରୁ ଡିଆରଡିଏ ଛକ ଓ କଲେଜଛକ ନିକଟରେ ଟ୍ରାଫିକ ବ୍ୟବସ୍ଥା ସହ ପୁଲିସ ମୁତୟନ ରହିବା ପାଇଁ କଂଗ୍ରେସ ନେତା ଭାଗିରଥି ବେହେରା ଦାବୀ କରିଛନ୍ତି । ଏହାସହ ଗ୍ରୀଡ ଛକ ଠାରୁ ତାମ୍ପରା ପ୍ରର୍ଯ୍ୟନ୍ତ ଗାଡିର ବେଗ ୨୦ ରୁ ୨୫ କିମି ମଧ୍ୟରେ ରଖିବାକୁ ଦାବୀ କରିବା ସହ ଏକ ସ୍ମାରକପତ୍ର ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏନେଇ ଗୁରୁବାର ଅପରାହ୍ଣରେ ଏହି ଦୁଇ ବ୍ଲାକ ସ୍ପଷ୍ଟ ଅଂଚଳକୁ ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତି ଭାସନ, ଗଞ୍ଜାମ ଏସପି ସୁଭେନ୍ଦୁ କୁମାର ପାତ୍ର ଓ ଗଞ୍ଜାମ ଆରଟିଓ ଇ. ଦେବାଶିଷ ସ୍ୱାଇଁ ପରିଦର୍ଶନ କରିବା ସହ ସେଠାରେ ସମୀକ୍ଷା କରିଥିଲେ । ସେଠାରେ ଦୈନିକ ୨୪ ରୁ ୧୬ ଘଣ୍ଟା ପୁଲିସ ମୁତୟନ ରହିବେ । ଅଧିକରୁ ଅଧିକ ବ୍ୟାରିକେଟ, ବ୍ଲିଙ୍କର ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ । ଏହି ଦୁଇ ସ୍ଥାନରେ ଓଭରବ୍ରିଜ ଏନଏଚଏଆଇ ବିଭାଗ ନିର୍ମାଣ ହେବା ବୋଲି ଜଲ୍ଲାପାଳ କହିଥିଲେ । ପୁଲିସ ପକ୍ଷରୁ ମଧ୍ୟ କିପରି ଏହି ଦୁଇ ସ୍ଥାନରେ ଦୁର୍ଘଟଣା ହାର ହ୍ରାସ ପାଇବ ସେନେଇ ପୁଲିସ ମୁତୟନ ରହିବେ । ଲୋକଙ୍କ ସୁରକ୍ଷାକୁ ଅଧିକରୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି ବୋଲି ଏସପି କହିଥିଲେ । ପରିଦର୍ଶନ ବେଳେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇଙ୍କ ସମେତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ । ପରିଦର୍ଶନ ବେଳେ ବହୁ ଜନସାଧାରଣ ଜିଲାପାଳଙ୍କୁ ତୁରନ୍ତ କିପରି ଓଭରବ୍ରିଜ କାମ ଆରମ୍ଭ ହେବେ ସେନେଇ ଅନୁରୋଧ କରିଥିଲେ । ଜିଲରେ ୨୦୨୪ରେ ଜାନୁଆରୀରୁ ଅକେଫାବର ମଧ୍ୟରେ ୬୮୪ ଟି ସଡକ ଦୁର୍ଘଟଣାରେ ୩୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୬୮ ଜଣ ଆହାତ ହୋଇଥିଲେ । ସେହି ତୁଳନାରେ ୨୦୨୫ରେ ୭୪୪ଟି ଦୁର୍ଘଟଣା ଘଟି ୩୭୨ ଜଣଙ୍କ ମୃତ୍ୟୁ ଓ ୪୯୮ ଜଣ ଆହତ ହୋଇଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଯାହାକି ୯ ପ୍ରତିଶତ ଦୁର୍ଘଟଣା ହାର ବଢିଥିବା ବେଳେ ୧୭ ପ୍ରତିଶତ ମୃତ୍ୟୁହାର ମଧ୍ୟ ବୃଦ୍ଧି ପାଇଛି ।

## ୫ରୁ ତୃତୀୟ ଅନ୍ତର୍ଜାତୀୟ ବ୍ରହ୍ମପୁର ବାଣିଜ୍ୟ ମେଳା

# ଜଳପରି ଶୋ' ମେଳାର ମୁଖ୍ୟ ଆକର୍ଷଣ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ୍ ପଡିଆରେ ଆୟୋଜିତ ହେବ ତୃତୀୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ । ଗୁରୁବାର ଠାରୁ ଅର୍ଥାତ ଡିସେମ୍ବର ୫ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଏଥିରେ ଦେଶ ବିଦେଶର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରିବଟା କରାଯିବ । ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଭୁବନେଶ୍ୱର) ପକ୍ଷରୁ ଏହାର ଆୟୋଜନ କରାଯାଇଛି । ଏନେଇ ଆଜିୟୁସିପି ଗ୍ରାଉଣ୍ଡ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସୂଚନା ପ୍ରଦାନ କରିଛନ୍ତି ।

ଚଳିତ ବର୍ଷ ପ୍ରଦର୍ଶକ ଏବଂ ପରିଦର୍ଶକ ଉଭୟଙ୍କ ସକାଶେ ପ୍ରଦର୍ଶନୀରେ ଏସି ପାଭିଲିୟନର ବ୍ୟବସ୍ଥା କରାଯାଇଛି । ଯାହା ଆରାମଦାୟକ ଏବଂ ଶୀତତାପ ନିୟନ୍ତ୍ରିତ ପରିବେଶ ସୃଷ୍ଟି କରିବ । ଏଥିରେ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶର ବ୍ୟବସାୟୀ ଅଂଶ ଗ୍ରହଣ କରିବେ । ୧ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରକାରର ବିଭିନ୍ନ ପ୍ରକାର ସାମଗ୍ରୀକୁ ଉପଲବ୍ଧ କରାଯିବ । ଯେଉଁଥିରେ ରହିଛି, କାଶ୍ମୀର ଫର୍ଣ୍ଣିଚର ଯଥା- ସୋଫା ସେଟ୍, ଡାଇନିଂ ସେଟ୍, ଝୁଲା ଇତ୍ୟାଦି ।

ସେହିପରି ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖିଲା ଫଳ(ଡ୍ରାଏ ଫୁଡ୍), ଇରାନରୁ ଇରାନୀ ଖଜୁର, ଥାଇଲାଣ୍ଡର ଜୁଏଲାରୀ ଏବଂ ଫୁଟ୍ ଓ୍ୱେର୍, ମହିଳା ମାନଙ୍କ ପାଇଁ କୋରିଆନ୍ ସାମଗ୍ରୀ, ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ, ପ୍ରାଚୀନ ଧାତୁ ଓ ଏଡି ପଥର ଅଳଙ୍କାର, ଇରାନୀ କାର୍ପେଟ୍, ସାରା ବିଶ୍ୱର ପ୍ରାଚୀନ ଧାତୁ ଏବଂ ପିତ୍ତଳ, ଦୁବାଇ ପୋଷାକ, ପ୍ରାଚୀନ ସାଜସଜ୍ଜା କାଛ ଫ୍ରେମ୍, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଚମଡା ପଦାର୍ଥ, ସିଙ୍ଗାପୁର ସାମଗ୍ରୀ, ଖଦୀ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ବାଂଲାଦେଶ ଏବଂ ସମ୍ବଲପୁରର ପୋଷାକ ଓ ଶାଢ଼ୀ, ଚମ୍ପାରଣ ମଟନ୍, ଇଲୋକଟ୍ରନିକ୍ସ, ସୌନ୍ଦର୍ଯ୍ୟ ସାମଗ୍ରୀ, ଉପୋଭୋକ୍ତା ସାମଗ୍ରୀ ଆଦି ବିକ୍ରିବଟା ହେବ ।

ଏହି ମେଳାରେ ବ୍ରହ୍ମପୁର ସହରରେ ପ୍ରଥମ ଥର ପାଇଁ ଜଳପରି ଶୋ ପ୍ରଦର୍ଶନୀ କରାଯିବ, ଯାହା ମୁଖ୍ୟ ଆକର୍ଷଣ ହେବ । ଏହି କାର୍ଯ୍ୟକ୍ରମକୁ ଆକାଶ, ଶକ୍ତି ବର୍ଷା ଆସଲମ୍, ରୂପାଲି, ଆଦିତ୍ୟ, ଜ୍ୟୋସ୍ନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ତେବେ ଆୟୋଜିୟତ ଏହି ସାମ୍ବାଦିକ ସମ୍ମିଳନୀରେ ଗୁପ୍ତା ଇଭେଣ୍ଟର ମୁଖ୍ୟ ସୁଜିତ କୁମାର ଗୁପ୍ତା, ପାୟାଲ ଆଚର୍ଯ୍ୟ ଗୁପ୍ତା, ସହଯୋଗୀ ସଂଯୋଜକ ବୀର ବହାଦୁର ସିଂ ଏବଂ ଜଳପରିର ପ୍ରବନ୍ଧକ ଏମଡ଼ି ଇମ୍ରାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଷୀ ଓ ଭାଗ ଚାଷୀଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ

# କିଶାନ୍ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାରିପଦା, (ସବ୍ୟୁ) : କୃଷିପ୍ରଧାନ ରାଜ୍ୟ ଓଡିଶାରର ଖରିଫ୍ ଧାନ ଅମଳ ପ୍ରାୟ ଶେଷ ପର୍ଯାୟରେ ପହଞ୍ଚିଛି । ବର୍ତ୍ତମାନ ମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ମିଲର ଓ ସରକାରଙ୍କ କଳି ପଦାକୁ ଆସିଛି । ସବୁ ଦିଗରୁ ଚାଷୀ ଏହି ସରକାର ସମୟର ଏକ ଗମ୍ଭୀର ପରିସ୍ଥିତି ମଧ୍ୟରେ କାଳ କାଟୁଛି ବୋଲି କଂଗ୍ରେସ ପକ୍ଷରୁ ପ୍ରକାଶ କରାଯାଇଛି । ସରକାର ଯାହା ପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି । ତେଣୁ ଆଜି କିଶାନ କଂଗ୍ରେସ ପକ୍ଷରୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ବିନା କଟନୀ ଛଟନୀ ଓ ବିନା ମାନ ନିର୍ଦ୍ଧାରଣରେ ସରକାର ଚାଷୀ ଓ ଭାଗ ଚୀଷୀଙ୍କ ସମସ୍ତ ବଳକା ଧାନ କିଣନ୍ତୁ । ଫସଲ ବୀମାର ଥିବା ସମସ୍ତ ସମସ୍ୟା ଦୂର କରି ଚାଷୀ ପରିବାରକୁ ସ୍ୱାସ୍ଥ୍ୟ ବିମାଭୁକ୍ତ କରନ୍ତୁ ୫୫ବର୍ଷ ପରର ଚାଷୀ ଓ ଭାଗ ଚାଷୀଙ୍କୁ ମାସିକ ୧୦ହଜାର ଟଙ୍କା ବାର୍ତ୍ତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଏହି କର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ(ପୂର୍ବ) ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଜିଲ୍ଲା କଂଗ୍ରେସ (ପୂର୍ବ) କିଶାନ ସଭାପତି ଦୀପକ ଦାସ, ଆଦିବାସୀ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦାଃ, ନାରାୟଣ ପଟ୍ଟନାୟକ, ଉତ୍ତମ ବେହେରା, ଜ୍ୟୋତି ପ୍ରକାଶ ରଥ, ସୁଭସ୍ମିତା ଦାସ, ସବିତା ସୋରେନ, ମାଧବୀ ସେନାପତି, ରଶ୍ମିତା ମିଶ୍ର, ବନମାଳୀ ବାରିକ, ସମର ଦାସ, ଏସ.କେ ରକିମ୍, ଅସିତ୍ ଦାସ, ରତନ ଶର୍ମା, ଦୂଳନ କୁମାର ଦାସ, ରବି ନାରାୟଣ ପରିଡ଼ା, ପ୍ରଦୀପ ମିଶ୍ର, ଅଭିଷେକ ଯାଦବ, ଦକ୍ଷିଣେଶ୍ୱର ପାତ୍ର, ଗୌରା ସିଂ, ମିନକେତନ ବେହେରା, ପ୍ରଦୀପ ମିଶ୍ର, ସେକ୍ ଓ୍ୱାଇଦ୍ଧା, ଦୀନକୃଷ୍ଣ ପାତ୍ର, ସ୍ୱଗନ୍ ଦାସ, ଶିବାନନ୍ଦ ଜ୍ଞାନେନ୍ଦ୍ର ଦାସ, ଟୁଟୁରମ୍ ବିନ୍ଧାଣୀ ଓ ବାବଲି ପରିଡ଼ା ବିକାଶ ମହାଭୋଇ ଯୋଗ ଦେଇଥିଲେ।

# ଶକ୍ତିପୀଠ ଓଲାଶୁଣୀରେ ୪୦ତମ ଗୀତାଯଜ୍ଞ

ବାଲିଚନ୍ଦ୍ରପୁର, (ସବ୍ୟୁ) : ଓଡ଼ିଶାର ପ୍ରମୁଖ ଧର୍ମ ଓ ସଂସ୍କୃତିକ୍ଷେତ୍ର ପଲାଇସ୍ଥିତ ଶକ୍ତିପୀଠ ଓଲାଶୁଣୀ ଗୁମ୍ଫା ପାହାଡ଼ର ପାଦଦେଶରେ ପୂଜିତା ମା' ଓଲାଶୁଣୀଙ୍କ ପାବନ ପୀଠରେ ୪୦ତମ ଶ୍ରୀମଦ୍ ଭଗବତ ଗୀତାଯଜ୍ଞ ଓ ଚଣ୍ଡୀପାଠ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଯାଇଛି ।



ମାର୍ଗଶୀର ଶୁକ୍ଳ ତ୍ରୟୋଦଶୀ ଗୀତାଜୟନ୍ତୀ ତିଥିରେ ଦୀର୍ଘ ୪୦ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏହି ପବିତ୍ର କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପୁରୋହିତ ଅକ୍ଷୟ କୁମାର ଦାଶ, ଶରତ ଚନ୍ଦ୍ର ମିଶ୍ର, ଦେବପ୍ରସାଦ ଶତପଥୀ, ଦୀପ୍ତିକାନ୍ତ ପଣ୍ଡା, ଚନ୍ଦ୍ରକାନ୍ତ ନନ୍ଦ, ଦୀପକ ମିଶ୍ର ଓ ରତିକାନ୍ତ ଆଚାର୍ଯ୍ୟ ପ୍ରମୁଖ ଯଜ୍ଞ, ପୂଜାର୍ଚ୍ଚନା ଓ ଚଣ୍ଡୀପାଠ କରିଥିଲେ । ପ୍ରାତଃ ଗୁରୁପୂଜା, ଧରିତ୍ରୀ ପୂଜା, ସୂର୍ଯ୍ୟ ପୂଜା ପରେ ଭଗବତ ବାସୁଦେବଙ୍କର ଷୋଡ଼ଶୋପଚାର ପୂଜା, ମା' ଓଲାଶୁଣୀଙ୍କର ଷୋଡ଼ାର୍ଚ୍ଚନା ପୂଜାପାଠ ସହିତ ଚଣ୍ଡୀପାଠ, ଗୀତାଯଜ୍ଞ ଓ ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବରେ ରତିକାନ୍ତ ସାମଲ, ପ୍ରିୟବ୍ରତ ସାମଲ ଓ ତାଙ୍କ ଧର୍ମପତ୍ନୀ ଅହଲ୍ୟା ସାମଲ ଯୋଗଦେଇଥିଲେ । ଅଶୋକ ସାମଲ, ବିକ୍ରମ ପ୍ରଧାନ, ଅଲେଖ ଚନ୍ଦ୍ର ସାମଲ, ବୈନତେୟ ଦାସ, କୁଳମଣି ସାମଲ, ଶୁଭେନ୍ଦ୍ର ପରିଡ଼ା ଓ ପ୍ରସନ୍ନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସମ୍ପତ୍ତି ଲୋଭରେ ନାବାଳିକାକୁ ହତ୍ୟା ଅଭିଯୋଗ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ଶାନ୍ତିନଗର ଅଞ୍ଚଳରେ ଜଣେ ନାବାଳିକାର ସନ୍ଦେହଜନକ ମୃତ୍ୟୁ ହୋଇଛି । ଅଭିଯୋଗ ପରେ ଅଇଁଠାପାଲି ଥାନା ପୋଲିସ ୩୧୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅନ୍ୟପଟେ ମୃତ ନାବାଳିକାର ମାମୁଁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । ସମ୍ପତ୍ତି ଲୋଭରେ ତାଙ୍କ ଭାଣିଜୀ ସାଇପ୍ରଭା ମିଶ୍ର(୧୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଏହା ଦୁର୍ଘଟଣା ନା ହତ୍ୟା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ । ସୂଚନାଯୋଗ୍ୟ, ସାଇପ୍ରଭା ଗତ ୩ତାରିଖ ସକାଳ ପ୍ରାୟ ସାଢେ ୫ଟାରେ ସ୍କୁଟି ଗାଡି ନେଇ ଘରୁ ବାହାରିଥିଲେ । ତେବେ କିଛି ସମୟ ପରେ ତାଙ୍କ ମୃତଦେହ ଘର ନିକଟ ଡ୍ରେନରୁ ମିଳିଥିଲା । ନାବାଳିକାର ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପ୍ରାଥମିକ ତଦନ୍ତରୁ ଏହା ଦୁର୍ଘଟଣା ବୋଲି ପୋଲିସ କହୁଥିବା ବେଳେ ତାଙ୍କ ସମ୍ପର୍କୀୟ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । ଅନୁଗୁଳରେ ରହୁଥିବା ମୃତ ନାବାଳିକାର ମାମୁଁ, ମାଇଁ ଓ ଆଈ ହତ୍ୟା ଅଭିଯୋଗ ଆଣିଛନ୍ତି । ସମ୍ପତ୍ତି ଲୋଭରେ ଜେଜେବାପା, ଜେଜେ ମାଆ ଓ ପିଉସୀ ହତ୍ୟା କରିଥିବା ଅଭିଯୋଗ ହୋଇଛି । ପୂର୍ବରୁ ୨୦୧୪ ମସିହାରେ ସାଇପ୍ରଭାଙ୍କ ବାପା ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ଏହାର ୩ବର୍ଷ ପରେ ତାଙ୍କ ମାଆ ଆତ୍ମହତ୍ୟା କରିଥିଲେ । ତାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦିଆଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାର ମାମଲା କୋର୍ଟରେ ବିଚାରାଧିନ ରହିଛି । ମାଆବାପାଙ୍କ ମୃତ୍ୟୁପରେ ନାବାଳିକା ଜଣକ ଜେଜେବାପା ଓ ଜେଜେ ମାଆ ସହ ରହୁଥିଲେ । ତେବେ ଅଇଁଠାପାଲି ଥାନା ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସାଇଣ୍ଟିଫିକ୍ ଓ ଏମ୍‌ଭିଆଇଙ୍କ ସହାୟତା ନେଇଛି । ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଉଛି । ଆଗାମୀ ୨ଦିନ ମଧ୍ୟରେ ଘଟଣା ଉପରୁ ପର୍ଦ୍ଦା ହଟିବ ବୋଲି ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସୂଚନା ଦେଇଛନ୍ତି ।

# ବାଇକ୍ ଧକ୍କାରେ ପୁତୁରାଙ୍କ ମୃତ୍ୟୁ, କାକା ଗୁରୁତର

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଡାଲଗୁମା ଗ୍ରାମର ଜଣେ ଚାଷୀ ତଥା ବେହେରା ଲଖିରାମ କଲେଜରେ ପିଅନ ଭାବେ କାର୍ଯ୍ୟରତ ଥିବା ଅଶୋକ ଚଣ୍ଡି (୫୬) ଓ ତାଙ୍କ ସମ୍ପର୍କୀୟ କାକା ନରସିଂହ ଚଣ୍ଡି ବୁଧବାର ରାତି ୮ ଟାରେ ନିଜ ଗାଁ ଡାଲଗୁମା ଫୁଟବଲ ପଡିଆ ନିକଟରେ ଥିବା ତାଙ୍କ ଖଳା ନିକଟରେ ନିଆଁ ପୋଉଥିବା ବେଳେ ଏକ ବାଇକ ଧକ୍କା ଦେଇଥିଲା । ସୂଚନାରୁ ଜଣା ପଡିଛି ଯ ସେହି ଗ୍ରାମର ଯୁବକ ରାହୁଲ ଧରୁଆ ଏକ ବାଇକରେ ବେହେରା ପଟୁ ଦ୍ରୁତ ଗତିରେ ଆସି ରାସ୍ତା କଡରେ ନିଆଁ ପୋଉଥିବା ଅଶୋକ ଓ ନରସିଂହଙ୍କୁ ଧକ୍କା ଦେଇଥିଲା। ବାଇକ ଟି ଅଶୋକ ଉପରେ ଚଢ଼ି ଯିବାରୁ ସେ ଛିଟିକି ପଡିବା ସହ ଗୁରୁତର ହୋଇ ପଡ଼ିଥିଲେ। ପରେ ପରିବାର ଲୋକେ ଉଭୟ ଗୁରୁତରଙ୍କୁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ଜଟିଳ ଥିବାରୁ ଉଭୟଙ୍କୁ ଚିକିତ୍ସା ପାଇଁ ଭବାନୀପାଟଣା ମେଡ଼ିକାଲକୁ ନେଇଥିବା ବେଳେ ସେଠାରେ



ଚିକିତ୍ସାଧୀନ ଅବସ୍ଥାରେ ଅଶୋକ ଚଣ୍ଡିଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ସମ୍ପର୍କୀୟ କୋକସରା ପୁଲିସକୁ ଏନେଇ ଲିଖିତ ଅଭିଯୋଗ ପରେ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରି ଏକ ଦୁର୍ଘଟଣା ଜନିତ ମାମଲା ୩୧୭/୨୫ ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ଅଶୋକ ଚଣ୍ଡି ବେହେରା କଲେଜରେ ପିଅନ ଭାବେ କାର୍ଯ୍ୟରତ ଥିଲେ, ତାଙ୍କ ଦୁଃଖଦ ମୃତ୍ୟୁକୁ ନେଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଦୁର୍ଘଟଣା ଘଟାଇଥିବା ଯୁବକକୁ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି।

# ପୌର ପରିଷଦ ରାସ୍ତାର ଅବସ୍ଥା ଶୋଚନୀୟ



ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡ଼ା ପୌର ପରିଷଦ ଅଧିନରେ ୨୪ଟି ୱାର୍ଡ଼ ରହିଛି । ଏହି ୱାର୍ଡ଼ ଗୁଡ଼ିକର ମୁଖ୍ୟ ରାସ୍ତା ଓ ସଂଲଗ୍ନ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ପ୍ରତ୍ୟେକ ୱାର୍ଡ଼ରେ ପାନୀୟ ଜଳ ଯୋଗାଣ ପାଇଁ ପାଣି ପାଇପ ଲାଇନ ନେଇଥିବା ଠିକା ସଂସ୍ଥା ରାସ୍ତା ଗୁଡ଼ିକୁ ଖୋଳିଦେବା ପରେ ଏହାକୁ ସଂପୂର୍ଣ ଭାବରେ ମରାମତି କରିନାହାନ୍ତି । ଫଳରେ ରାସ୍ତା ଗୁଡ଼ିକ ଚଳାଚଳ ପାଇଁ କଷ୍ଟକର ହୋଇ ପଡି ରହିଛି । ଏନେଇ ଝାରସୁଗୁଡ଼ା ପୌର ପରିଷଦର ର୍ନିବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ନିଜର ଅକ୍ଷମତା ପ୍ରକାଶ କରି କହିଲେ ଯେ ପି.ଏଚ.ଡି (ୱାଟ କୋ) ବିଭାଗୀୟଙ୍କୁ କହିବାରୁ ସେମାନେ କର୍ଣପାତ କରୁନାହାନ୍ତି ।

ଏହାର ଏକ ଜଳନ୍ତ ଉଦାହରଣ ହେଉଛି ଯେ ସେଣ୍ଟମେରୀ ସ୍କୁଲ ପାଖରେ ର୍ନିମାଣ ହୋଇଥିବା ମିନି ପାର୍କ ସମ୍ମୁଖରେ ଲାଗି ରହିଥିବା ଭେବର ବ୍ଲକକୁ ଉଠାଯାଇ ପାଣି ପାଇପ କାର୍ଯ୍ୟ କରାଯାଇଥିଲା । କିନ୍ତୁ ପରବର୍ତୀ ସମୟରେ ଏହାକୁ ନିର୍ମାଣ କାମ ନ କରି ଛାଡ଼ି ଦେବାରୁ ୧୫ ଫୁଟ ଲମ୍ବା ୬ ଫୁଟ ଚୌଡ଼ାର ଖାଲ ହୋଇଯାଇଛି । ପିଲା ମାନେ ସ୍କୁଲ ଛୁଟି ପରେ ପାର୍କକୁ ଆସିଲା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସେଣ୍ଟ ମେରୀ ସ୍କୁଲ ନିକଟରେ ପାର୍କ ଥିବାରୁ ସକାଳ ସଂଧ୍ୟା ଏଠାରେ ପ୍ରବଳ ଭିଡ଼ ହେଉଛି । ଏହାର ସମ୍ମୁଖ ଭାଗ ର୍ନିମାଣ ନ ହେବାରୁ ପାର୍କକୁ ଆସୁଥିବା ସମସ୍ତ ବର୍ଗର ପୁରୁଷ ମହିଳା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ବିଭାଗୀୟ ଅଧିକାରି ଓ ଜିଲ୍ଲାର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଭିସୁଟ୍‌ରେ ଛାତ୍ରୀ ନିର୍ଯାତନା ଅଭିଯୋଗ
# ସହପାଠୀ ଛାତ୍ର ଗିରଫ

ସମ୍ବଲପୁର,(ସବ୍ୟୁ): ଭିସୁଟ୍‌ରେ ଜଣେ ଛାତ୍ରୀଙ୍କ ନିର୍ଯାତନା ଅଭିଯୋଗ ହୋଇଛି । ଏନେଇ ବୁର୍ଲା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅଭିଯୁକ୍ତ ସହପାଠୀ ଛାତ୍ର ଆର୍ୟନ କର(୨୪)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟପଟେ ପୀଡିତା ଛାତ୍ରୀ ଓ ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ଛାତ୍ରଙ୍କ ବିରୋଧରେ ଭିସୁଟ୍ କର୍ତ୍ତୃପକ୍ଷ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସଂପୃକ୍ତ ଛାତ୍ରକୁ କ୍ୟାମ୍ପସରୁ ବହିଷ୍କାର କରାଯାଇଛି । ସୂଚନାଯୋଗ୍ୟ, ଆର୍ୟନ ଓ ପୀଡିତା ଉଭୟେ ମେକାନିକାଲ ବିଭାଗର ଶେଷ ବର୍ଷର ଛାତ୍ର ଅଟନ୍ତି । ଅଭିଯୁକ୍ତ ଜଣକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଉଥିଲେ । ଏପରିକି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଏବଂ ଫଟୋ ଭାଇରାଲ କରିବାକୁ ଧମକଚମକ ଦେବା ସହ ବ୍ଲାକମେଲିଂ କରୁଥିଲେ । ବିଭିନ୍ନ ସମୟରେ ମାଡ ମାରି ଲହୁଲୁହାଣ କରୁଥିଲେ । ଏନେଇ ପୀଡିତା ଛାତ୍ରୀ ଜଣକ ବିଶ୍ୱବିଦ୍ୟାଳୟର ଅଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇଟିସି)ରେ ଅଭିଯୋଗ କରିଥିଲେ । ଖବର ପାଇ ବୁର୍ଲା ଥାନା ପୋଲିସ ଅଭିଯୁକ୍ତକୁ ଛାତ୍ରକୁ ଅଟକ ରଖି ପଚରାଉଚରା କରିଥିଲା । ଛାତ୍ରୀ ଜଣକ ଶାରୀରିକ ଓ ମାନସିକ ନିର୍ଯାତନା ପାଉଥିବା ବେଳେ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ । ଖବର ପାଇ ଉଭୟ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ବୁର୍ଲାରେ ପହଞ୍ଚିଥିଲେ । ତେବେ ବିଶୃଙ୍ଖଳା ଯୋଗୁଁ ଛାତ୍ରକୁ ପୂର୍ବରୁ ହଷ୍ଟେଲରୁ ବାହାର କରାଯାଇଥିଲା । ସେ ଘର ଭଡା ନେଇ କ୍ୟାମ୍ପସ ପାଖରେ ରହୁଥିଲା । ସଂପୃକ୍ତ ଛାତ୍ରୀ ଜଣକ ହଷ୍ଟେଲରେ ରହୁଥିବା ଜଣାପଡିଛି ।

# ବାଇକ ଦୁର୍ଘଟଣାରେ ଦୁଇ ମୃତ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅନ୍ତର୍ଗତ ଜରାବଗା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଯାଇଛି । ଅନ୍ୟଜଣେ ଗୁରୁତର ଭାବେ ଆହତ ହୋଇ ବୁର୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛି । ସୂଚନାଯୋଗ୍ୟ, ବାଇକ ଗାଡି ନମ୍ବର(ଓଡି୧୬ଏନ୍‌-୦୨୬୩) ଯୋଗେ ୩ଜଣ ଯୁବକ କେଶବାହାଲ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲେ । ଏଥିଯୋଗୁଁ ଭିକାପାଲି ଗ୍ରାମର ମାନସ ସାମଦ(୨୬) ଓ ଆକାଶ ମୁଣ୍ଡା(୨୨)ଙ୍କ ମୃତ୍ୟୁ ହୋଇଥିଲା । ଗୁରୁତର ଅବସ୍ଥାରେ ଭିକାପାଲି ଗ୍ରାମର ଶିବାନ ମୁଣ୍ଡା(୨୧)ଙ୍କୁ ଉଦ୍ଧାର କରି ପ୍ରଥମେ କୁଚିଣ୍ଡା ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଦନ୍ଦ୍ରା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବିଜ୍ଞାନ କୁଇଜ ପ୍ରତିଯୋଗିତା ଆଜାଦ ଉଚ୍ଚବିଦ୍ୟାଳୟ, ଦନ୍ଦ୍ରାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରରେ ଚୟନ ହୋଇଥିବା ଉପକନିଷ୍ଠ ବର୍ଗ, କନିଷ୍ଠ ବର୍ଗର ଛାତ୍ରଛାତ୍ରୀ ଓ ସମସ୍ତ ଉଚ୍ଚ ବିଦ୍ୟାଳୟରୁ ଚୟନ ହୋଇଥିବା ବରିଷ୍ଠ ବର୍ଗର ଛାତ୍ରଛାତ୍ରୀ ଏହି ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉପକନିଷ୍ଠ ବର୍ଗରେ ପ୍ରଥମ ସ୍ଥାନରେ ପତ୍ରାପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ନନ୍ଦିନୀ ମାଝୀ, କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନରେ ପତ୍ରାପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ମୋହିତ ସାହୁ ପୁରସ୍କୃତ ହୋଇଥିଲେ। ସେହିପରି ବରିଷ୍ଠ ବର୍ଗରେ ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲେବଡ଼ାର ଛାତ୍ର ବିକାଶ ହରପାଲ ପ୍ରଥମ ସ୍ଥାନ ଅଧିକାର ପୁରସ୍କୃତ ହୋଇଥିଲେ ।



ଦନ୍ଦ୍ରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଦନ୍ଦ୍ରା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନୁର୍ଜୟ ଦୀପ,ବ୍ଲକ ବିଜ୍ଞାନ ସମିତି ଆବାହକ ତଥା କର୍ଲା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀମନ୍ତ କୁମାର ନାୟକ,ପତ୍ରାପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବେତାବ କୁମାର ବିଭାର ଓ ଦେବଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣାଦୀପ ଦାସ ସମ୍ମାନିତ ଅତିଥି ଥିଲେ। କାର୍ଯ୍ୟକ୍ରମକୁ ବାହୁପଳା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲିଲୁମୋହନ ପଧାନ ସଂଯୋଜନା କରିଥିବା ବେଳେ ମାଳିଶିରା ଉଚ୍ଚ ବିଦ୍ୟାଳୟ, ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବାଗ ଧନ୍ୟବାଦ ଦେଇଥିଲେ। କୃତୀ ପ୍ରତିଯୋଗୀମାନେ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ବଲାଙ୍ଗିର ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଇଓ ଶ୍ରୀ ପଢ଼ିହାରି ସୂଚନା ଦେଇଥିଲେ।

# ୨୪ ବର୍ଷର ଆବର୍ଜନା ୫ ବର୍ଷରେ ଶେଷ କରିବୁ : ବିଜେପି

ଝାରସୁଗୁଡା, (ସବ୍ୟୁ): ଝାରସୁଗୁଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା କାରଖାନାର ପାଉଁଶ ଜିଲ୍ଲାର ବିଭିନ୍ନ ରାସ୍ତାରେ ପଡିବା ନେଇ ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳୀ ଦାସ ଓ ବର୍ତମାନ ବିଧାୟକ ଥିବା ଟଙ୍କଧର ତ୍ରିପାଠୀଙ୍କ ମଧ୍ୟରେ ପ୍ରେସ ମିଟ ଓ ସୋସିଆଲ ମିଡ଼ିଆରେ ଲଢେଇ ଚାଲିଥିବା ବେଳେ ଗୁରୁବାର ସନ୍ଧ୍ୟା ରେ ଦୀପାଳୀଙ୍କ ସରବାହାଲ ସ୍ଥିତ ଘରେ ବିଜେଡି କର୍ମକର୍ତା ମାନେ ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ଓ ବିଧାୟକଙ୍କ ସମୟରେ ଜିଲ୍ଲାରେ ପାଉଁଶ ବହୁ ମାତ୍ରାରେ ଜିଲ୍ଲାକୁ କବଳିତ କରୁଛି ବୋଲି କହି ବିଧାୟକ ତ୍ରିପାଠୀଙ୍କ ବିରୋଧରେ ପ୍ରେସ ମିଟରେ ଖବର ଦାତାଙ୍କୁ ଜଣାଇଥିଲେ । ବିଜେଡି କର୍ମକର୍ତା ପ୍ରେସ ମିଟରେ ଜଣାଇଥିବା ସମସ୍ତ ବିଷୟକୁ ଝାରସୁଗୁଡା ଭାଜପା ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଲ ଖଣ୍ଡନ କରିବା ସହିତ ବିଜେଡି ସରକାର ସମୟରେ ଚାଲିଥିବା ୨୪ ବର୍ଷର ଆବର୍ଜନା ଭାଜପା ସରକାର ୫ ବର୍ଷ ରେ ସଫା କରିବ ବୋଲି କହିଛନ୍ତି ।

ରାଜ୍ୟରେ ଭାଜପା ସରକାର ଆସିବା ପରେ ପାଉଁଶ ପକାଇବାକୁ ନେଇ ଏକ ର୍ନିଦ୍ଧିଷ୍ଟ ନିୟମ ପ୍ରସ୍ତୁତ କରି ସାରିଛନ୍ତି, ତେଣୁ ଆଗାମୀ ଦିନ ରେ କମ୍ପାନୀ ମାନେ ଓ ପାଉଁଶ ପରିବହନ କାରୀ ସଂସ୍ଥା ଗୁଡିକ ଆସ (ପାଉଁଶ )ସରକାରଙ୍କ ନିୟମ ଅନୁଯାୟୀ ହିଁ ଡମ୍ପିଂ ଓ ପରିବହନ କରିବେ ଏହା ସହିତ ଝାରସୁଗୁଡା ବାସୀଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶୃତି ଗୋଟିଏ ପରେ ଗୋଟିଏ ପାଳନ କରାଯାଉଥିବା ବେଳେ ଆଗାମୀ ସାଧାରଣ ର୍ନିବାଚନ ବେଳକୁ ଝାରସୁଗୁଡା ରାଜ୍ୟ ଏକ ନମ୍ବର ନିର୍ବାଚନ ମଣ୍ଡଳୀ ଭାବରେ ପରିଗଣିତ ହୋଇ ସାରିଥିବ, ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଝାରସୁଗୁଡା ମଣ୍ଡଳ ସଭାପତି ଶ୍ରୀ ଭୋଲ ତାଙ୍କ ମତ ପ୍ରକାଶ କରିଛନ୍ତି ।

# ନଦୀରୁ ଉଦ୍ଧାର ମହିଳାଙ୍କ ମୃତଦେହ
# ପରିବାର ଆଣିଲେ ହତ୍ୟା ଅଭିଯୋଗ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲାକାଳିମେଳା ବ୍ଲକର ଡୁଡାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରାଯାଇଛି। ମହିଳା ନିଖୋଜ ନେଇ ଗତକାଲି କୋରକୋଣ୍ଡା ଥାନାରେ ଏତଲା ଦାୟର ହୋଇଥିଲା। ସକାଳେ ମହିଳାଙ୍କ ମୁଣ୍ଡ ବିହୀନ ଶବକୁ ପରିବାର ଲୋକେ ଚିହ୍ନଟ କରି କୋରକୋଣ୍ଡା ପୁଲିସକୁ ସୂଚନା ଦେଇଥିଲେ। କୋରକୋଣ୍ଡା ପୁଲିସ ଏହି ଘଟଣାର ତଦନ୍ତ କରୁଥିବା କହିଛି।

ଘଟଣା ଅନୁଯାୟୀ କୋରକୋଣ୍ଡା ଥାନା ଅଂଚଳର ରାଖାଲଗୁଡା ଗ୍ରାମର ସ୍ୱର୍ଗତ ମୁକ୍କା ପଡିଆମିଙ୍କ ପତ୍ନୀ ଲାକେ ପଡିଆମି(୫୦) ଗତକାଲି ଠାରୁ ନିଖୋଜ ଥିଲେ। ପରିବାର ଲୋକେ ଲାକେ ପଡିଆମି ଗତକାଲି ଠାରୁ ନିଖୋଜ ଥିବା ନେଇ କୋରକୋଣ୍ଡା ଥାନାରେ ଏତଲା ଦାୟର କରିଥିଲେ। କୋରକୋଣ୍ଡା ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଥିବା ବେଳେ ସକାଳୁ କାଳିମେଳା ବ୍ଲକର ଡୁଡାମେଟଲା ନଦୀରେ ମହିଳାଙ୍କ ମୁଣ୍ଡ ବିହୀନ ଶବ ପଡିଥିବା ଜାଣିବା ପରେ ପରିବାର ଲୋକେ ସେଠାକୁ ଯାଇ ଦେଖିଲା ବେଳକୁ ମହିଳା ଜଣକ ଲାକେ ପଡିଆମି ବୋଲି ପରିବାର ଲୋକେ କହିଥିଲେ।

ଖବର ପାଇ କୋରକୋଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ମହିଳାଙ୍କୁ ମୁଣ୍ଡ କାଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ତେବେ କିଏ ଓ କାହିଁକି ଲାକେ ପଡିଆମିଙ୍କୁ ହତ୍ୟା କରିଛି ତାକୁ ନେଇ ପରିବାର ଲୋକେ ଏବେ ଚିନ୍ତାରେ ପଡିଛନ୍ତି। ପୁଲିସ ମଧ ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ହୋଇଥାଇପାରେ ବୋଲି କହିଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଇଆଇସି ହିମାଂଶୁ ବାରିକ ପ୍ରକାଶ କରିଛନ୍ତି।

# ଜିଲ୍ଲାର ହାଇସ୍କୁଲ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ତାଲିମ ଶିବିର

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବୌଦ୍ଧ ସଦର ମହକୁମା ସ୍ଥିତ ଯୋଗୀନ୍ଦ୍ରଦେବ ହାଇସ୍କୁଲର ସାଣ୍ଟିନାରି ହଲ ଠାରେ ଜିଲ୍ଲା ହାଇସ୍କୁଲର ପ୍ରଧାନଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ନେଇ ଏକ ପାଂଚ ଦିନିଆ ତାଲିମ ଶିବିର ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲା ଦୁବେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡାମଣୀ ବାରିକ,ହରଭଙ୍ଗୀ ବିଇଓ ହରିବନ୍ଧୁ ବେହେରା, ବୌଦ୍ଧ ବିଇଓ ଉପେନ୍ଦ୍ର ପ୍ରଧାନ, ସରକାରୀ ବାଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ଯୋଗଦେଇଥିଲେ । ସହକାରୀ ଶିକ୍ଷକ ବାଳକୃଷ୍ଣ ମହାକୁଡ ମଂଚ ପରିଚାଳନା କରିଥିଲେ । ଏଥିରେ ଜିଲ୍ଲାରେ ଥିବା ୭୭ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ । ଏହି ତାଲିମ ଶିବିର ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସନ୍ଧ୍ୟାରାଣୀ ମିଶ୍ର, ମନଜିତ ଚାନ୍ଦ,ଦିନେଶ ମେହେର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଜାପୁର ଏନକାଉଣ୍ଟର ଘଟଣା
# ପୁଣି ୬ ମାଓବାଦୀଙ୍କ ଶବ ଉଦ୍ଧାର

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ଏବଂ ବିଜାପୁର ସୀମାବର୍ତ୍ତୀ ଜଂଗଲରେ ବୁଧବାର ମାଓବାଦୀ-ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଏହି ଗୁଳି ବିନିମୟରେ ବୁଧବାର ୧୨ ଜଣ ମାଓବାଦୀଙ୍କ ଶବ ଉଦ୍ଧାର କରାଯାଇଥିଲା। ଯବାନ କିନ୍ତୁ ଏହି ଜଂଗଲରେ ଗତକାଲି ଠାରୁ ଲଗାତାର ସର୍ଚ୍ଚ ଅପରେସନ କରୁଥିବା ଦେଖିବାକୁ ମିଳିଛି। ଆଜି ପୁଣି ଜଂଗଲର ବିଭିନ୍ନ ସ୍ଥାନରେ ୬ ଜଣ ନକ୍ସଲଙ୍କ ମୃତ ଦେହକୁ ଯବାନ ଉଦ୍ଧାର କରିଥିଲେ।

ବସ୍ତର ଆଇଜି ସୁନ୍ଦର ରାଜଙ୍କ କହିବା ଅନୁଯାୟୀ ଏମାନଙ୍କ ମଧ୍ୟରୁ ଦୁର୍ଦାନ୍ତ ଡିଭିସିଏମ ବେଲ୍ଲା ମଡିୟମ ଏବଂ ରାନୀ ସାମିଲ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତଦନ୍ତ ପରେ କେଉଁ କେଉଁ ନକ୍ସଲଙ୍କର ମୃତ୍ୟୁ ହୋଇଛି ତାହା ଜଣାପଡିବ ବୋଲି ସେ କହିଛନ୍ତି। ଘଟଣାସ୍ଥଳରୁ ଏକେ-୪୭ ବନ୍ଧୁକ ସହ ଏସଏଲଆର, ଇନସାସା,୩୦୩ ଭଳି ଅତ୍ୟାଧୁନିକ ବନ୍ଧୁକ ମଧ ଉଦ୍ଧାର କରାଯାଇଛି।


ବିଜାପୁର ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ୩ ସହିଦ ଯବାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ବୁଧବାର ବୀରତ୍ୱର ସହ ମାଓବାଦୀ ଙ୍କ ସହ ଲଢି ଏହି ତିନି ଯବାନ ସହିଦ ହୋଇଥିଲେ। ଏମାନେ ହେଲେ ଡିଆରଜି ହେଡ କନେଷ୍ଟବଲ ମୋନୁ ବଡାଡି, ଡିଆରଜି କନେଷ୍ଟବଲ ଦୁକାରୁ ଗୋଣ୍ଡେ ଏବଂ ଡିଆରଜି କନେଷ୍ଟବଲ ରମେଶ ସୋଡି। ଗୁରୁବାର ତିନି ସହିଦଙ୍କୁ ପୁଲିସ ପ୍ରଶାସନ,ରାଜନେତା ସହ ପରିବାର ଲୋକେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ତିନି ଜଣଙ୍କ ଶବକୁ ରାଜନେତା ଏବଂ ପୁଲିସର ଉଚ୍ଚପଦାଧିକାରୀମାନେ କାନ୍ଧ ଦେଇଥିଲେ। ତିନି ସହିଦ ପରିବାର ଓ ସଂପର୍କୀୟଙ୍କ ଆଖିରୁ ଲୁହ ଶୁଖୁନଥିଲା। ଗତ କିଛି ଘଣ୍ଟା ତଳେ ଅପରେସନକୁ ଯାଉଥିବା ପରିବାର ଲୋକଙ୍କୁ କହି ଯାଇଥିଲେ। ଆଉ ଶବ ହୋଇ ଫେରିଲେ। ଯାହାକୁ ବିଶ୍ୱାସ କରିପାରୁନାହାନ୍ତି ପରିବାର ଲୋକେ।

# କବିତା ସଂକଳନ 'ଲେସନ୍ସ ଫର ଲାଇଫ' ଉନ୍ମୋଚିତ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଯୁବକବି ହେମସାଗର ମହାନନ୍ଦଙ୍କ ଇଂରାଜୀ କବିତା ସଂକଳନ 'ଲେସନ୍ସ ଫର ଲାଇଫ : ପୋଏମ୍ସ ଫର ଏଭ୍ରି ଷ୍ଟେଜ ଅଫ ଲର୍ଣ୍ଣିଂ' ଭବାନୀପାଟଣା ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ୬୯ତମ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ୍ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଏହି ପୁସ୍ତକ ଉନ୍ମୋଚନ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାପାଳ ସଚିନ ପୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବିଶିଷ୍ଟ ବାଗ୍ମୀ ଡ. ଶିବପ୍ରସାଦ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଯୁଗଳ ପୋଢ଼, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାଏକ ପ୍ରମୁଖ ଯୋଗଦାନ କରିଥିଲେ। କବି ହେମସାଗର ମହାନନ୍ଦ ନିଜେ ମଞ୍ଚାସୀନ ଥିବା ବେଳେ ରାଜ୍ୟ ଅଧିକାରୀ ନିରଞ୍ଜନ ଶତପଥୀ ଓ ଯୁବ ଲେଖକ ଡିଲେଶ୍ୱର ରଣା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେଛ ଅନ୍ତର୍ଜାତୀୟ ପ୍ରକାଶନ ସଂସ୍ଥା ୟୁରାନିଆ ପବ୍ଲିଶିଂ ହାଉସ୍ ପକ୍ଷରୁ ପ୍ରକାଶିତ ଏହି ସଂକଳନରେ ସମ୍ମାନ, ସାଧୁତା, ଅଧ୍ୟବସାୟ, ପରିବେଶ ସଂରକ୍ଷଣ, ଆତ୍ମବିଶ୍ୱାସ ଆଦି ମୂଲ୍ୟବୋଧକୁ ନେଇ ରଚିତ କବିତାଗୁଡ଼ିକ ସ୍ଥାନ ପାଇଛି। ପ୍ରତ୍ୟେକ କବିତା ନୈତିକ ଶିକ୍ଷା ବହନ କରି ପାଠକଙ୍କୁ ସହାନୁଭୂତିଶୀଳ, ସାହସୀ, ଚିନ୍ତକ ଓ ସକାରାତ୍ମକ ପରିବର୍ତ୍ତନର ବାହକ ହେବାକୁ ପ୍ରେରଣା ଯୋଗାଉଛି। ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଶ୍ରୀ ମହାନନ୍ଦ ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ପୁରସ୍କାରରେ ସମ୍ମାନିତ ହୋଇସାରିଛନ୍ତି। ଶିଶୁ ଓ ଯୁବପିଢ଼ିଙ୍କ ମନରେ ସଦଗୁଣର ଅଙ୍କୁରୋଦଗମ ଏହି ପୁସ୍ତକର ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ତପସ୍ୱିନୀ ଜିଲ୍ଲା ପ୍ରେକ୍ଷାଳୟ ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ହୋଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ଦିବ୍ୟାଙ୍ଗ ମାନେ କୌଣସି କ୍ଷେତ୍ରରେ ପଛରେ ନାହାଁନ୍ତି । ଭଗବାନ ସେମାନଙ୍କ ମଧ୍ୟରେ ଏକ ଭିନ୍ନ ଶକ୍ତି ଦେଇଛନ୍ତି । ଏହାକୁ ବିକାଶ କରିବାକୁ ହେବ । ଏପରିକି କୌଶଳ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ମହାନଗର ନିଗମ ଡେପୁଟି କମିଶନର ସୀମା ସବିତା କୁଲୁ, ଲରମ୍ବା କଲେଜ ଅର୍ଥନିତୀ ବିଭାଗ ମୁଖ୍ୟ ଡ. ଦିବାମ୍ବର ଚାନ୍ଦ, ହୀରାକୁଦ କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ମଞ୍ଜୁଲତା ପଣ୍ଡା, ଭିମସାର ବୁର୍ଲାର ସହକାରୀ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର , ପାରା ଅଲମ୍ପିକ ବିଜେତା ସୁକାନ୍ତ ସାହୁ ଓ ପାରା ବ୍ୟାଡମିଣ୍ଟନ ଖେଳାଳୀ ସୌମ୍ୟକାନ୍ତ ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୨ଜଣ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ, ୧୦ଜଣଙ୍କୁ ଶ୍ରବଣ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । ଧନକଉଡା ଏମ୍‌ଆର ସ୍କୁଲର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିଥିଲେ । ଡିଏସ୍‌ଡବ୍ଲ୍ୟୁଓ ସଂଯୁକ୍ତା ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଡିଏସ୍‌ଏସ୍‌ଓ ସୌରୀଚନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।




# ୬ ମାସ ହେଲା ଅନାଥ ପିଲାଙ୍କୁ ମିଳୁନି ପ୍ରାୟୋଜିତ ରାଶି

ରାୟଗଡା,(ସବ୍ୟୁ): ଗତ ୬ ମାସ ହେଲା ରାୟଗଡା ଜିଲ୍ଲାର ଅନାଥ ପିଲାଙ୍କୁ ସେମାନଙ୍କ ପ୍ରାୟୋଜିତ(ସ୍ପନସରସିପ)ରାଶି ମିଳିନଥିବା ସୂଚନାରୁ ଜଣାପଡିଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କାର୍ଯ୍ୟାଳୟର ସୂଚନାରୁ ଜଣାପଡିଛି । କେବଳ ରାୟଗଡା ନୁହେଁ ସମଗ୍ର ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର ହଜାର ହଜାର ଅନାଥ ପିଲା ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି । ରାୟଗଡା ଜିଲ୍ଲାର ପାଖାପାଖି ୧୭୦ ଜଣ ୬ବର୍ଷରୁ ୧୮ ପର୍ଯ୍ୟନ୍ତ ଅନାଥ ପିଲାଙ୍କୁ ସ୍ପନସରସିପ ରାଶି ମିଳୁଥିଲା । ଏହି ସହାୟତା ରାଶି ଅନାଥ ପିଲାଙ୍କ ଶିକ୍ଷା,ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ ପ୍ରତ୍ୟେକ ମାସରେ ୪ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟ ସିଧାସଳଖ ଯାଉଥିଲା ।

ଗତ ୬ ମାସ ହେଲା ଏହି ରାଶି ସେମାନଙ୍କୁ ମିଳୁନଥିବାରୁ ସେମାନଙ୍କୁ ପାଳନ କରୁଥିବା ଅବିଭାବକ ମାନେ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି । ଏନେଇ କିଛି ହିତାଧିକାରୀ ମାନେ ଡିସିପିୟୁ କର୍ମକର୍ତାଙ୍କ ସହ ଯୋଗଯୋଗ କରୁଥିଲେ ମଧ ସେମାନଙ୍କୁ ସନ୍ତୋଷଜନକ ଉତ୍ତର ମିଳୁନଥିବା ପ୍ରକାଶ କରିଛନ୍ତି । ଯେଉଁ ଛୁଆର ବାପା କିମ୍ବା ମାଁ ଓ ଉଭୟ ମୃତ୍ୟୁବରଣ କରିଥିବେ ଏବଂ ଏହି ଛୁଆ ମାନଙ୍କୁ ଦାୟିତ୍ୱ ନେଇଥିବା ସଂପର୍କିୟ ମାନଙ୍କ ବାର୍ଷିକ ରୋଜଗାର ୯୦ହଜାରରୁ କମ ଥିବ ସେହି ମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । କିଛି ଅନାଥ ଛୁଆଙ୍କୁ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ମାନଙ୍କରେ ଥଇଥାନ କରାଯାଇଥିବା ବେଳେ ଜିଲ୍ଲାର ପାଖାପାଖି ୧୭୦ ଜଣ ଅନାଥ ଛୁଆ ୪ହଜାର ଟଙ୍କାର ସ୍ପନସରସିପ ରାଶି ପାଇ ନିଜ ସଂପର୍କିୟ ଅବିଭାବକଙ୍କ ନିକଟରେ ରହି ସରକାରଙ୍କ ଏହି ସୁବିଧା ପାଉଛନ୍ତି । ଏହି ଯୋଜନାର ଲକ୍ଷଥିଲା ଯେଉଁ ଅନାଥ ପିଲାମାନେ ବାପା ମାଁଙ୍କୁ ହରାଇଲା ପରେ ସଂପର୍କିୟ ମାନେ ଆର୍ଥିକ ସମସ୍ୟା ଯୋଗୁଁ ବିଭିନ୍ନ ବେସରକାରୀ ଅନାଥଶ୍ରମରେ ଛାଡିଦେଉଥିଲେ। ଫଳରେ ଅନାଥ ଛୁଆ ମାନେ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ନିର୍ଯାତିତ ହେଉଥିଲେ । ସେମାନଙ୍କୁ ଏହି ସମସ୍ୟାରୁ ରକ୍ଷା କରି ସେମାନଙ୍କ ସଂପର୍କିୟଙ୍କ ପାଖରେ ରହି ଠିକ ରୂପେ ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ଖାଦ୍ୟର ସୁବିଧା ପାଇବା ପାଇଁ ଯୋଜନା କରାଯାଇଥିଲା । ଏନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିଚୁଆନଙ୍କୁ ପଚାରିବାରୁ ଗତ ୫/୬ମାସ ହେଲା ଅନାଥ ପିଲାଙ୍କୁ ଏହି ରାଶି ମିଳିନଥିବା ସ୍ୱିକାର କରିବା ସହ ଏନେଇ ରାଜ୍ୟ ସ୍ତରୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇ ସମସ୍ୟା ସଂପର୍କରେ ଅବଗତ କରାଯାଇଛି । ରାଜ୍ୟରୁ ଏନେଇ ପାଣ୍ଠି ଆସିଲେ ସେମାନଙ୍କୁ ପଠାଇ ଦିଆଯିବ ବୋଲି ଡିସିପିଓ ଶ୍ରୀ ଚିଚୁଆନ ପ୍ରକାଶ କରିଛନ୍ତି । ସୂଚନାରୁ ଜଣାପଡିଛି ଜିଲ୍ଲାର ୩୦/୪୦ ଅନାଥ ପିଲା ଏହି ଯୋଜନାରେ ସାମିଲ ହେବା ପାଇଁ ଶିଶୁ ମଙ୍ଗଳ କମିଟିକୁ ଆବଦେନ କରିଛନ୍ତି । କିନ୍ତୁ ରାଜ୍ୟରୁ ସହାୟତା ରାଶି ଆସିନଥିବାରୁ ଆବେଦନ କରିଥିବା ଅନାଥ ଛୁଆଙ୍କୁ ଦିଆଯାଇପାରିନି ପାଣ୍ଠି ଆସିଲେ ସେମାନଙ୍କ ଆବେଦନକୁ ଯାଞ୍ଚ କରି ସହାୟତା ଦିଆଯିବ ବୋଲି ଡିସିପିଓ ଚିଚୁଆନ ପ୍ରକାଶ କରିଛନ୍ତି ।

# ଦୌଡ଼ ଯୁକ୍ତ ସନ୍ତରଣ ପ୍ରତିଯୋଗିତାରେ ସାମିଲ ପାଇଁ ଅମୀୟଙ୍କ ସାଉଥ୍ ଆଫ୍ରିକା ଗସ୍ତ



ରେଢ଼ାଖୋଲ,(ସବ୍ୟୁ): ନାକଟିଦେଉଳ ବ୍ଲକ ଉପରମୁଣ୍ଡା ର ଯୁବ ପ୍ରତିଭା ଅମିୟ କୁମାର ପ୍ରଧାନ ଦୌଡ଼ ଯୁକ୍ତ ସନ୍ତରଣ ପ୍ରତିଯୋଗିତା ରେ ଭାଗ ନେବା ପାଇଁ ଆମ ଦେଶ ଭାରତ ତରଫରୁ ସାଉଥ୍ ଆଫ୍ରିକା ଗସ୍ତ କରିଛନ୍ତି । ସୂଚନା ଥାଉକି,ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଉପର ମୁଣ୍ଡା ଗ୍ରାମର ଅମିୟ କୁମାର ପ୍ରଧାନ ନିକଟରେ ଜାତୀୟ ଦୌଡ଼ ଯୁକ୍ତ ସନ୍ତରଣ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ପାଇ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ତରଫରୁ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତ କରିବାକୁ ମନୋନୀତ ହୋଇଥିଲେ । ସେ ଉପରମୁଣ୍ଡା ଗ୍ରାମରେ ଅନ୍ତର୍ଯ୍ୟାମି ପ୍ରଧାନ ଓ କୁନି ପ୍ରଧାନଙ୍କ ପୁତ୍ର । ସେ ରାଜ୍ୟର ବିଭିନ୍ନ ସ୍ଥାନରେ ଖେଳ ପ୍ରଦର୍ଶନ କରି ୪୦ ରୁ ଅଧିକ ପଦକ ହାସଲ କରିଛନ୍ତି ।

# ଫୋନ୍ ପେ'ରେ ୮୨ହଜାର ଟଙ୍କା ସାଇବର ଠକେଇ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ହଳଦୀ ଗ୍ରାମର ସୁଧୀର ମାହାକୁର(୩୪) ନାମକ ଜଣେ ଯୁବକ ଫୋନ ପେରେ ୮୨ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସାଇବର ଠକେଇର ଶିକାର ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଠକେଇର ଶିକାର ସୁଧୀରଙ୍କ ମୋବାଇଲକୁ ଗତ ସୋମବାର ଅପରାହ୍ନରେ ଏକ ଅଜଣା ମୋବାଇଲ ନମ୍ବର (୬୩୯୧୬୭୬୭୩୪)ରୁ ଫୋନ୍ କଲ୍ ଆସିଥିଲା। ସେପଟରୁ ସେ ତୁମ ସାଙ୍ଗ ସୁରଜ୍ କହୁଛି ବୋଲି ପରିଚୟ ଦେଇଥିଲା,ସୁଧୀର ବିହାର ଝାରଖଣ୍ଡ ଅଞ୍ଚଳର କେହି ସୁରଜ୍ ନାମକ ଜଣେ ଯୁବକଙ୍କୁ ଜାଣି ଥିବାରୁ ସହଜରେ ସେ ଏହାକୁ ବିଶ୍ୱାସ କରିନେଇଥିଲେ। ସେ ତୁମ ଫୋନ୍ ପେରେ ମୁଁ ୪୫ହଜାର ଟଙ୍କା ପଠାଉଛି,ଏହାକୁ ମୋତେ ଦୟାକରି ପଠାଇଦେବ ବୋଲି କହି ସ୍କ୍ରିନସଟ ପଠାଇଲା। ସୁଧୀର ତା କଥାକୁ ବିଶ୍ୱାସ କରି ପ୍ରଥମେ ୧୦ହଜାର ଟଙ୍କା,ପରେ ୨୦ହଜାର ଟଙ୍କା ଓ ୧୫ହଜାର ଟଙ୍କା ନିରଜ୍ କୁମାର ନାମକ ଜଣଙ୍କ ଆକାଉଣ୍ଟକୁ ଫୋନ୍ ପେରେ ପଠାଇଥିଲେ। ପୁଣି ଥରେ ସେ ଯେତେବେଳେ ଆଉ ୪୦ହଜାର ଟଙ୍କା ପଠାଇବା ପାଇଁ ଫୋନ୍ କଲା ସୁଧୀରଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ସୁଧୀର ତାଙ୍କ ଆକାଉଣ୍ଟରେ ୪୦ହଜାର ଟଙ୍କା ନ ଥିବା ସତ୍ତ୍ୱେ ମଧ୍ୟ ସେ ଆକାଉଣ୍ଟରେ ଥିବା ମୋଟ ୩୭୪୪୬ଟଙ୍କା ପଠାଇ ଦେଇଥିଲେ। ଏହିପରି ଭାବରେ ସୁଧୀର ମୋଟ ୮୨ହଜାର ୪୪୬ଟଙ୍କା ସେହି ଯୁବକଙ୍କୁ ଫୋନ ପେରେ ପଠାଇଦେଇଥିଲେ। ପରେ ସନ୍ଦେହ ହେବାରୁ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବାରୁ ଏହି ସମସ୍ତ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କଟି ଯାଇଥିବା ଜାଣିବାକୁ ପାଇଥିଲେ।

ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ପ୍ରଥମେ ମୁରିବାହାଲ ଥାନାର ଦ୍ୱାରସ୍ଥ ହେବାରୁ ତାଙ୍କୁ ବଲାଙ୍ଗିର ସାଇବର ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ସୁଧୀର ସାଇବର ଥାନାରେ ଅଭିଯୋଗ କରିବାରୁ ସମସ୍ତ ଟଙ୍କା କେତେବେଳେ କେଉଁ ଆକାଉଣ୍ଟକୁ ଯାଇଛି ଜଣାପଡିଥିଲା। ଏ ସମ୍ପର୍କରେ ସାଇବର ଥାନା ପକ୍ଷରୁ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ କୁହାଯାଇଥିଲା। ସୁଧୀରଙ୍କ ନୂତନ ଘର ତିଆରି କାମ ଚାଲୁଥିବାରୁ ସଞ୍ଚୟ କରି ରଖିଥିବା ସମସ୍ତ ଟଙ୍କା ସାଇବର ଠକେଇର ଶିକାର ହୋଇ ଏବେ ସର୍ବସ୍ୱାନ୍ତ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମୁରିବାହାଲ ଥାନା ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଟଙ୍କାପଇସା କାରବାର ବେଳେ ଏଭଳି ସାଇବର ଠକମାନଙ୍କଠାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଏନ୍‌ଏସି ଅଫିସ ସମ୍ମୁଖରେ ଧାରଣାରେ ଅବସରପ୍ରାପ୍ତ କର୍ମଚାରୀ

କୁଚିଣ୍ଡା,(ସବ୍ୟୁ): ବୁଧବାର ୩ ତାରିଖଠାରୁ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଏହି ଧାରଣା ଦ୍ୱିତୀୟ ଦିନରେ ପହଁଞ୍ଚିଥିଲେ ମଧ୍ୟ କୌଣସି ସମାଧାନ ସୁତ୍ର ଜଣାପଡିନାହିଁ। ପ୍ରାପ୍ତ ସୁଚନାମତେ ଦିର୍ଘ ୬ବର୍ଷରୁ ୧୨ ବର୍ଷ ଅବସର ପରେ ମଧ୍ୟ ସେମାନଙ୍କ ଅବସର ବକେୟା ପାଉଣା ଏପର୍ଯ୍ୟନ୍ତ ମିଳିଲା ନାହିଁ କେବଳ ପ୍ରଭିଜନାଲ ପେନ୍ସନ ବ୍ୟତିତ ସେମାନଙ୍କ ଗ୍ରାଚୁଇଟି ଓ ବେକେୟା ଅର୍ଥନ ମିଳିବା, ଏବଂ ପ୍ରାପ୍ୟ ପ୍ରାପ୍ତ ନିମନ୍ତ ବିଭିନ୍ନ ଫର୍ମରେ ଆପତ୍ତି ଅଭିଯୋଗ କରିଆସୁଥିବା ସତ୍ତ୍ୱେ ମିଳିନାହିଁ, ତେଣୁ ପ୍ରାପ୍ତ ପ୍ରଦାନ ପ୍ରତିବାଦରେ ଧାରଣାକୁ ଓହ୍ଲାଇଛନ୍ତି, ବର୍ତ୍ତମାନ ୨୦ଜଣ ଅବସରପ୍ରାପ୍ତ କର୍ମଚାରୀ ଧାରଣାରେ ବସିଛନ୍ତି। ସେମାନଙ୍କ ମଧ୍ୟରେ, ସର୍ବଶ୍ରୀ ବାବୁଲି ପାତ୍ର, ଉପେନ୍ଦ୍ର କୁମାର, ଶିବଚରଣ ମାଝୀ,ମନ୍ମଥ ମିଶ୍ର, ମାଧବ ତ୍ରିପାଠୀ, ଶରତ ଚନ୍ଦ୍ର ମହାନଳିଆ,ସୁରେଶ ବାଘ, ସୁଜ୍ଞାନୀ ପଟେଲ୍, ଓ ମହିଳା କର୍ମଚାରୀ ଅନ୍ତଭୁକ୍ତ। ଉଲ୍ଲେଖଯୋଗ୍ୟ ଯେ, ଅବସର ଗ୍ରହଣ ପରେ, ସେମାନେ ପରିଣତ ବୟସରେ ପହଁଞ୍ଚିଛନ୍ତି। ଏଥିମଧ୍ୟରୁ କେତେଜଣ ସ୍ୱର୍ଗବାସ ହୋଇସାରିଥିବାବେଳେ, କେତେକ ସଯ୍ୟାସାୟୀ ମଧ୍ୟ ଅଛନ୍ତି। ଏବେ ବକେୟା ପ୍ରାପ୍ୟ ନମିଳିଲେ ଆଉ କେବେ ବୋଲି ସେମାନେ ଅଭିଯୋଗ କରିବା ସହିତ ଦାବୀ ପୁରଣ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

# କଫି ଆଉଟଲେଟ ନିୟମିତ ଖୋଲିବା ଦାବି

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା କଫି ଟ୍ରେଲସରେ କୋରାପୁଟ କଫି ନିୟମିତ ଖୋଲିବାକୁ ଦାବି ହେଉଛି। କୋରାପୁଟ ସହରରେ କୋରାପୁଟ କଫିର ଏହି ଦ୍ୱିତୀୟ ଆଉଟଲେଟ ନିୟମିତ ଖୋଲାଯାଉ ନ ଥିବା ପର୍ଯ୍ୟଟକ ମାନେ ଅଭିଯୋଗ କରିଛନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ମେସିନ ଏବଂ ପାଣି ଟେପ ଅଛି। କିନ୍ତୁ କାମ କରୁ ନାହିଁ। ସେଠାରେ ଥିବା ବେସିନ ଟି ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। କାହିଁକି ନିୟମିତ ଖୋଲା ଯାଉ ନାହିଁ ତାହାର ତଦନ୍ତ କରି ତୁରନ୍ତ ଖୋଲିବା ବ୍ୟବସ୍ଥା କରିବା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବାକୁ କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି। ସୂଚନା ଯୋଗ୍ୟ ଯେ ଗତ ୨୦୨୪ ବର୍ଷ ଅକ୍ଟୋବର ମାସ ୩୦ ତାରିଖ ଦିନ ଉଦଘାଟନ କରାଯାଇଥିଲା। ଚଳିତ ବର୍ଷ ଅକ୍ଟୋବର ମାସ ୧୮ ତାରିଖ ଦିନ କୋରାପୁଟ କଫି ଆଉଟଲେଟ ଖୋଲାଯାଇଥିଲା। ଖୋଲିବାର ୧୬ ଦିନ ପରେ ଏହା ବନ୍ଦ ରହିଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ତଥା ଅନ୍ୟ ଜିଲ୍ଲାରୁ ଅନେକ ପର୍ଯ୍ୟଟନ ଉକ୍ତ କଫି ଟ୍ରେଲସକୁ ଆସୁଥିବା ବେଳେ ଏହାର ସଫା ସୁତୁରା କରିବାର ଆବଶ୍ୟକତା ରହିଛି। କୋରାପୁଟ କଫିର ପରିଚୟ ଦେଶ ବିଦେଶରେ ରହିଥିବା ବେଳେ ନିଜ ସହରରେ ପରିଚୟ ଲିଭାଇବାକୁ କାହିଁକି ଅପଚେଷ୍ଟା କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ତୁରନ୍ତ କଫି ଆଉଟଲେଟ ନିୟମିତ ଖୋଲିବାକୁ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ



ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଆଜି ପାଳିତ ହୋଇଯାଇଛି। ଏହି ଅବସରରେ. ଜିଲ୍ଲାର ଭିନ୍ନକ୍ଷମ ମାନଙ୍କୁ ନେଇ ସକାଳେ ଏକ ଓ୍ୱାକଥନ ରେଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଠାରେ ସମାପ୍ତ ହୋଇଥିଲା । ଏହି ରେଲିରେ ଜିଲ୍ଲାର ବିଭିନ୍ନ ଭିନ୍ନକ୍ଷମ ସଂଗଠନ, ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକର ଛାତ୍ର ଛାତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହ ଅନ୍ୟାନ୍ୟ ସଂଗଠନ ମାନେ ସାମିଲ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ରେଡକ୍ରସ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାର ସମସ୍ତ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକର ଛାତ୍ର ଛାତ୍ରୀ, ଭିନ୍ନକ୍ଷମ ସଂଗଠନ ମାନଙ୍କର ସଦସ୍ୟ ସଦସ୍ୟା, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଅଭିଭାବକ ଯୋଗ ଦେଇ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହ୍ନର ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୟାମୟ ପାଢି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସଂସାଦ କଳାହାଣ୍ଡି ଙ୍କ ପ୍ରତିନିଧି ଜୟ ଶଙ୍କର ନାୟକ, ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧକାରୀ ଡ଼ା ପୂର୍ଣ୍ଣେନ୍ଦୁ ଶେଖର ବିଶ୍ୱାସ, ଜିଲ୍ଲା ବିକଳାଙ୍ଗ ମଞ୍ଚର ଅଧ୍ୟକ୍ଷ ସୁରେଶ ଚୌଧୁରୀ, ଜିଲ୍ଲା ଭିନ୍ନକ୍ଷମ ସମିତି ଅଧ୍ୟକ୍ଷ ହେମନ୍ତ ତାଣ୍ଡି ଓ ଜିଲ୍ଲା ମୁକ ଓ ବଧିର ସଂଘର ଅଧ୍ୟକ୍ଷ ଶୋଭନ ରଥ ଅତିଥି ଭାବେ ଯୋଗଦେଇ ଥିଲେ । ଶେଷରେ ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା ଆଲୋକ ସାହୁ, ରମେଶ ଜେନା ଓ ସୁଶ୍ରୀ ରାଜଶ୍ରୀ ପ୍ରିୟଦର୍ଶିନୀ କରିଥିବା ବେଳେ ରମେଶ ଜେନା ଆନୁଷ୍ଠାନିକ ଭାବେ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଭାରତୀୟ ନୌସେନା ଦିବସ ଓ ଆମ ବୀରତ୍ୱ ଗାଥା କର୍ମଶାଳା

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ସଭାଗୃହ ଠାରେ ଭାରତୀୟ ନୌସେନା ଦିବସ ଓ ଆମ ବୀରତ୍ୱ ଗାଥା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାୟୁସେନା ଅଧିକାରୀ ତଥା କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନା ଅଧିକାରୀ ଶଶୀ ସାହୁ,ବିଶ୍ୱଜିତ ପାଣିଗ୍ରାହୀ ଓ ବିଶ୍ୱଜିତ ମହାନ୍ତି ଯୋଗ ଦେଇଥିଲେ।

ପ୍ରତିବର୍ଷ ୪ ଡିସେମ୍ବର ଦିନ ଭାରତୀୟ ନୌସେନା ଦିବସ ପାଳନ କରାଯାଏ । ଭାରତୀୟ ନୌସେନା ବାହିନୀକୁ ସମ୍ମାନ ଦେବା ଏବଂ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ଏକ ବିଶେଷ ଦିନ। ବିଡ଼ିଓ ଶ୍ରୀ ପଟ୍ଟନାୟକ ହେଉଛନ୍ତି ଜଣେ ପୂର୍ବତନ ନୌସେନା ଅଧିକାରୀ। ତାଙ୍କର ନୌସେନା ରେ କାର୍ଯ୍ୟ କରିବା ଅନୁଭୂତିକୁ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ। ସେହିଭଳି ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନେ ନୌସେନା ର ବୀରତ୍ୱର ଗାଥା ଉପରେ ଆଲୋଚନା କରିଥିଲେ। ଭାରତ ଏବଂ ପାକିସ୍ଥାନ ମଧ୍ୟରେ ୧୯୭୧ ଯୁଦ୍ଧରେ ଭାରତୀୟ ନୌସେନାର ଅବିସ୍ମରଣୀୟ ବିଜୟରକୁ ସ୍ମରଣ କରିବା ସହ ଉକ୍ତ ଯୁଦ୍ଧରେ ଶହୀଦ ହୋଇଥିବା ସମସ୍ତ ନୌସେନା ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହି ସେନା ଦିବସ ପ୍ରତିବର୍ଷ ପାଳନ କରାଯାଏ । ଏହି ଯୁଦ୍ଧରେ ଭାରତୀୟ ନୌସେନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ୧୬୧୨ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଭାରତୀୟ ନୌସେନା ପ୍ରତିଷ୍ଠା କରାଯାଇଥିଲା। ୧୯୭୧ ରେ ଭାରତ-ପାକିସ୍ଥାନ ଯୁଦ୍ଧ ହୋଇଥିଲା। ଯୁଦ୍ଧ ସମୟରେ ପାକିସ୍ତାନ ୩ ଡିସେମ୍ବରରେ ଭାରତୀୟ ବିମାନବନ୍ଦର ଉପରେ ଆକ୍ରମଣ କରିଥିଲା। କମୋଡୋର କାସରଗୋଡ ପଟ୍ଟାନସେଟ୍ଟି ଗୋପାଳ ରାଓ ଭାରତୀୟ ନୌସେନାର ନେତୃତ୍ୱ ନେଇ ପାକିସ୍ତାନ ଉପରେ ଆକ୍ରମଣ କରିଥିଲେ। ୪ ଡିସେମ୍ବର ୧୯୭୧ ମସିହାରେ ଆରମ୍ଭ ହୋଇଥିଲା ଅପରେସନ ଟ୍ରାଇଡେଣ୍ଟ। ଏଥିରେ ଆଇଏନଏସ ନିପଟ, ଆଇଏନଏସ ନିର୍ଘାତ ଓ ଆଇଏନଏସ ବୀର ପରି ଅତ୍ୟାଧୁନିକ ଲଢୁଆ ମିସାଇଲ ବୋଟର ବ୍ୟବହାର କରାଯାଇଥିଲା। ଭାରତୀୟ ନୌସେନା କରାଚି ପୋର୍ଟ ଉପରେ ରାତି ସମୟରେ ଆକ୍ରମଣ କରିଥିଲା। କରାଚି ପୋର୍ଟର ୩ ଯୁଦ୍ଧ ଜାହାଜକୁ ନଷ୍ଟ କରିଦେଇଥିଲା ଭାରତୀୟ ଯୁଦ୍ଧ ଜାହାଜ। ଭାରତୀୟ ନୌସେନାର ଶକ୍ତି, ସାହସ ଓ ପରାକ୍ରମର ପ୍ରତୀକ। ନୌସେନା ଦିବସ କେବଳ ନୌସେନାର ବୀରତ୍ୱର କାହାଣୀ କହେନି, ବରଂ ଦେଶର ସୁରକ୍ଷାରେ ନୌସେନାର ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା,ଅଧ୍ୟାପକ ଡ଼.ପ୍ରଦୀପ କୁମାର ସ୍ୱାଇଁ, ଅଧ୍ୟାପକ ଡ଼.ସଦାଶିବ ତ୍ରିପାଠୀ ଙ୍କ ସହ ଯୁକ୍ତ ଦୁଇ ଓ ଯୁକ୍ତ ତିନି ର ଛାତ୍ରଛାତ୍ରୀ ମାନେ କର୍ମଶାଳା ରେ ଯୋଗ ଦେଇଥିଲେ।

# ପୁରୁଣାକଟକ ହାଇସ୍କୁଲରେ ସ୍ୱାବଲମ୍ବୀ କର୍ମଶାଳା



ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ସ୍ୱାବଲମ୍ବୀ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀ ମାନଙ୍କୁ ମାସିକ ରତସ୍ରାବ ଏବଂ ସ୍ୱାସ୍ଥ୍ୟର ଯତ୍ନ କିପରି ରଖା ଯାଇ ପାରିବ ସେ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଗୁଳ ଜିଲ୍ଲାରୁ ଆସିଥିବା ଏକ ଡ଼ାକ୍ତରୀ ଟିମ୍ ଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ ଉପରେ ଆଲୋଚନା କରିଥିଲେ । ଅନୁଗୁଳ ଜିଲ୍ଲାର ଅବସର ପ୍ରାପ୍ତ ସିଡିଏମଓ ତଥା ପୁରୁଣାକଟକ ଉଚ୍ଚ ବିଦ୍ୟାଳୟର ପୁର୍ବତନ ଛାତ୍ର ଡାକ୍ତର ବିଛନ୍ଦ୍ ପ୍ରଧାନ ଏକ ଡ଼ାକ୍ତରୀ ଟିମ୍ କୁ ନେଇ ପ୍ରତି ବର୍ଷ ଏହି ବିଦ୍ୟାଳୟ ରେ ଏକ କର୍ମଶାଳା ଅନୁଷ୍ଠିତ କରି ଆସୁଛନ୍ତି। ଏହି କର୍ମଶାଳା ରେ ଛାତ୍ରୀ ମାନଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ୭ରେ ମହମ୍ମଦ ଅସଲମ୍ ସ୍ମୃତି ସମାରୋହ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାର ର ସୁନାମଧନ୍ୟ ସାମ୍ବାଦିକ ସ୍ୱର୍ଗତ ମହମ୍ମଦ ଅସଲମ ସ୍ମୃତି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଭାପତି ବିଜୟ ସାହୁ ଙ୍କ ସଭାପତିତ୍ୱ ରେ ଭବାନୀପାଟଣା ସହର ସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଆସନ୍ତା ଡିସେମ୍ବର ୭ ତାରିଖ ରବିବାର ଦିନ ଭବାନୀପାଟଣା ସହର ସ୍ଥିତ ଅମଲା ଭବନରେ ମହମ୍ମଦ ଅସଲମଙ୍କ ସ୍ମୃତିସଭା ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଏକ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବ ସଂସ୍କାର ସଭା ଗୃହରେରେ ଅନୁଷ୍ଠିତ ହୋଇଯାଇଛିଛ ସ୍ମୃତି ସମାରୋହରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ଚଳିତ ବର୍ଷର ସାମ୍ବାଦିକ କ୍ଷେତ୍ରରେ ଯୁବ ସାମ୍ବାଦିକା ଶତରୂପା ସାମନ୍ତରାୟଙ୍କୁ ରାଜ୍ୟ ସ୍ତରୀୟ ମହମ୍ମଦ ଅସଲମ୍ ସ୍ମୃତି ସମ୍ମାନ ୨୦୨୫ ରେ ସମ୍ମାନିତ କରାଯିବା ନେଇ କମିଟି ସଦସ୍ୟ ନିଷ୍ପତ୍ତି ନେଇଥିବା ବେଳେ ସମାଜ ସେବା କ୍ଷେତ୍ରରେ ଲାଞ୍ଜିଗଡ ରୋଡ (ଆୟୁଷମାନ ଆରୋଗ୍ୟ ମନ୍ଦିର) ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୧୦୮ ଆମ୍ବୁଲାନ୍ସ ର ଫାର୍ମାସିଷ୍ଟ ମୋହିତ କୁମାର ସା ଙ୍କୁ ମହମ୍ମଦ ଅସଲମ୍ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯିବଛ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ଶାନ୍ତନୁ ବେହେରା, ଦୁଃଖୀଶ୍ୟାମ ପ୍ରଧାନ,ମନ ମୋହନ ପ୍ରଧାନ,ଅଜିତ ସିଂ, ବିକାଶ ଖେମକା, ବିକାଶ ଷଡଙ୍ଗୀ, ଶୁଭମ୍ ରୋହିଲା, ତାପସ ମହାନ୍ତି, ଦିବ୍ୟ ମହାପାତ୍ରଙ୍କ ସହ ସମାଜସେବୀ ଅଭିନାଶ ଠାକୁର, ଗିରିଧାରୀ ପାତ୍ର, ନରେଶ ଚୌଧୁରୀ, ରାଜେଶ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ ତାଙ୍କ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରନ୍ତୁ : ଦୀପାଳି




ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କାରଖାନା ଗୁଡ଼ିକର ବର୍ଜ୍ୟବସ୍ତୁ ପାଉଁଶ ପଡୁଥିବା ନେଇ ସାମାଜିକ ଗଣ ମାଧମରେ ପୂର୍ବତନ ବିଧାୟିକା ଦୀପାଳି ଦାସ ପୋଷ୍ଟ କରିଥିଲେ । ଏହାକୁ ଝାରସୁଗୁଡ଼ା ଜିଲ୍ଲା ବିଜେପି ପକ୍ଷରୁ ଲଇକେରା ଠାରେ ଦୀପାଳିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏନେଇ ଝାରସୁଗୁଡ଼ା ଜିଲ୍ଲା ବିଜେଡ଼ି ସହ ଲଇକେରା ଓ କୁଲାବିରା ଅଞ୍ଚଳର ଜନ ପ୍ରତିନିଧି ମାନେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଜେପି ପକ୍ଷରୁ କରାଯାଇଥିବା ଦୀପାଳିଙ୍କ କୁଶପୁତ୍ତଳିକା ଦାହ କାର୍ଯ୍ୟକୁ ନିନ୍ଦା କରିବା ସହିତ ଏକ ନାରୀର କୁଶପୁଳିକା ଦାହ କରି ସମଗ୍ର ନାରୀ ଜାତିର ଅପମାନ କରାଯାଇଥିବା ଅଭିଯୋଗ କରିଥିଲେ । ନିର୍ବାଚନ ସମୟରେ ଲକ୍ଷ୍ମୀ ନାରାୟଣ କଲେଜକୁ ସରକାରୀ ମାନ୍ୟତା, ଝାରସୁଗୁଡ଼ାକୁ ସମ୍ପୂର୍ଣ୍ଣ ଆଶ ମୁକ୍ତ କରିବା ଭଳି ଅନେକ ପ୍ରତିଶ୍ରୁତି ଦେଇଥିଲେ ବିଧାୟକ ଶ୍ରୀ ତ୍ରିପାଠୀ । ହେଲେ ପ୍ରତିଶ୍ରୁତି ପୁରଣ କରିବା ପରିବର୍ତ୍ତେ ମୋର ବିରୁଦ୍ଧରେ ଲାଗିବା ଅପେକ୍ଷା ଝାରସୁଗୁଡ଼ାବାସୀଙ୍କୁ ଦେଇଥିବା ପ୍ରତିଶୃତି ପୂରଣ କରନ୍ତୁ ବୋଲି ଗଣମାଧ୍ୟମ ଆଗରେ ଦୀପାଳି କହିଛନ୍ତି । ବିଜେଡି ଜିଲ୍ଲା ସଭାପତି ହରିଶ ଗଣତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଲାବତି ମିଞ୍ଜ, ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାପତି ରୋଜାଲିନ ପଟେଲ, ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଶାୟତ ଓ ରିତା ବାଗ, କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଭୂପାଲ ବେହେରା, ଅର୍ଜୁନ ମେହେର, ସତ୍ୟପ୍ରକାଶ ନାଏକ, ଦିଲୀପ ବେହେରା ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ଶିକ୍ଷକ ଶୋଭାକର ନାୟକଙ୍କ ପରଲୋକ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ତାଲପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ଶୋଭାକର ନାୟକ ୭୪ ବର୍ଷ ବୟସରେ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି । ପ୍ରାୟ ୨ ବର୍ଷ ଧରି ସେ କର୍କଟ ରୋଗରେ ପୀଡିତ ଥିଲେ । ହଠାତ ବିଳମ୍ବିତ ରାତ୍ରୀରେ ତାଙ୍କର ବାସଭବନ ପରଲୋକ ଘଟିଛି । ହୃଦୟରେ ଅମାପ ସ୍ନେହ ଶୀଳତା ମାଧ୍ୟମରେ ଶିକ୍ଷାନୁଷ୍ଠାନକୁ ସଜାଡ଼ିବା ପାଇଁ ସେ ଆନ୍ତରିକ ଉଦ୍ୟମ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ସତ୍ୟଭାମା ନାୟକ ଜ୍ୟେଷ୍ଠ ପୁତ୍ର ସୁବ୍ରତ , କନିଷ୍ଠ ପୁତ୍ର ସୁନିଲ , ବୋହୁ ବିଭୁସୁତା ମହାପାତ୍ର ଓ ଦୀପା ମହାପାତ୍ର ତଥା ନାତି ନାତୁଣୀ ଉପସ୍ଥିତ ଥିଲେ । ତାଙ୍କର ପାର୍ଥିବ ଶରୀରକୁ ଗାଁ ମଶାଣିରେ ଶେଷ କୃତ୍ୟ ସମାପନ କରାଯାଇଛି । ଜ୍ୟେଷ୍ଠ ପୁତ୍ର ସୁବ୍ରତ ମୁଖାଗ୍ନି ଦେଇଥିବା ବେଳେ ବନ୍ଧୁ ବାନ୍ଧବ ଏବଂ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ସମ୍ବଲପୁର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା



ସମ୍ବଲପୁର,(ସବ୍ୟୁ): ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାର ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ, ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଯେଭଳି ସେମାନେ ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ପାରିବେ । ବୁର୍ଲା ସ୍ପେଶାଲ ସ୍କୁଲ ଫର୍ ଦି ଡେଫ୍ ଓ ଆଇଆଇସି ବୈଜାମୁଣ୍ଡାର ଛାତ୍ରଛାତ୍ରୀ ମାନେ ଏହି କୃତୀତ୍ୱ ଅର୍ଜନ କରିଛନ୍ତି । ଏଥିରେ ପୂଜା ଓରାମ ୧୦୦ମିଟର ଦୌଡ ଓ ସଟ୍‌ପୁଟ୍‌ରେ ପ୍ରଥମ, ଲିଜା ଓରାମ ସଟ୍‌ପୁଟ୍‌ରେ ପ୍ରଥମ, ମହିମା ପାଢାନ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ବାଳିକା ବର୍ଗରେ ପ୍ରିୟା ସାହୁ ପ୍ରଥମ, ସବ୍‌ଜୁନିୟର ବର୍ଗରେ ସୁବର୍ଣ୍ଣ ସରଙ୍ଗୀ ଦ୍ୱିତୀୟ, ଜୁନିୟର ବାଳକ ବର୍ଗରେ ରଜତ ଭୋଇ ପ୍ରଥମ, ସିନିୟର ବାଳକ ବର୍ଗରେ ଶୁଭମ ବାରିକ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଡିଏସ୍‌ଏସ୍‌ଓ ସୌରୀଚନ୍ଦ୍ର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏପ୍ରିଲରେ କାର୍ଯ୍ୟକ୍ଷମ ହେବ ସମ୍ବଲପୁର ସଂଗ୍ରହାଳୟ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଡିଷ୍ଟ୍ରିକ୍ଟ ହଲ୍‌କୁ ସଂଗ୍ରହାଳୟର ରୂପ ଦେବା ପାଇଁ ସ୍ଥିର କରାଯାଇଛି । ଏଠାରେ ଅଞ୍ଚଳର ଐତିହ୍ୟ ଓ ବୈଭବ୍ୟକୁ ସଂରକ୍ଷିତ କରାଯାଇ ପ୍ରଦର୍ଶନ କରାଯିବ । ଏହି ଭବନର ପୁନଃରୁଦ୍ଧାର ଓ ନବୀକରଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ସଂଗ୍ରହାଳୟ ପାଇଁ ପୁରାତନ ସାମଗ୍ରୀ ସଂଗ୍ରହ କରାଯାଉଛି । ଏଠାରେ ସମ୍ବଲପୁରୀ ବାନ୍ଧ ବସ୍ତ୍ର ତିଆରି ପାଇଁ ଦରକାର ହେଉଥିବା ହସ୍ତତନ୍ତ, ପାରମ୍ପାରିକ ଅଳଙ୍କାର, ବାଦ୍ୟଯନ୍ତ୍ର, ଘରକରଣା ସାମଗ୍ରୀ, ଲୁପ୍ତପ୍ରାୟ ଖେଳଣା ସାମଗ୍ରୀ, ବସ୍ତ୍ରର ପୁରାତନ ଡିଜାଇନ୍ ପ୍ରଦର୍ଶିତ ହେବ। ହସ୍ତତନ୍ତକୁ ପ୍ରସ୍ତାବିତ ସଂଗ୍ରହାଳୟରେ ରଖାଯାଇଛି । ଏଥିସହ ପାର୍କ, ସେଲଫି ପଏଣ୍ଟ ଓ ଖାଦ୍ୟ ସାମଗ୍ରୀ ବିକ୍ରିବଟା ବ୍ୟବସ୍ଥା ପାଇଁ ଫୁଡ ଜୋନ୍ ଆଦି ନିର୍ମାଣ କରାଯିବ । ତେବେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏହି ଭବନକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ । ଏହାପରେ ଏପ୍ରିଲ ମାସରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ଏନ୍‌ଟାକ୍ ସଭ୍ୟ ଦୀପକ କୁମାର ପଣ୍ଡା କହିଛନ୍ତି । ଇତିହାସର ମୁକସାକ୍ଷୀ ଭାବେ ପରିଚିତ ଏହି ହଲର ପୁରାତନ ଐତିହ୍ୟକୁ ଅବିକଳ ସ୍ଥିତିକୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରହିଛି । ୨୦୧୭ ମେ ମାସରେ ଏହି ସୌଧର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧କୋଟି ୨୪ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର ହୋଇଥିଲା । ଏଥିରେ ଛାତ ମରାମତି, ବାହ୍ୟ ଅଂଶର ପଲସ୍ତରା, ଆଭ୍ୟନ୍ତରୀଣ ହଲର ପୁନରୁଦ୍ଧାର ଓ ଡ଼ିଜାଇନ କାର୍ଯ୍ୟ ପରେ ସଂଗ୍ରହାଳୟ ରୂପ ଦେବାକୁ ଉଦ୍ୟମ କରାଯାଉଛି । ସୂଚନାଯୋଗ୍ୟ, ୧୯୦୨ ମସିହାରେ ବ୍ରିଟେନର ରାଣୀ ଭିକ୍ଟୋରିଆଙ୍କ ନାମରେ ମୂଳ ସୌଧର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ୧୯୦୪ମସିହାରେ ସ୍ରୋଲ ପ୍ରୋଭିନ୍ସର ତତ୍କାଳୀନ ମୁଖ୍ୟ କମିଶନର ଜେ.ପି. ହେୱେଟ ଏହାକୁ ଉଦ୍ଘାଟନ କରିଥିଲେ । ସ୍ରୋଲ ପ୍ରୋଭିନ୍ସର ଅଧିକ୍ଷଣ ଯନ୍ତ୍ରୀ ଜେ.ବି. ଲେଭେନ ଥୋର୍ପେ କୋଠାର ଡ଼ିଜାଇନ କରିଥିଲେ । ଏହି ସୌଧ ପାଇଁ ସମ୍ବଲପୁର ଅଞ୍ଚଳର ରାଜା, ଜମିଦାର ଓ ବଦାନ୍ୟ ବ୍ୟକ୍ତିମାନେ ପ୍ରାୟ ୧୦ ହଜାର ଟଙ୍କା ଦାନ କରିଥିଲେ । ଏହି କୋଠାରେ ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଗଡ଼ଜାତ ଶାସକ, ପ୍ରଶାସକ ଓ ରାଜା ଜମିଦାରମାନଙ୍କ ଦରବାର ବସୁଥିଲା । ପରେ ମହିଳା କଲେଜ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ଏସଡ଼ିଏ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତଥା ପାଠାଗାର ଏଠାରେ ଅସ୍ଥାୟୀ ଭାବେ ଚାଲୁଥିଲା । ମାତ୍ର ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣର ଅଭାବରୁ ଏହା ନଷ୍ଟ ହେବାକୁ ବସିଥିଲା । ଏହାକୁ ଦୃଷ୍ଟିରେ ରଖି ସଚେତନ ନାଗରିକ ଓ ବିଭିନ୍ନ ଅନୁଷ୍ଠାନ ଏହାର ପୁନରୁଦ୍ଧାର ପାଇଁ ଦାବି କରିଥିଲେ।

# ଖରିଆର ରୋଡରେ ଖରିଫ ଧାନ କ୍ରୟ ମଣ୍ଡିର ଶୁଭାରମ୍ଭ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲା ଖରିଆର ରୋଡ ନିୟନ୍ତ୍ରିତ ବଜାର କମିଟି ପରିସର ମଧ୍ୟରେ ଗୁରୁବାର ଚଳିତ ଖରିଫ ଧାନ କ୍ରୟ ନେଇ ପ୍ରଥମ ମଣ୍ଡି ଆରମ୍ଭ ହୋଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ମଣ୍ଡିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଚାଷୀ ମାନଙ୍କୁ ଉଚିତ ମାନର ଧାନ ଦେଇ ଉପଯୁକ୍ତ ମୂଲ୍ୟ ପ୍ରାପ୍ତ କରିବା ପାଇଁ ଆହ୍ୱାନ କରିଛନ୍ତି। ବର୍ତ୍ତମାନ ଚାଷୀ ମାନେ ଧାନ ବିକ୍ରି ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ଟୋକନ ମୁତାବକ ଧାନ ଆଣି ବିକ୍ରି ପ୍ରକ୍ରିୟାରେ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

**AFFIDAVIT**

I, Kumari Usha, W/o- Ravindra Kumar, R/o- Qtr. No-1, Type -3, Kendriya Vidyalaya No- 6 Staff Quarter, Pokhariput, Ps- Airfield, Bhubaneswar, Pin- 751020, Dist- Khordha, Odisha, declare by this affidavit No. 81 dated 1-12-2025 that now onwards my minor daughter HANSIKA shall be known as HANSIKA AARYA for all future purposes.

Kumari Usha

(ଶ୍ରୀମଦ୍ଭଗବଦ୍ ଗୀତା ୧/୨୯)

**ଅର୍ଜ୍ଜୁନ-ବିଷାଦଯୋଗଃ**

ସଞ୍ଜୟ ଉବାଚ

**ସୀଦନ୍ତି ମମ ଗାତ୍ରାଣି ମୁଖଞ୍ଚ ପରିଶୁଷ୍ୟତି ।**
**ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ।। ୨୯ ।।**

ମେ (ମମ) ଶରୀରେ ବେପଥୁଃ (କମ୍ପଃ) ରୋମହର୍ଷଃ (ରୋମାଞ୍ଚ) ଚ ଜାୟତେ, ହସ୍ତାତ୍ ଗାଣ୍ଡୀବଂ (ଧନୁଃ) ସ୍ରଂସମେ (ନିପତତି), ତ୍ୱକ୍ ଚ ପରିଦହ୍ୟତେ (ସର୍ବତଃ ସନ୍ତପ୍ୟତେ) ।। ୨୯ ।।

# କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ

ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଧେୟକ, ୨୦୨୫ ଗତ ଡିସେମ୍ବର ୩ ତାରିଖରେ ଓଡ଼ିଶା ବିଧାନ ସଭାରେ ପାରିତ ହୋଇଛି । ଏଥିରେ ବଡ଼ କଥା ହେଉଛି ଯେ ରାତିରେ ମହିଳାମାନେ ବିଭିନ୍ନ ସଂସ୍ଥାରେ କାମ କରିବା କ୍ଷେତ୍ରରେ ଯେଉଁ କଟକଣା ଥିଲା, ତାହା ଆଉ କାର୍ଯ୍ୟକାରୀ ହେବ ନାହିଁ । ମାତ୍ର ମହିଳାମାନେ କାମ କରିବା ସମୟରେ ସେମାନଙ୍କ ନିରାପତ୍ତା ଓ ମର୍ଯ୍ୟାଦା ରକ୍ଷା ସମ୍ପର୍କରେ କର୍ତ୍ତୃପକ୍ଷ ଲିଖିତ ଆକାରରେ ପ୍ରତିଶ୍ରୁତି ଦେବେ । ପ୍ରକୃତରେ ମହିଳାମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ଯେପରି ମର୍ଯ୍ୟାଦା ଦେବା କଥା, ଅନେକ ବେସରକାରୀ ବ୍ୟବସାୟିକ ପ୍ରତିଷ୍ଠାନ ସେପରି ମର୍ଯ୍ୟାଦା ଦେଇଆସୁଥିବା ବେଳେ ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ମଧ୍ୟ ପରିଲକ୍ଷିତ ହୋଇଥାଏ । ତେବେ କିଛି ବର୍ଷ ହେଲା ଦେଖାଯାଉଛି ଯେ ପୁଅମାନଙ୍କଠାରୁ ଝିଅମାନେ ବେଶୀ ସଂଖ୍ୟାରେ ମେଟ୍ରିକ ବା ଉଚ୍ଚତର ଶିକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁଛନ୍ତି । ଚାକିରି କ୍ଷେତ୍ରରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କୁ ନିଯୁକ୍ତିର ଅନେକ ସୁଯୋଗ ଦେଉଛନ୍ତି । ସୈନ୍ୟବାହିନୀରେ ମହିଳାମାନେ ନିଯୁକ୍ତି ପାଇ ଉଦାହରଣ ସୃଷ୍ଟି କରିଛନ୍ତି । ଟ୍ରେନ୍ ଓ ବସ୍‌ର ଡ୍ରାଇଭର, ଟେକ୍ସି ଓ ଅଟୋ ଡ୍ରାଇଭର ପ୍ରଭୃତିଙ୍କ କ୍ଷେତ୍ରରେ ମଧ୍ୟ ମହିଳାମାନେ ସେମାନଙ୍କ ପାରଦର୍ଶିତା ଦେଖାଇ ପାରିଛନ୍ତି । ଅଧିକ ମହିଳା ନର୍ସିଂ କ୍ଷେତ୍ରରେ ଥିଲେ ମଧ୍ୟ ଚିକିତ୍ସା କ୍ଷେତ୍ରରେ ଏବେ ଅନେକ ମହିଳାଙ୍କ ଉପସ୍ଥିତି, ଡାକ୍ତରଙ୍କ ଅଭାବ ଦୂର କରିପାରିଛି । ସ୍ପେଶ୍ ବା ମହାକାଶ ବିଜ୍ଞାନ ଓ ଗବେଷଣା ତଥା ଅନ୍ତରୀକ୍ଷ ଯାତ୍ରା କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କ ଅବଦାନକୁ ଭୁଲି ହେବ ନାହିଁ ।

ଅତୀତରେ ମହିଳାମାନେ କେବଳ ଘର ଭିତରେ ବାନ୍ଧିହୋଇ ରହୁଥିଲେ । କୌଣସି କୌଣସି ଧର୍ମ ସଂପ୍ରଦାୟର ମହିଳାମାନେ ବାଧ୍ୟ ବାଧକତାରେ ଘରୁ ବାହାରକୁ ବାହାରିଲେ ମୁହଁରେ ପରଦା ପକାଇ ବା ବୁର୍ଖା ଦେଇ ଯାଉଥିଲେ । ସେ ଦିନସବୁ ଏବେ କାହାଣୀ ହୋଇ ରହିଯାଇଛି ଆମ ଭିତରେ । ମହିଳାମାନେ ଏବେ ଆତ୍ମନିର୍ଭରଶୀଳ ହୋଇ ବିଭିନ୍ନ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ନିଜ ନିଜର ବୈଶିଷ୍ଟ୍ୟ ପ୍ରତିପାଦିତ କରିପାରିଛନ୍ତି । ଏବେ ତ କାହାରି କାହାରି ଘରେ ଏକମାତ୍ର କନ୍ୟା ସନ୍ତାନ ଅଛନ୍ତି । ଆଗପରି ପରିବାର କଲ୍ୟାଣର ବିଭିନ୍ନ ସୁବିଧା 'ସବୁଜ କାର୍ଡ', ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଆଉ ନାହିଁ । ମାତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ 'ବେଟୀ ବଚାଓ ବେଟୀ ପଢ଼ାଓ' (ସୁକନ୍ୟା ଯୋଜନା) ଜରିଆରେ ଭବିଷ୍ୟତରେ କନ୍ୟା ସନ୍ତାନମାନଙ୍କୁ ଗଢ଼ିତୋଳିବା ଦିଗରେ ଆମମାନଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେଇପାରିଛନ୍ତି । ବିକାଶଶୀଳ ଭାରତ ଯେତେବେଳେ ୨୦୪୭ରେ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ, ସେତେବେଳେ ମହିଳାମାନେ ଅଧିକ ମର୍ଯ୍ୟାଦିତ ହୋଇଥିବେ ବୋଲି ମଧ୍ୟ ଆଶା କରାଯାଉଛି ।

ଜାତିର ଜନକ ଗାନ୍ଧିଜୀ କହୁଥିଲେ, ଯେତେବେଳେ ଜଣେ ମହିଳା ନିଶାର୍ଦ୍ଧରେ ନିର୍ବିଘ୍ନରେ ଏକାକୀ ଭ୍ରମଣ କରିପାରିବେ, ସେତେବେଳେ ଭାରତ ସ୍ୱାଧୀନ ହୋଇଛି ବୋଲି ଭାବିବାକୁ ହେବ । ଭାରତ ସ୍ୱାଧୀନ ହେବାର ୭୮ ବର୍ଷ ହେଲାଣି । ଗାନ୍ଧିଜୀଙ୍କ ଦେହାନ୍ତ ହେବାର ୭୭ ବର୍ଷ ଆମେ ଅତିକ୍ରାନ୍ତ କରିବାକୁ ଯାଉଛୁଁ । ତଥାପି ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ସୁରକ୍ଷିତ ହୋଇପାରି ନାହାନ୍ତି ଆମ ସମାଜରେ । ଦୈନନ୍ଦିନର ଖବର ପ୍ରତି ଅନୁଧ୍ୟାନ କଲେ ଏହାର ସତ୍ୟତା ଅନ୍ତତଃ ଉପଲବ୍ଧି କରିବେ ସମସ୍ତେ । ଏପରିକି ଶିଶୁ ବା ବାଳିକାଙ୍କ ଉପରେ ବଳାତ୍କାର ଘଟଣା ଯଥେଷ୍ଟ ସଂଖ୍ୟାରେ ହ୍ରାସ ପାଇଥିବା ପରି ମନେ ହୁଏ ନାହିଁ । ଏଥିପାଇଁ ହୋଇଥିବା ପୋକ୍‌ସୋ ଆଇନକୁ ଆହୁରି କଡ଼ାକଡ଼ି ନ କଲେ ଏପରି ବ୍ୟଭିଚାର ହୁଏତ ବଢ଼ି ଚାଲିଥିବ । ଅବଶ୍ୟ ୨୦୧୩ରେ ଫଉଜଦାରୀ ଆଇନ (ନିର୍ଭୟା)ର ସଂଶୋଧନ କରାଯାଇ ମହିଳାମାନଙ୍କ ନିରାପତ୍ତା ପାଇଁ ପାଣ୍ଠି ଗଠନ କରାଯାଇଛି । ୨୦୧୭ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଗର୍ଭବତୀମାନଙ୍କୁ ୧୨ ସପ୍ତାହ ପରିବର୍ତ୍ତେ ୨୬ ସପ୍ତାହ ଛୁଟି ନେବାକୁ ଏବର କେନ୍ଦ୍ର ସରକାର ଆଇନ କରିଛନ୍ତି । ବିଭିନ୍ନ ସୁରକ୍ଷା କର୍ମଚାରୀ ଭାବେ ମହିଳାମାନେ ଅଧିକ ସଂଖ୍ୟାରେ ନିଯୁକ୍ତି ମଧ୍ୟ ପାଉଛନ୍ତି । ତଥାପି ମହିଳାମାନଙ୍କ ଗୁରୁତ୍ୱ ସ୍ୱାଧୀନତାର ଏତେ ବର୍ଷ ପରେ ହ୍ରାସ ପାଉଥିବା ପରି ମନେ ହେଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା:

# ସଂକଟରେ ମାନବ ସଭ୍ୟତା



**ରତ୍ନାକର ରାଉତ**

ବିଂଶ ଶତାବ୍ଦୀର ପଂଚମ ଦଶକରେ ଇଲେକ୍ଟ୍ରୋନିକ ନ୍ୟୁମରିକାଲ ଇଣ୍ଟିଗ୍ରେଟର ଏଣ୍ଡ କମ୍ପ୍ୟୁଟର (FNIAC), ଯାହାକୁ ସାଧାରଣରେ କେବଳ କମ୍ପ୍ୟୁଟରହିଁ କୁହାଯାଉଛି ତାହାର ଆର୍ବିଭାବ ହେଲା । ୧୯୪୬ ମସିହା ଫେବୃୟାରୀ ମାସ ୧୫ ତାରିଖ ଦିନ ଆମେରିକାର ପେନସିଲଭାନିଆ ବିଶ୍ୱବିଦ୍ୟାଳୟରେ ଏହି ଯୁଗାନ୍ତକାରୀ ଯନ୍ତ୍ରକୁ ପ୍ରଥମେ କାର୍ଯ୍ୟକ୍ଷମ କରାଗଲା । ଏହାକୁ ମିଳିତ ଉଦ୍ୟମରେ ନିର୍ମାଣ କରିଥିଲେ ଜନ୍ ମାଚଲି ଓ ଜେ. ପ୍ରେସପର ଇର୍କଟ । ସେହି ବିଂଶ ଶତାବ୍ଦୀର ନବମ ଦଶକର ଅନ୍ତିମ ବର୍ଷ ୧୯୮୯ ମସିହାରେ ଟିମ୍ ବର୍ଣ୍ଣର୍ସ ଲି ୱାଲଡ୍ ୱାଇଡ୍ ୱେବ(www) ଉଦ୍ଭାବନ କଲେ ଏବଂ ଲୋକମାନେ କିପରି ନିଜ ଭିତରେ ସହଜରେ ତଥ୍ୟ ଆଦାନପ୍ରଦାନ ଇଣ୍ଟରନେଟ୍ ମାଧ୍ୟମରେ କରିପାରିବେ, ତାହାର ବୈପ୍ଳବିକ ପରିବର୍ତ୍ତନ ଆଣିଲେ । ୧୯୯୫ ମସିହାରେ ଇଣ୍ଟରନେଟ୍ ସାର୍ବଜନୀନ ବ୍ୟବହାର ନିମନ୍ତେ ଉପଲବ୍ଧ ହୋଇଥିଲା ।

ଇଣ୍ଟରନେଟର ପ୍ରଚଳନ ପୂର୍ବରୁ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗବେଷଣା ୧୯୫୧ ମସିହାରୁ ଆରମ୍ଭ ହୋଇଯାଇଥିଲା । ଆଲାନ୍ ଟୁରିଂଗଂକଠାରୁ ଆରମ୍ଭ କରି ଜନ୍ ମକାରଥ, ଡାର୍ଟ ମାଉଥ୍ ସୁମର, ଫ୍ରାଂକ ରୋଜେନ୍ ବ୍ଲାଟ, ମାରଭିନ୍ ମିନସ୍କି, ଜିଓଫ୍ରେ ହିନଟନ୍ ଏବଂ ୟାନ୍ ଲିକୁନଂକ ପରି ଅନେକ ଗବେଷକମାନେ ତାଙ୍କ ଗବେଷଣା ମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତାର ଉନ୍ନତି ଓ ପ୍ରଚଳନରେ ଅସାମାନ୍ୟ ଶ୍ରୀବୃଦ୍ଧି ସାଧନ କରିଛନ୍ତି ।

ମଣିଷର ଜ୍ଞାନକୌଶଳରେ ନିର୍ମିତ ଏ. ଆଇର ପ୍ରଚଳନ ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ଯିଏ ଦିନେ ମଣିଷର ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା, ସେ ବର୍ତ୍ତମାନ ମଣିଷକୁ ପରିଚାଳନା କରୁଛି । ଏହି ଏକବିଂଶ ଶତାବ୍ଦୀର ଆଗାମୀ ଦୁଇ ଦଶନ୍ଧି ମାନବ ସଭ୍ୟତା ପାଇଁ ସବୁଠୁ କଠିନ ସମୟ ହେବାକୁ ଯାଉଛି । ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରୟୋଗ ମାଧ୍ୟମରେ ନାନାଦି ଉନ୍ନତ ମାନର ଯନ୍ତ୍ରପାତି ନିର୍ମାଣ ହେଲାପରେ ସେସବୁ ଯେପରି ମଣିଷର ବିଭିନ୍ନ କାର୍ଯ୍ୟର ସହାୟକ ହେବା ସହିତ କେତେକାଂଶରେ ମଣିଷମାନଙ୍କୁ କର୍ମହୀନ, ଅଳସୁଆ ଓ କର୍ମକୁଣ୍ଠ କରିଦେଇଛି, ଠିକ୍ ସେହିପରି ଏ. ଆଇ. ଏବେ ମଣିଷର ଚିନ୍ତାଶକ୍ତି, ସର୍ଜନା ଅର୍ଥାତ୍ ସୃଜନ କର୍ମ, ବୁଦ୍ଧିମତ୍ତା, ନାନାଦି ମାନସିକ, ବୌଦ୍ଧିକ ଏବଂ ଶାରିରୀକ କାର୍ଯ୍ୟ ପାଇଁ ସାଂଘାତିକ ଆହ୍ୱାନ ସୃଷ୍ଟି କରୁଛି ।

**ମଣିଷର ଜ୍ଞାନକୌଶଳରେ ନିର୍ମିତ ଏ. ଆଇର ପ୍ରଚଳନ ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ଯିଏ ଦିନେ ମଣିଷର ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା, ସେ ବର୍ତ୍ତମାନ ମଣିଷକୁ ପରିଚାଳନା କରୁଛି । ଏହି ଏକବିଂଶ ଶତାବ୍ଦୀର ଆଗାମୀ ଦୁଇ ଦଶନ୍ଧି ମାନବ ସଭ୍ୟତା ପାଇଁ ସବୁଠୁ କଠିନ ସମୟ ହେବାକୁ ଯାଉଛି । ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରୟୋଗ ମାଧ୍ୟମରେ ନାନାଦି ଉନ୍ନତ ମାନର ଯନ୍ତ୍ରପାତି ନିର୍ମାଣ ହେଲାପରେ ସେସବୁ ଯେପରି ମଣିଷର ବିଭିନ୍ନ କାର୍ଯ୍ୟର ସହାୟକ ହେବା ସହିତ କେତେକାଂଶରେ ମଣିଷମାନଙ୍କୁ କର୍ମହୀନ, ଅଳସୁଆ ଓ କର୍ମକୁଣ୍ଠ କରିଦେଇଛି, ଠିକ୍ ସେହିପରି ଏ. ଆଇ. ଏବେ ମଣିଷର ଚିନ୍ତାଶକ୍ତି, ସର୍ଜନା ଅର୍ଥାତ୍ ସୃଜନ କର୍ମ, ବୁଦ୍ଧିମତ୍ତା, ନାନାଦି ମାନସିକ, ବୌଦ୍ଧିକ ଏବଂ ଶାରିରୀକ କାର୍ଯ୍ୟ ପାଇଁ ସାଂଘାତିକ ଆହ୍ୱାନ ସୃଷ୍ଟି କରୁଛି ।**

ଏତଦ୍ ବ୍ୟତୀତ ଅର୍ଥନୈତିକ ଦିଗରୁ ମଣିଷ ପାଇଁ ଏ. ଆଇ. ସବୁଠୁଁ ବଡ଼ ସମସ୍ୟା ସୃଷ୍ଟି କରିବାକୁ ଯାଉଛି । ଆସ୍ତେ ଆସ୍ତେ ତାହା ସବୁ କ୍ଷେତ୍ରକୁ ଯଥା:- ପ୍ରାଇମେରି, ସେକେଣ୍ଡାରି ଓ ଟରସିଆରି ( ସର୍ଭିସ୍ ସେକ୍ଟର) କୁ ଆକ୍ରାନ୍ତ ଓ ଦଖଲ କରି ଚାଲିଛି । ଏହା ଫଳରେ ଦିନକୁ ଦିନ ରୋଜଗାର ସଂକୁଚିତ ହେବା ସଙ୍ଗେ ସଙ୍ଗେ ସ୍ଥିତି ସଙ୍ଗୀନ ଏବଂ ଦୟନୀୟ ହେବ । ବହୁ ଉଦ୍ୟୋଗରୁ ଛଟେଇ ଆରମ୍ଭ ହେବ । କାରଣ ଯେ କେହି ଉଦ୍ୟୋଗପତି ସଦାକାଳେ ମୁଖ୍ୟତଃ ଲାଭକୁ ଆଧାର କରି ହିଁ ବ୍ୟବସାୟ ପ୍ରତିଷ୍ଠାନ ଓ ଉଦ୍ୟୋଗ ସ୍ଥାପନ କରିଥାଏ । ସେଥିପାଇଁ ସେ ଆବଶ୍ୟକୀୟ ପୁଞ୍ଜି ନିବେଶ କରେ । ପ୍ରତ୍ୟେକ କର୍ମଚାରୀ ବା ଶ୍ରମଜୀବୀ ଶ୍ରମିକ ନିଯୁକ୍ତିଦାତା ପାଇଁ ଶ୍ରମର ପ୍ରତିରୂପ । ତାକୁ ଲୋଡ଼ା କେତେ ଶସ୍ତାରେ ସେ ତା' ଉଦ୍ୟୋଗ ପାଇଁ ଶ୍ରମ ଯୋଗାଡ଼ କରିପାରିବ । କାରଣ ଶ୍ରମ ବଦଳରେ ସେ ଯେତେ ଅଧିକ ଖର୍ଚ୍ଚ କରିବ ସେତେ ବେଶୀ ତାର ମୁନାଫା କମିବ ଓ କ୍ଷତି ମଧ୍ୟ ହୋଇପାରେ । ତା'ଛଡ଼ା ବିଭିନ୍ନ ପରିସ୍ଥିତିରେ ମାନବ ସମ୍ବଳର ଯଥାଯଥ ବିନିଯୋଗ କରିବା ମଧ୍ୟ ଖୁବ୍ ଦୁଃରହ ଓ କଷ୍ଟକର ବ୍ୟାପାର ।

ତେଣୁ ଉଦ୍ୟୋଗପତି ସବୁବେଳେ ଚାହିଁବ ଅଧିକରୁ ଅଧିକ କାର୍ଯ୍ୟ ବୈଷୟିକ ଜ୍ଞାନକୌଶଳ ଯଦି ଉପଲବ୍ଧ ଅଛି, ତାହାକୁ ପ୍ରୟୋଗ ଓ ବିନିଯୋଗ କରି ସମାପନ କରିବ । ଫଳତଃ ମାନବ ସମ୍ବଳର ସୀମିତ ବିନିଯୋଗ ହେବ । ଅନ୍ୟପକ୍ଷରେ ଏହା ଅଧିକରୁ ଅଧିକ ଲୋକଙ୍କୁ କର୍ମବିହୀନ ବେରୋଜଗାର କରିଦେଇପାରେ । ବେରୋଜଗାରୀ ଓ ବେକାରୀ ବଢ଼ିଲେ ତାର ଜଟିଳ ପ୍ରଭାବ ବ୍ୟକ୍ତିର ପାରିବାରିକ ଓ ସାମାଜିକ ଜୀବନକୁ ବହୁଳ ପ୍ରଭାବିତ କରିବ । ତେଣୁ ସାରା ଦୁନିଆରେ ଏକ ଭୟାବହ ଓ ଭୀଷଣ ସଂକଟଜନକ ପରିସ୍ଥିତି ଅବଶ୍ୟମ୍ଭାବୀ ହୋଇପଡ଼ିବ । ଏହିଭଳି ଏକ ଭୟଙ୍କର ଭୟାବହତାର ସମ୍ମୁଖୀନ ହେବାକୁ ଯାଉଛି ଖୁବ୍ ନିକଟ ଭବିଷ୍ୟତରେ ସମଗ୍ର ମାନବ ଜାତି । ମାନବ ସଂଭ୍ୟତା ମଧ୍ୟ ଦୋଛକିରେ ଉପନୀତ ଏବେ । ଏହି ଅପ୍ରତିହତ ପରିସ୍ଥିତିରେ ଆଗକୁ ଯାଇ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବେ ଶ୍ରମଜୀବୀ, ଶ୍ରମିକ, କୃଷକ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ଶ୍ରେଣୀର ବୃତ୍ତିଭୋଗୀ ଲୋକମାନେ । ଯେଉଁ ସମୟ ଆଗକୁ ଆସୁଛି ସେତେବେଳେ ସମସ୍ତ ସମ୍ବଳ ମୁଷ୍ଟିମେୟଙ୍କ ମୁଷ୍ଟିବଦ୍ଧ ହୋଇ ରହିଯିବା ଅନିବାର୍ଯ୍ୟ । ଅଧିକାଂଶ ଲୋକଙ୍କର ସେ ସମୟରେ ଗନ୍ତବ୍ୟସ୍ଥଳ ହୋଇ ରହିଯିବ ଚିକିତ୍ସାଳୟ, ମଦିରାଶାଳ, ମଦ ଦୋକାନ, ଔଷଧାଳୟ ଓ ଧର୍ମାନୁଷ୍ଠାନ । ହତାଶା, ଅବସାଦ, ପାରିବାରିକ ଅଶାନ୍ତି, ଅଭାବ, ଅନଟନ, ହତ୍ୟା, ରକ୍ତପାତ ଓ ଆତ୍ମହତ୍ୟା ଭଳି ନାନାଦି ଦୁଃସ୍ଥିତି ମଧ୍ୟରେ ସାଂସାରିକ ଜୀବନ ଦୁର୍ବିସହ ହୋଇଯିବ । ଅନେକ ଆକ୍ଷେପ କରିପାରନ୍ତି ଏହା ନକାରାତ୍ମକ ଚିନ୍ତାଧାରା । ମାତ୍ର ଠିକଣା ସମୟରେ ବିଧିବଦ୍ଧ ସାବଧାନତା ହିଁ ଶାନ୍ତିପୂର୍ଣ୍ଣ ସଂସ୍ଥିତି ଓ ସହାବସ୍ଥାନ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ।

ଏଥିନିମନ୍ତେ ବେଳହୁଁ ଏହି ସଂକଟର ରାକ୍ଷସୀ ପ୍ରଭାବକୁ କିଭଳି ମୁକାବିଲା କରାଯାଇ ପାରିବ ଏବଂ ଏଭଳି ଉତ୍କଟ ପରିସ୍ଥିତିରୁ ସାରା ମାନବ ଜାତି ଓ ମାନବ ସଭ୍ୟତାକୁ ସୁରକ୍ଷିତ ରଖାଯାଇ ପାରିବ, ସର୍ବାଗ୍ରେ ଏକଥା ପ୍ରତ୍ୟେକ ଚିନ୍ତଶୀଳ ବ୍ୟକ୍ତି, ବୁଦ୍ଧିଜୀବୀ, ବୈଜ୍ଞାନିକ, ସମାଜ ସଂସାରକ ଓ ରାଜନେତାମାନେ ଅନୁଶୀଳନ କରି ତାର ନିରାକରଣ ପାଇଁ ସୁଗମ ପନ୍ଥା ଯଥାଶୀଘ୍ର ନିରୂପଣ ଓ ନିର୍ଦ୍ଧାରଣ କରିବାର ପ୍ରକୃଷ୍ଟ ସମୟ ଏବେ ଉପଗତ, ଅନ୍ୟଥା ନେଡ଼ି ଗୁଡ଼ କହୁଣୀକୁ ବୋହିଗଲେ ପରେ ଯେତେ ଚେଷ୍ଟାକଲେ ମଧ୍ୟ ବିଗିଡ଼ା ସ୍ଥିତିକୁ ସୁଧାରିବା ଅସମ୍ଭବ ହୋଇପଡ଼ିବା ନିଧାର୍ଯ୍ୟ ।

*(ଶ୍ରୀ ସାହୁ ଜଣେ କବି, ଲେଖକ ଓ ଜଣେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ)*

**ମୋ-୯୪୩୭୩୮୨୨୮୧**

# ପ୍ରଗତିର ଚାବିକାଠି : ମହିଳା ସଶକ୍ତିକରଣ

**ଡାକ୍ତର ଅଶୋକ କୁମାର ମହାନ୍ତି**

ବିଗତ ସହସ୍ରାବ୍ଦୀ ଧରି ଭାରତୀୟ ମହିଳାମାନଙ୍କ ପରିସ୍ଥିତିରେ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି । ସେମାନଙ୍କ ଜୀବନଶୈଳୀ, ସ୍ୱାଧୀନତା ତଥା ସାମାଜିକ ସ୍ଥିତିରେ ବହୁ ଉତ୍‌ଥାନ ପତନ ଘଟିଛି । ଅତି ପ୍ରାଚୀନ କାଳରୁ ମଧ୍ୟ ଯୁଗ ମଧ୍ୟରେ ତାଙ୍କର ସ୍ଥିତିରେ କ୍ରମାଗତ ଅବନତି ଘଟିଥିଲା । ସେମାନଙ୍କୁ ଅନେକ ଅଧିକାରରୁ ବଞ୍ଚିତ କରାଯାଉଥିଲା । ଏପରିକି କୁସଂସ୍କାର ବଶତଃ ସେମାନଙ୍କୁ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ବାରଣ କରାଯାଉଥିଲା । ତେବେ ଅଷ୍ଟାଦଶ ଶତାବ୍ଦୀର ପରବର୍ତ୍ତୀ କାଳରେ ବ୍ରିଟିଶ ଶାସନ ସମୟରୁ ଅନେକ ଉଦାରବାଦୀ ସମାଜ ସଂସ୍କାରକଙ୍କ ପ୍ରଚେଷ୍ଟା ଫଳରେ ସେମାନେ ଅନେକ ଅଧିକାର ପାଇଲେ ଓ ଅନେକ କୁସଂସ୍କାରକୁ କାଳ କ୍ରମେ ଦୂରେଇ ଦିଆଯାଇଥିଲା । ପ୍ରାଚୀନ ବୈଦିକ କାଳରେ ଭାରତୀୟ ମହିଳାମାନେ ପୁରୁଷମାନଙ୍କ ସହ ସମସ୍ତ କ୍ଷେତ୍ରରେ ଅଧିକାର ପ୍ରାପ୍ତ ହେଉଥିବା କଥା ଭାରତୀୟ ବେଦରୁ ପ୍ରମାଣ ମିଳେ । ମହିଳାମାନଙ୍କୁ ସଶକ୍ତ କରିବା କେବଳ ସେମାନଙ୍କୁ ଅଧିକାର ଦେବା ବିଷୟରେ ନୁହେଁ, ଏହା ସେମାନଙ୍କର ସମ୍ଭାବନାକୁ ଚିହ୍ନଟ କରିବା ଏବଂ ଏପରି ଏକ ସମାଜ ଗଠନ କରିବା ବିଷୟରେ, ଯେଉଁଠାରେ ମହିଳାମାନେ ଉନ୍ନତି କରିପାରିବେ, ବୃଦ୍ଧି ହୋଇ ପାଇପାରିବ ଏବଂ ସେମାନଙ୍କର ସ୍ୱପ୍ନ ପୂରଣ କରିପାରିବେ । ମହିଳାମାନଙ୍କର ସଶକ୍ତୀକରଣ ରାଷ୍ଟ୍ର ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଏହାକୁ ରାଷ୍ଟ୍ର ନିର୍ମାଣର ଏକ ଚାବିକାଠି ଭାବରେ ବିବେଚନା କରାଯାଏ, କାରଣ ଏହା କେବଳ ମହିଳାମାନଙ୍କର ସ୍ଥିତିକୁ ଉନ୍ନତ କରେ ନାହିଁ ବରଂ ଦେଶର ସାମଗ୍ରିକ ଅଭିବୃଦ୍ଧି ଏବଂ ସମୃଦ୍ଧିରେ ମଧ୍ୟ ଯୋଗଦାନ କରେ, ଯାହା ଶିକ୍ଷା, ନିଯୁକ୍ତି ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି, ସାମାଜିକ କଲ୍ୟାଣରେ ଉନ୍ନତି, ସମ୍ପ୍ରଦାୟକୁ ସୁଦୃଢ଼ କରିବା ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହିତ ନିରନ୍ତର ବିକାଶ ଆଣିଥାଏ । ସ୍ୱାଧୀନ ଭାରତର ସମ୍ବିଧାନ ମହିଳାମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ସହ ସମାନ ହେବାର ଅଧିକାର ଦେଇଛି । ବର୍ତ୍ତମାନ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ରହିଛନ୍ତି । ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ରାଜନୀତି, ସେନାବାହିନୀ, ସାମ୍ବାଦିକତା ଏବଂ ଚଳଚ୍ଚିତ୍ର ସମେତ ଅନ୍ୟାନ୍ୟ ଗଣମାଧ୍ୟମରେ, ସବୁଥିରେ ମହିଳାମାନେ ତାଙ୍କ ସ୍ଥାନ ଦଖଲ କରିପାରିଛନ୍ତି । ରାଜନୀତି କ୍ଷେତ୍ରରେ, ବିଶ୍ୱର ଅନ୍ୟ ଯେକୌଣସି ଦେଶ ତୁଳନାରେ ଭାରତରେ ଶୀର୍ଷ ପଦବୀରେ ମହିଳାମାନଙ୍କର ଅନୁପାତ ସର୍ବାଧିକ । ଫଳସ୍ୱରୂପ, ଆଧୁନିକ ଭାରତରେ ମହିଳାମାନେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଲୋକସଭାର ବାଚସ୍ପତି, କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ବିରୋଧୀ ଦଳ ନେତା, ବିଭିନ୍ନ କମ୍ପାନୀର ପରିଚାଳନା ମୁଖ୍ୟ ତଥା ଅନ୍ୟ ସମସ୍ତ କ୍ଷେତ୍ର ଯଥା କ୍ରୀଡ଼ା, ଆନ୍ତର୍ଜାତୀୟ କୂଟନୀତି ଇତ୍ୟାଦି କ୍ଷେତ୍ରରେ ମଧ୍ୟ ସେମାନେ ଶୀର୍ଷ ପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି । ନାରୀ ଶକ୍ତି ହେଉଛି ନାରୀଙ୍କ ସଶକ୍ତି ଏବଂ ସ୍ୱାଧୀନତାର ପ୍ରତୀକ, ଯାହା ମହିଳାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ ଏବଂ ସମାଜର ଉନ୍ନତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଯେତେବେଳେ ମହିଳାମାନେ ଶିକ୍ଷା, ଆର୍ଥିକ ସୁଯୋଗ, ସ୍ୱାସ୍ଥ୍ୟସେବା ଏବଂ ରାଜନୈତିକ ଅଂଶଗ୍ରହଣରେ ସମାନ ପ୍ରବେଶ ପାଆନ୍ତି, ସେମାନେ ନିଜ ପରିବାରର ଉନ୍ନତି କରିପାରିବେ, ମାନବ ସମ୍ବଳର ପୂର୍ଣ୍ଣ ଉପଯୋଗ ସୁନିଶ୍ଚିତ କରିପାରିବେ, ଅର୍ଥନୀତିରେ ଯୋଗଦାନ ଦେଇପାରିବେ ଏବଂ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିପାରିବେ ।

♦ ଯେତେବେଳେ ମହିଳାମାନଙ୍କୁ ସଶକ୍ତ କରାଯାଏ, ସେମାନେ କର୍ମକ୍ଷେତ୍ରରେ ପ୍ରବେଶ କରିପାରିବେ, ଉଦ୍ୟୋଗୀ ହୋଇପାରିବେ ଏବଂ ଜାତୀୟ ଜିଡିପିରେ ଅଧିକ ସହଯୋଗ କରିପାରିବେ । ମହିଳାମାନଙ୍କୁ ସଶକ୍ତ କରିବା ଦ୍ୱାରା ଅଧିକ ଉତ୍ପାଦକତା, ଅଭିନବ ଚିନ୍ତାଧାରା ଏବଂ ସାମଗ୍ରିକ ଆର୍ଥିକ ଅଭିବୃଦ୍ଧି ଘଟିଥାଏ ।

♦ ମହିଳାମାନଙ୍କ ପାଇଁ ଅଧିକ ଆର୍ଥିକ ସ୍ୱାଧୀନତା ପରିବାରର ଆୟ ଏବଂ ପରିବାର କଲ୍ୟାଣକୁ ଯଥେଷ୍ଟ ବୃଦ୍ଧି କରିପାରିବ ।

♦ ସଶକ୍ତ ମହିଳାମାନେ ପ୍ରାୟତଃ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପାଇଁ ପ୍ରାଥମିକତା ଦେଇଥାଆନ୍ତି, ଯାହା ପିଲାମାନଙ୍କ ଏବଂ ସମଗ୍ର ସମ୍ପ୍ରଦାୟ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ ।

♦ ମହିଳାମାନଙ୍କୁ ସଶକ୍ତ କରିବା ଦ୍ୱାରା ଅଧିକ ସାମାଜିକ ସ୍ଥିରତା ଆସିଥାଏ ଏବଂ ଜଳବାୟୁ ପରିବର୍ତ୍ତନ ତଥା ଖାଦ୍ୟ ଅସୁରକ୍ଷା ଭଳି ଚ୍ୟାଲେଞ୍ଜର ମୁକାବିଲା କରିବାରେ ସାହାଯ୍ୟ ମିଳିପାରେ ।

♦ ମହିଳାମାନଙ୍କୁ ସଶକ୍ତ କରିବା ହେଉଛି ଲିଙ୍ଗଗତ ସମାନତା ହାସଲ କରିବାର ଏକ ସିଧାସଳଖ ପଥ, ଯାହା ସମସ୍ତଙ୍କ ପାଇଁ ଏକ ନିଷ୍ପାପର ଏବଂ ଅଧିକ ନ୍ୟାୟପୂର୍ଣ୍ଣ ସମାଜ ସୃଷ୍ଟି କରିଥାଏ ।

♦ ମହିଳାମାନେ ପ୍ରାୟତଃ ପରିବର୍ତ୍ତନର ପ୍ରମୁଖ ଏଜେଣ୍ଟ, ଯାହା ଅଧିକ ସ୍ପନ୍ଦନଶୀଳ ଏବଂ ଅନ୍ତର୍ଭୁକ୍ତ ସମ୍ପ୍ରଦାୟକୁ ଆଗେଇ ନେଇଥାଏ ।

♦ ସମାଜର ସମସ୍ତ ସ୍ତରରେ ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ଅଂଶଗ୍ରହଣ ରାଜନୈତିକ ଏବଂ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ । ନେତୃତ୍ୱ ଭୂମିକାରେ ମହିଳାମାନେ ସକାରାତ୍ମକ ସାମାଜିକ ସଂସ୍କାର ପାଇଁ ପ୍ରେରଣା ଦେଇଥାଆନ୍ତି ।

♦ ସଶକ୍ତିକରଣ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଉତ୍ସାହିତ କରେ, ଏଥିରେ ଘରେ, ସ୍କୁଲରେ, କର୍ମକ୍ଷେତ୍ରରେ ମହିଳାମାନଙ୍କ ପାଇଁ ସୁରକ୍ଷା ପ୍ରଦାନ କରିବା, ଆତ୍ମବିଶ୍ୱାସୀ ଏବଂ ସେମାନଙ୍କ ସମ୍ପ୍ରଦାୟ ଏବଂ ରାଷ୍ଟ୍ର ବିକାଶରେ ସକ୍ରିୟ ରହିବା ଅନ୍ତର୍ଭୁକ୍ତ । ଏହା ସହିତ ସେମାନଙ୍କୁ କ୍ୟାରିଅର, ବ୍ୟକ୍ତିଗତ ଜୀବନ ଏବଂ ପରିବାର ବିଷୟରେ ନିଜର ପସନ୍ଦ କରିବାକୁ ସକ୍ଷମ କରାଏ ।

♦ ସମାଜରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବା ପାଇଁ ମହିଳାମାନଙ୍କ ପାଇଁ ନିଶ୍ଚିତ ଅଧିକାର ଏବଂ ସୁଯୋଗ ସହିତ ଭେଦଭାବ ଏବଂ ହିଂସାରୁ ମୁକ୍ତି ମୌଳିକ ।

♦ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହିଳା ସଶକ୍ତିକରଣ ସମାନ । ମହିଳାମାନଙ୍କ କଲ୍ୟାଣ ପାଇଁ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ସଂଗଠିତ । ଅତ୍ୟାବଶ୍ୟକୀୟ ଦକ୍ଷତା ତାଲିମ, ସେମାନଙ୍କୁ କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିଷ୍ଠା କରିବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କର ରୋଜଗାର କ୍ଷମତା ବୃଦ୍ଧି କରିବା ପାଇଁ ସେଗୁଡ଼ିକୁ ପରିଚାଳନା ଏବଂ ନିର୍ମାଣ କରିବାରେ ସାହାଯ୍ୟ କରେ ।

ଭାରତରେ ମିଶନ ଶକ୍ତି ଏବଂ ବେଟି ବଚାଓ, ବେଟି ପଢ଼ାଓ ଭଳି ସରକାରୀ ପଦକ୍ଷେପ ଗୁଡ଼ିକ ମହିଳାମାନଙ୍କର ନିରାପତ୍ତା, ସୁରକ୍ଷା, ଏବଂ ସଶକ୍ତିକରଣ ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହା ଦେଶର ପ୍ରଗତିରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥାଏ । ମହିଳା ସଶକ୍ତିକରଣ ଏବଂ ଆର୍ଥିକ, ସାମାଜିକ ଏବଂ ପରିବେଶଗତ କ୍ଷେତ୍ରରେ ଲିଙ୍ଗଗତ ସମାନତା ବିନା ସ୍ଥାୟୀ ବିକାଶ ହାସଲ କରିବା ଅସମ୍ଭବ । ମହିଳାମାନଙ୍କୁ ସଶକ୍ତ କରିବା କେବଳ ସଠିକ୍ କାର୍ଯ୍ୟ ନୁହେଁ ଏହା ଏକ ବୁଦ୍ଧିମାନର କାର୍ଯ୍ୟ । ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ଅର୍ଥନୀତି ସମୃଦ୍ଧ ହୁଏ ଏବଂ ବିଶ୍ୱ ସମସ୍ତଙ୍କ ପାଇଁ ଏକ ଭଲ ସ୍ଥାନ ହୋଇଯାଏ । ମହିଳାଙ୍କ ଅବସ୍ଥା ଉନ୍ନତ ନହେଲେ ବିଶ୍ୱର କଲ୍ୟାଣ ହେବାର କୌଣସି ସମ୍ଭାବନା ନାହିଁ, ଯେପରି ପକ୍ଷୀ ଗୋଟିଏ ପକ୍ଷରେ ଉଡ଼ିବା ସମ୍ଭବ ହୁଏନାହିଁ ।

**ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ ଟାଉନ**

# ଭିନ୍ନକ୍ଷମ ଦିବସ ଓ ଦିବ୍ୟାଙ୍ଗ ବିଦ୍ୟାର୍ଥୀ

**ବିଶ୍ୱବିଜୟୀ ଦାଶ**

ପ୍ରତିବର୍ଷ ଡିସେମ୍ବର ୩ ତାରିଖ ଆଜିର ଦିନରେ ବିଶ୍ୱବ୍ୟାପୀ ଉତ୍ସାହ ଓ ଉଦ୍ଦୀପନାର ସହ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ପାଳନ କରାଯାଉଛି । ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହା ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ଭାବରେ ପାଳନ କରାଯାଉଛି ।

ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନର ଲକ୍ଷ୍ୟ ହେଉଛି ଅକ୍ଷମତା ସମସ୍ୟା ବିଷୟରେ ଏକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଏବଂ ଭିନ୍ନକ୍ଷମଙ୍କ ସମ୍ମାନ, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ କରିବା କିନ୍ତୁ ତାଙ୍କ ସମ୍ମୁଖରେ ଥିବା ଆହ୍ୱାନ ଗୁଡିକୁ ଦୂର କରିବା ଏବଂ ସମାଜରେ ଆତ୍ମବିଶ୍ୱାସର ସହ ବଞ୍ଚିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜରେ ଭିନ୍ନକ୍ଷମମାନଙ୍କୁ ଯୋଗ୍ୟ ଜୀବନଯାପନ କରିବାକୁ ସୁଯୋଗ ଦେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ । ମଣିଷର ପାଞ୍ଚ ଆଙ୍ଗୁଠି ସମାନ ନୁହେଁ, ମାତ୍ର କାର୍ଯ୍ୟ କ୍ଷେତ୍ରରେ ସମସ୍ତେ ସମାନ । ସେହିପରି ଆମେ ସମସ୍ତେ ଅଲଗା କିନ୍ତୁ ଏକ ସମୟରେ କହିବାକୁ ଗଲେ ସମସ୍ତେ ସମାନ ବୋଲି କହିବା ସହ ଭିନ୍ନକ୍ଷମମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ।

ପ୍ରତ୍ୟେକ ଦିବ୍ୟାଙ୍ଗ ଆମ ସମାଜର ଅଂଶ ବିଶେଷ । ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ତାଲିମ ଦେବା ଫଳରେ ସେମାନଙ୍କର ସାମାଜିକ, ବୌଦ୍ଧିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ଲାଟଫର୍ମ ମାଧ୍ୟମରେ ଅକ୍ଷମତା ସଚେତନତାକୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ସହାନୁଭୂତିର ମୂଳଦୁଆ ଉତ୍ପନ୍ନ ହୁଏ ଏବଂ ସାମାଜିକ ପ୍ରତିବନ୍ଧକ ଭାଙ୍ଗି ଆବଶ୍ୟକୀୟ ପରିବର୍ତ୍ତନ ହୋଇପାରେ ।

ସମାଜର ବିକାଶ ସାଧନ ପାଇଁ ସର୍ବୋତ୍ତମ ମାଧ୍ୟମ ହେଉଛି ଶିକ୍ଷା । ଶିକ୍ଷା ମାନବିକ ଜୀବନ ପ୍ରକ୍ରିୟାର ଦିଗ୍‌ବଳୟକୁ ପ୍ରସାରିତ କରେ । ଜ୍ଞାନାର୍ଜନ ଶିକ୍ଷାର କେବଳ ଗୋଟିଏ ଦିଗ । ଶିକ୍ଷା ବିକାଶରେ ଏହାର ଭୂମିକା ଅତୁଳନୀୟ । ମାନବବାଦ, ଶୃଙ୍ଖଳା, ଉଦାରତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଜିଜ୍ଞାସା ପାଇଁ ଆଗ୍ରହ ଓ ସଂସ୍କାର ଆଦି ଭଲ ଗୁଣଗୁଡ଼ିକ ଉତ୍ପନ୍ନ କରିବା ଶିକ୍ଷାର ବୈଶିଷ୍ଟ୍ୟ । ମାନବ ଜୀବନକୁ ଆଲୋକିତ କରିବାରେ ଏସବୁର ଆବଶ୍ୟକତା ରହିଛି । ଶିକ୍ଷା ଓ ତାଲିମ ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ସ୍ୱାବଲମ୍ବୀ ହୋଇପାରିବେ ।

ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ଶିକ୍ଷା ଗ୍ରହଣ କରୁଛନ୍ତି । ସାଧାରଣ ବିଦ୍ୟାର୍ଥୀମାନଙ୍କ ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କର ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ । ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ ଅଧିକ ପ୍ରୋତ୍ସାହନ କରିବା ଦ୍ୱାରା ସେମାନେ ଉତ୍ସାହିତ ହୋଇପାରିବେ, ଯାହା ଫଳରେ ସେମାନଙ୍କର କିଛି ଉନ୍ନତି ହୋଇପାରିବ ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ କିଭଳି ଭାବରେ ଶିକ୍ଷା ଦାନ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଇପାରିବ, ତାହା କେବଳ ସ୍ୱତନ୍ତ୍ର ଶିକ୍ଷକ ହିଁ କରିପାରିବ । ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ସହ ଆତ୍ମନିର୍ଭରଶୀଳ ମାର୍ଗ କେବଳ ସ୍ୱତନ୍ତ୍ର ଶିକ୍ଷକ ଦ୍ୱାରା ହିଁ ସମ୍ଭବ ।

ଦିବ୍ୟାଙ୍ଗମାନେ ହିଁ ନିଜର ଅକ୍ଷମତାକୁ ପଛରେ ପକାଇ ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ମାଧ୍ୟମରେ ଆଜି ସମାଜରେ ସଫଳ ହୋଇଛନ୍ତି । ଏମିତି ଅନେକ ଉଦାହରଣ ଅଛି ଦିବ୍ୟାଙ୍ଗମାନେ ନିଜେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ମଧ୍ୟ ହୋଇଛନ୍ତି । କୌଣସି ପରିସ୍ଥିତିରେ ଦିବ୍ୟାଙ୍ଗମାନଙ୍କୁ ଯେକୌଣସି କ୍ଷେତ୍ରରେ ଅବହେଳା କରିବା ଉଚିତ୍ ନୁହେଁ, ସେମାନଙ୍କୁ ଉତ୍ତମ ବ୍ୟବହାର ମିଳାମିଶା ଦ୍ୱାରା ସେମାନଙ୍କର ମନୋବଳ ଦୃଢ଼ ହୋଇପାରିବ ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ଯେତେ ପ୍ରୋତ୍ସାହିତ କରିବା, ସେମାନେ ସେତିକି ଆଗକୁ ବଢ଼ିପାରିବେ । ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କର ଉତ୍ତମ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ସ୍ୱତନ୍ତ୍ର ଶିକ୍ଷକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

**ରାଜ୍ୟ ଉପାଧ୍ୟକ୍ଷ,ଓଏସ୍‌ଇଏଫଡ଼ି, ଓଡ଼ିଶା**
**ମୋବାଇଲ ନଂ - ୬୩୭୦୨୦୮୪୨୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁଇଦିନିଆ...

୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପୁଟିନ୍ ତାଙ୍କର ଏହି ଦୁଇ ଦିନିଆ ଗସ୍ତ ଅବସରରେ ୨୩ତମ ଭାରତ-ଋଷ୍ ଆନୁଆଲ୍ ସମ୍ମିଟ୍‌ରେ ଯୋଗଦେବେ । ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିପାକ୍ଷିକ ବୈଠକରେ ଅନେକ ପ୍ରମୁଖ ଚୁକ୍ତିନାମା ସ୍ୱାକ୍ଷରିତ ହେବ ବୋଲି ସୂଚନା ମିଳିଛି । ଋଷ୍ ଓ ଭାରତ ମଧ୍ୟରେ ମୋଟ୍ ୨୫ଟି ପ୍ରମୁଖ ଚୁକ୍ତିନାମା ସ୍ୱାକ୍ଷର କରାଯିବ ବୋଲି ଜଣାପଡିଛି । ଯେଉଁଥିରେ ୧୦ ସରକାରୀ ଓ ୧୫ରୁ ଅଧିକ ବ୍ୟବସାୟୀକ ଚୁକ୍ତିନାମା ରହିଛି । ଏହି ଗସ୍ତ ସମୟରେ ବାଣିଜ୍ୟ, ଅର୍ଥନୀତି, ପ୍ରତିରକ୍ଷା, ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି, ଗଣମାଧ୍ୟମ ଏବଂ ଶ୍ରମ ଗତିଶୀଳତା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଚୁକ୍ତିନାମା ହୋଇପାରେ । ଋଷ୍‌ରେ ଶ୍ରମିକଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୁଇ ଦେଶ ଏକ ଶ୍ରମ ଗତିଶୀଳତା ଚୁକ୍ତିନାମା ଉପରେ ସହମତିରେ ପହଞ୍ଚିବେ ବୋଲି ଆଶା ରହିଛି । ଯାହା ଋଷ୍‌ରେ ଭାରତୀୟ ଶ୍ରମିକଙ୍କ ପାଇଁ ସୁରକ୍ଷିତ ଓ ଉତ୍ତମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ପ୍ରତିରକ୍ଷା କ୍ଷେତ୍ରରେ ଏକ ମେଗା ଆଲୋଚନା ହେବାର ସମ୍ଭାବନା ରହିଛି । ଏଥିରେ ଭାରତକୁ ଏସ୍‌ୟୁ-୩୦ ଫାଇଟର ଜେଟ୍, ବାୟୁ ପ୍ରତିରକ୍ଷା ସୁରକ୍ଷା ଯଥା ଏସ୍-୪୦୦/୫୦୦ ଋଷ୍ ଯୋଗାଇବ ବୋଲି ସ୍ଥିର ହୋଇପାରେ । ସେହିଭଳି ଏସ୍‌ୟୁ-୩୦ ଏମ୍‌କେଆଇ ଏୟାରକ୍ରାଫ୍ଟ ସହ ୧୦୦ ଆଧୁନିକ ମାନର ଜେଟ୍ ପ୍ଲେନ୍ ଋଷ୍ ସହଯୋଗରେ ଭାରତ ଆସିପାରେ ।

## ନିଶା...

ଅବସ୍ଥାରେ ଗ୍ରାମବାସୀ ଜ୍ୟୋସ୍ନାରାଣୀଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ଘଟଣା ସଂପର୍କରେ ଖବର ପାଇବା ପରେ ତିହିଡି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଚଳାଇଥିବା ବେଳେ ଏପରି ନୃଶଂସ କାଣ୍ଡ ଘଟାଇଥିବା ପୁଅ ବଳିଆ(୪୫) ଫେରାର ହୋଇଯାଇଥିବା ଜଣାଯାଇଛି ।

## ସଙ୍ଗୀତ...

ରାସ୍ତାରୋକ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗାଡି ଚଳାଚଳ ବ୍ୟାହତ ହେବା ସାଙ୍ଗକୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହା ପରେ କଲେଜ କର୍ତ୍ତୃପକ୍ଷ ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । କଲେଜ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ ଛାତ୍ରଛାତ୍ରୀମାନେ ପୂର୍ବରୁ ଏ ସମ୍ପର୍କରେ ଅଭିଯୋଗ କରିଥିଲେ । ତେଣୁ ପ୍ରାଥମିକ ତଦନ୍ତ ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଆଗକୁ ଯେଉଁମାନେ ଏହିପରି କାର୍ଯ୍ୟ କରିବେ ସେମାନେ ଦୃଢ କାର୍ଯ୍ୟାନୁଷ୍ଠାନର ଶିକାର ହେବେ ।

ଥାନାରେ ୧୦/୧୨ଜଣ ପିଲା ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଶତ୍ରୁଘ୍ନ ସାମଲଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଅଭିଯୁକ୍ତ ସାମଲଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଅଭିଯୁକ୍ତ ଅଧ୍ୟାପକ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ । ସଂସ୍କୃତି ବିଭାଗ ଅଭିଯୋଗ ପାଇବା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି । ଅଧିକ ତଦନ୍ତ ପରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ବ୍ଲାକ୍‌ଲିଷ୍ଟ କରାଯିବ ବୋଲି ସଂସ୍କୃତି ବିଭାଗ ସୂତ୍ରରୁ ସୂଚନା ମିଳିଛି । ଡ୍ରାମା ବିଭାଗ ଅଧ୍ୟାପକ ପାଇଁ ବହୁ ଆଶାୟୀ ଚୟନ ପ୍ରକ୍ରିୟାରେ ସାମିଲ ଅଛନ୍ତି । ତାଲିକାରେ ଥିବା ଅନ୍ୟ ପ୍ରାର୍ଥୀଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ମିଳିବ । ଜଣେ ଛାତ୍ରୀଙ୍କ କହିବାନୁଯାୟୀ ଶତ୍ରୁଘ୍ନ ସାର୍‌ଙ୍କୁ ଆମେ ଡରୁଥିଲୁ । ସେଥିପାଇଁ ଅଭିଯୋଗ କରିପାରୁ ନଥିଲୁ । ସ୍ୱର ଉତ୍ତୋଳନ କଲେ ମାର୍କ କଟିଯିବ ବୋଲି ଭୟ ଲାଗୁଥିଲା । କେବଳ ଏହି ଘଟଣା ନୁହେଁ ପୂର୍ବରୁ ବହୁ ଅଭିଯୋଗ ରହିଛି । ଏପରିକି ପୋଲିସରେ ମଧ ମାମଲା ଦରଜ ହୋଇଛି ।

## ପୋଲିସ...

କହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ସଦସ୍ୟଙ୍କୁ ଜବାବ ଦେଇଛନ୍ତି ।

ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ୨୬୧ କୋଟି ୭ ୯ ଲକ୍ଷ ଟଙ୍କାର ଅତିରିକ୍ତ ବ୍ୟୟବରାଦ ଗୃହରେ ଉପସ୍ଥାପନ ହୋଇଥିଲା । ଏହି ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା ଏବଂ ଏହାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମୃଦ୍ଧ ଓଡ଼ିଶା ବିକଶିତ ଭାରତ ସଙ୍କଳ୍ପକୁ ସିଦ୍ଧିରେ ପରିଣତ କରିବା ପାଇଁ ଗୃହ ବିଭାଗର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏକ ସୁଦୃଢ଼ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ରାଜ୍ୟର ଦ୍ରୁତ ଶିଳ୍ପାୟନ ଓ ସର୍ବବିଧ ବିକାଶ ନିମନ୍ତେ ନିତାନ୍ତ ଆବଶ୍ୟକ । ମହିଳା, ଶିଶୁ, ଦୁର୍ବଳ ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କ ସୁରକ୍ଷା ଆମ ସରକାରଙ୍କ ପ୍ରାଥମିକତା । ବିଗତ ୧୫ ମାସର ଅପରାଧକୁ ତୁଳନା କଲେ ଏବେ ଅପରାଧ ସଂଖ୍ୟା ଅପେକ୍ଷାକୃତ ସ୍ଥିର ରହିଛି । ଦୁଷ୍କର୍ମ ମାମଲା ୩.୩% ହ୍ରାସ ପାଇଥିବାବେଳେ ଅସଦାଚରଣ ମାମଲା ୧.୯%, ସର୍ବାସାଧାଣରେ ନିବସ୍ତ୍ର ମାମଲା ୨୨.୨%, ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲା ୬୬.୭%, ଯୌତୁକ ନିର୍ଯ୍ୟାତନା ମାମଲା ୭.୨% ହ୍ରାସ ହୋଇଛି । ହତ୍ୟା ମାମଲା ୬.୧% ହ୍ରାସ ପାଇଥିବାବେଳେ ଦଙ୍ଗା ମାମଲା ୨୨.୨% ହ୍ରାସ ପାଇଛି । ମହିଳା ଓ ଶିଶୁଙ୍କୁ ସୁରକ୍ଷା ଆମ ସରକାରର ସର୍ବୋଚ୍ଚ ପ୍ରାଥମିକତା । ସୁଭଦ୍ରା ସୁରକ୍ଷା ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୫୨ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ଓଡ଼ିଶା ପୋଲିସ ସୁରକ୍ଷାବାହିନୀ ଅଭିଯାନରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ପୋଲିସ ବିଭାଗକୁ ଦକ୍ଷ ପ୍ରଭାବୀ କରିବା ପାଇଁ ପୋଲିସ ଆଧୁନୀକରଣ ଲାଗି ୩ ଓଏସ୍‌ଏଫ୍ ବାଟେଲିୟନ, ୩ ଓଆଇଏସ୍‌ଏଫ୍ ବାଟେଲିୟନ, ୧୦ ନୂତନ ଓଡ୍ରାଫ ୟୁନିଟି ଆଦି ଗଠନ କରାଯାଇଛି । ୨୧ଟି ସାଇବର ଅର୍ଥନୈତିକ ଅପରାଧ ଥାନା ଓ ଗୋଟିଏ ନୂତନ ପୋଲିସ ଜିଲ୍ଲା ପ୍ରତିଷ୍ଠା କରାଯାଇଛି । ଓଡ଼ିଶା ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଚଳିତ ଆର୍ଥିକ ବର୍ଷରେ ୧୪୯.୯୬ କୋଟି ଟଙ୍କା ପାଣ୍ଠି ଅନୁମୋଦନ କରାଯାଇଛି । ସମୁଦ୍ରକୂଳରେ ତଦାରଖ ପାଇଁ ୧୦ ଉନ୍ନତମାନର ଡ୍ରୋନ୍ କ୍ରୟ କରି ନିୟୋଜିତ କରାଯାଇଛି । ନିର୍ଭର ପ୍ରତିଶ୍ରୁତି ଦେବାକୁ ଚାହେଁ ଯେ ରାଜ୍ୟରେ ଅପରାଧୀଙ୍କ ପାଇଁ କୋହଳ ମନୋଭାବ ପୋଷଣ କରାଯିବନାହିଁ । ବିଗତ ସରକାର ତାଙ୍କ ପାଖରେ ଥିବା ରାଜନୈତିକ ସୁରକ୍ଷା ଲାଇସେନ୍ସର ଅବଧି ଏକ୍ସପାୟାରୀ ହୋଇଯାଇଛି । ଆଉ ନବୀକରଣର ସୁଯୋଗ ନାହିଁ । ଆଇନ୍ ଶୃଙ୍ଖଳା ସହ ରିସ୍କ ନେବାକୁ ଯଦି ଚାହୁଁଛନ୍ତି ସରକାର ଓ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଖସୁଛି...

ଝାରସୁଗୁଡ଼ାରେ ୧୦.୯ ଡିଗ୍ରୀ ଥିବା ବେଳେ ଫୁଲବାଣୀରେ ୧୧ ଡିଗ୍ରୀ, କୋରାପୁଟରେ ୧୧.୫ ଡିଗ୍ରୀ, ରାଉରକେଲାରେ ୧୨ ଡିଗ୍ରୀ, ବାରାପିଦାରେ ୧୩ ଡିଗ୍ରୀ ଓ ଭୁବନେଶ୍ୱରରେ ୧୫.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ସେହିପରି କୁହୁଡ଼ି ଯୋଗୁଁ ଯାତାୟତରେ ସମସ୍ୟା ଦେଖା ଦେଇଛି । ସବୁଜ ବନାନୀ ଓ ଚତୁଃର ପାଶ୍ୱର୍ ପାହାଡ଼ରେ ପରିପୂର୍ଣ୍ଣ ଜି.ଉଦୟଗିରିର ସୌନ୍ଦର୍ଯ୍ୟ କୌଣସି ପ୍ରକାର ଦାର୍ଜିଲିଂ ସୌନ୍ଦର୍ଯ୍ୟ ଠାରୁ କମ ନୁହେଁ, ଯାହାକି ପର୍ଯ୍ୟଟକଙ୍କ ମନକୁ କିଣି ନେଇ ଥାଏ । ଯାହା ପାଇଁ ପର୍ଯ୍ୟଟକ ଜି.ଉଦୟଗିରିକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି । ସାରା ଅଞ୍ଚଳ କୁହୁଡ଼ିମୟ ହୋଇଥିବା ବେଳେ ସାରା ଅଞ୍ଚଳ ଯେମିତି କୁହୁଡ଼ିର ବଳୟ ଭିତରେ ରହିଥିବା ଭଳି ଜଣା ପଡୁଥିଲା । ସକାଳ ୧୦ଟା ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଦର୍ଶନ ମିଳିନଥିଲା । ଥଣ୍ଡା ଜାରି ରହିଥିଲା । ପ୍ରବଳ କୁହୁଡ଼ି ଯୋଗୁଁ ରାସ୍ତାରେ ଯାନବାହାନ ଯାତାୟତରେ ବେଶ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଗାଡ଼ି ଚାଳକମାନେ । ରାସ୍ତା ଦେଖା ନଯିବା କାରଣରୁ ରାସ୍ତାକଡ଼ରେ ଗାଡ଼କୁ ରଖି ଦେଇଥିଲେ ବହୁ ଗାଡ଼ି ଚାଳକ । ଦିନକୁ ଦିନ ତାପମାତ୍ରା କମିବା ସହ ଥଣ୍ଡାର ପ୍ରକୋପ ବିବା ସହ ଜାଡ଼ ଆରମ୍ଭ ହୋଇ ହାତ ଗୋଡ଼ କାଲୁଆ ମାରି ଯାଉଛି । ଥଣ୍ଡା ଦାଉରୁ ରକ୍ଷା ପାଇବା ପାଇଁ ଲୋକ ନିଆଁର ସହାର ନେଉଥିବା ଦେଖିବାକୁ ମିଳିଛି । ଆଗାମୀ କିଛି ଦିନ ପର୍ଯ୍ୟନ୍ତ ତାପମାତ୍ରା କମିବା ସହ ଥଣ୍ଡାର ପ୍ରକୋପ ବିବ ବୋଲି ପାଣିପାଗ ବିଭାଗ ପୂବାନୁମାନ କରିଛି ।

## ଇସିଆଇଙ୍କ...

ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଇସିଆଇଙ୍କ ଦ୍ୱାରା ଯେଉଁ ସାମ୍ବିଧାନିକ ଦାୟିତ୍ୱ ଦିଅଯାଏ, ତାହା ଏସ୍‌ଆଇଆର ହେଉ ପଛେ ସେଥିଲାଗି ନିୟୋଜିତ କର୍ମଚାରୀମାନେ ଏହି କାର୍ଯ୍ୟ କରିବେ । ଯଦି ସେମାନଙ୍କ ଉପରେ ତାଙ୍କ ନିୟମିତ କାର୍ଯ୍ୟ ସହ ଏହି କାର୍ଯ୍ୟ କରିବା ପାଇଁ ଅତ୍ୟଧିକ ବୋଝ ପଡୁଛି ତେବେ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବେ । ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ରାଜ୍ୟ ସରକାର ଏଥିଲାଗି ଅତିରିକ୍ତ କର୍ମଚାରୀ ନିୟୋଜିତ କରିବେ । ଫଳରେ କାମ କରିବାର ସମୟ ଆନୁପାତିକ ସ୍ତରରେ ହ୍ରାସ ପାଇବ । ଯଦି କୌଣସି କର୍ମଚାରୀ ନିର୍ଦ୍ଦିଷ୍ଟ କାରଣ ଦର୍ଶାଇ ଇସିଆଇଙ୍କ ଦ୍ୱାରା ଦିଆଯାଇଥିବା ଦାୟିତ୍ୱ କରିବାକୁ ଅନିଚ୍ଛୁକ ହେବେ ତେବେ ରାଜ୍ୟ ସରକାରଙ୍କର ଅଧିକୃତ ଅଧିକାରୀ ଏହି ଅନୁରୋଧ ଉପରେ ବିଚାର କରିପାରିବେ । ସେହି କର୍ମଚାରୀଙ୍କୁ ଏଥିରୁ ଅନ୍ତର କରାଯିବ କିମ୍ବା ଆଉକିଛି ଦାୟିତ୍ୱ ଦିଆଯିବ ତାହା ରାଜ୍ୟ ସରକାର ବିଚାର କରିବେ । ଅପରପକ୍ଷରେ ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାର କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବେ । ନିର୍ବାଚନ ଆୟୋଗଙ୍କୁ ଆବଶ୍ୟକୀୟ କର୍ମଚାରୀ ଯୋଗାଇବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ । ତାମିଲ ଅଭିନେତା ବିଜୟଙ୍କ ଦଳ ଟିଭିକେର ଆବେଦନର ଶୁଣାଣି କରି ଏହି ରାୟ ଦିଆଯାଇଛି । ସଠିକ୍ କାର୍ଯ୍ୟ ନ ସରିଲେ ବିଏଲ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଉ ବୋଲି ଟିଭିକେ ପକ୍ଷରୁ ଆବେଦନ କରାଯାଇଥିଲା । କୋର୍ଟ କହିଛନ୍ତି ଯେ ବିଶେଷକରି ସ୍ୱାସ୍ଥ୍ୟ କିମ୍ବା ବ୍ୟକ୍ତିଗତ କାରଣ କ'ଣ ଯେଉଁଥିପାଇଁ ସେ ଏହି କାର୍ଯ୍ୟରୁ ଅବସର ନେବାକୁ ଚାହୁଁଛନ୍ତି ତାହାକୁ ବ୍ୟକ୍ତିଗତ ଭାବେ ବିଚାର କରାଯାଉ । ଯଦି ସେଭଳି କର୍ମଚାରୀଙ୍କୁ ଅଶ୍ୱସ୍ତି ନ ମିଳିପାରେ ତେବେ ସେ ସିଧାସଳଖ କୋର୍ଟର ଦ୍ୱାରସ୍ଥ ହୋଇପାରିବେ ।

# ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଆରମ୍ଭ

ସୋର,(ସବ୍ୟୁ୦: ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜନ୍ମ ଜୟନ୍ତୀ ତଥା ୨୯ ତମ ଜାତୀୟ ଯୁବ ଦିବସ ଉପଲକ୍ଷେ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ଆୟୋଜିତ ହେବାକୁଥିବା ଉତ୍ସବ -୨୦୨୬ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ପଞ୍ଜିକରଣ ଆରମ୍ଭ ହୋଇଯାଇଛି । ଡିସେମ୍ବର ୨୭ ଏବଂ ୨୮ ପ୍ରତିଯୋଗିତା ହେବାକୁ ଥିଲାବେଳେ ଏହା ପାଇଁ ପଞ୍ଜିକରଣ ଡିସେମ୍ବର ୧ ରୁ ଆରମ୍ଭ ହୋଇ ଡିସେମ୍ବର ୨୫ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ପ୍ରତିଯୋଗିତା ରେ ସବ୍ ଜୁନିଅର୍, ଜୁନିଅର, ସିନିୟର୍ ଏବଂ ସୁପର ସିନିୟର୍ ପରି ଚାରୋଟି ବିଭାଗରେ ଦଶ ଗୋଟି ଖେଳ ସହ, ମାରାଥନ୍, ରିଲ୍ସ, ଆମ ସୁନା ଭାଉଜ, ସେଲ୍ଫି ପଏଣ୍ଟ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନେ ଯୋଗଦେବେ । ଇଚ୍ଛୁକ ପ୍ରତିଯୋଗୀମାନେ ୮୩୨୮୯୮୦୪୭୧, ୬୩୭୨୩୨୧୧୦୪ ନମ୍ବର ରେ ଯୋଗାଯୋଗ କରି ସବିଶେଷ ବିବରଣୀ ଜାଣିବା ସହ ନିଜର ନାମ ଡିସେମ୍ବର ୨୫ ପୂର୍ବରୁ ପଞ୍ଜିକରଣ କରିପାରିବେ ।

# ଧରାପଡ଼ିଲା ୭ ଟନ ବିରଳ ପ୍ରଜାତିର ସାର୍କ ମାଛ

ଭୋଗରାଇ, (ସବ୍ୟୁ): ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ତାଳସାରୀ ସମୁଦ୍ର କୂଳ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଲା ବିଶାଳକାୟ ସାର୍କ ମାଛ । ଏହି ମାଛକୁ ନିକଟସ୍ଥ ଗମ୍ଭାରିଆ ଗ୍ରାମର ମତ୍ସ୍ୟଜୀବୀମାନେ କୂଳକୁ ଜାଲ ଟାଣିବାରେ ନାକେଦମ ହୋଇଥିଲେ ।ବୁଧବାର ରାତି ୯ ଟାରେ ଜାଲ ସହିତ ମାଛକୁ ମୃତ ବସ୍ଥାରେ କୂଳକୁ ଟାଣି ଆଣିବାରେ ସକ୍ଷମ ହେବାପରେ ଗୁରୁବାର ସକାଳୁ ଏହି ମାଛକୁ ଦେଖି ସମସ୍ତେ କାବା ହେବା ସହିତ ସେଠାରେ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଲାଗିଥିଲା । ଖବର ପାଇ ବନବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏହି ବିରଳ ପ୍ରଜାତିର ମାଛ ମୃତବସ୍ଥାରେ କିପରି ଜାଲରେ ଛନ୍ଦି ହେଲା,ତାହାର ପ୍ରାଥମିକ ତଦନ୍ତ ଜାରିରଖିଥିଲେ। ମୃତ ମାଛର ଲମ୍ବ ୧୭ ଫୁଟ ୭ ଇଞ୍ଚ ଥିବାବେଳେ ଓଜନ ୭ ଟନ ଓ ଏହା ୨୦ ବର୍ଷର ମାଛ ବୋଲି ବନବିଭାଗ ସୂଚନା ଦେଇଥିଲେ । ମାଛକୁ ଉଦୟପୁର ବନବିଭାଗ ପରିସରକୁ କୁ ଅଣାଯାୟୀ ଥିଲା ଝଜିଲା ବନ୍ୟ ଜୀବ ବନ୍ୟଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦେଶକ୍ରମେ ବ୍ୟବଛେଦ କରାଯାଇ ମାଛ କୁ ପୋତି ଦିଆଯାଇଥିଲା ।



## ଜଳିଗଲା ୨ ଧାନକଟା ମେସିନ

ଖଇରା, (ସବ୍ୟୁ) : ଖଇରା ବ୍ଲକରେ ୨ଦିନ ମଧ୍ୟରେ ପୃଥକ ପୃଥକ ସ୍ଥାନରେ ଧାନ କାଟୁଥିବା ୨ଟି ଧାନକଟା ମେସିନ ସର୍ଟସର୍କିଟ ଯୋଗୁଁ ଜଳି ଯାଇଥିବା ଅଭିଯୋଗ ହୋଇଛି। ଗୁରୁବାର ବାହାଗଡିଆ ଗ୍ରାମରେ ସାଉଣ୍ଡିଆ ଗ୍ରାମର କେଶବ ସେଣ୍ଠଙ୍କ ମେସିନ ଧାନ କାଟୁଥିବା ବେଳେ ପୋଡି ଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ମାନେ ନିଆଁକୁ ଆୟତ୍ତ କରିନେଇଥିଲେ ।


**AFFIDAVIT**

I, PITABASHA PANDA, S/O-DOLA GOBINDA PANDA, PLOT NO- 491/2 ,SAHID NAGAR, BEHIND ARYA SAMAJ, BHUBANESWAR - 751007,ODISHA DECLARE BY THIS AFFIDAVIT NO-45679, Dt-03.12.2025 THAT NOW ONWARDS I SHALL BE KNOWN AS **PITABASH PANDA** FOR ALL FUTURE PURPOSES.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-T-ANGL-WR-YARD-315

କାର୍ଯ୍ୟର ନାମ : 02 (ଦୁଇ)ବର୍ଷ ଅବଧି ନିମନ୍ତେ ଅନୁଗୁଳ(ANGL) BOXN ଡିପୋ ଠାରେ ପରୀକ୍ଷଣ ସମୟରେ ୱାଗନଗୁଡ଼ିକର ମରାମତି ।

ବିଜ୍ଞାପିତ ମୂଲ୍ୟ (₹) : 3,99,90,179.50, EMD (₹) : 3,50,000.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.12.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.12.2025ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର (Frt.), ଖୋର୍ଦ୍ଧା ରୋଡ୍

PR-865/Q/25-26

**AFFIDAVIT**

By virtue of an affidavit sworn before Executive Magistrate, Jharasuguda, dated. 3 December 2025. I Prabal Tandia S/o-Faguna Tandia, Permanent resident of Vill/Po-H.Katapali, Ps-Sadar, Dist-Jharsuguda (Odisha). That my name has been mentioned in my birth certificate issued by Registrar Births & Deaths, Rajpur CHC vide Regn No. 20/2021 Prabal Tandia S/o- Faguna Tandia. Whereas in my Aadhaar Card my name has been written as Parbal Tandia. That hereby declare that my acutal name is Prabal Tandia for all purposes.

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ଡିଆରଏମ୍ / ଇଞ୍ଜିନିୟରିଂ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । ଟେଣ୍ଡର ନୋଟିସ୍ ନଂ : ସିକେପି-ଇଷ୍ଟ-୨୫-୨୬-୫୦, ତାରିଖ : ୦୨.୧୨.୨୦୨୫ । କାର୍ଯ୍ୟର ନାମ : ଏଡିଇଏନ/ଆଇଆଇ/ଟାଟାନଗର (୨ୟ କଲ)ଙ୍କ କ୍ଷମତା ଅଧିନସ୍ଥ ବିଭକନ ଠାରେ ପ୍ଲାଟଫର୍ମ ନଂ. ୧ ଓ ୨ ଏବଂ ୩ର ଉଚ୍ଚସ୍ତରକୁ ପ୍ଲାଟଫର୍ମ ରେଲସ୍ତର/ମଧ୍ୟମ ସ୍ତରର ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି ପାଇଁ କଳକା କାର୍ଯ୍ୟ । ଟେଣ୍ଡରର ମୂଲ୍ୟ : ଟ. ୫୭,୫୩,୯୭୨.୩୬ । ଇଏମଡି : ଟ. ୧,୧୫,୧୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ଟ. ଶୂନ୍ୟ । ଖୋଲା ତାରିଖ : ୩୧.୧୨.୨୦୨୫ । ୱେବସାଇଟ୍ http : //www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଇସ୍ୟୁ କରାଯିବ । ( କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ପତ୍ରାଙ୍କ ନଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଡିସିସି/ ପଲିସି ତାରିଖ : ୧୬.୦୭.୨୦୨୦) । (PR-916)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

CAD-2594

ପତ୍ର ସଂଖ୍ୟା ୨୧୭ **ବିଜ୍ଞାପନ** ତା : ୨୫.୧୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗୀୟା ନିରୂପମା ମିଶ୍ର<br>ସ୍ୱାମୀ- ସ୍ୱର୍ଗତ ପ୍ରଭାକର ମିଶ୍ର<br>ଗ୍ରା-ଖୁଣ୍ଟୁଣି, ପୋ-ଖୁଣ୍ଟୁଣି,<br>ଥାନା-ଖୁଣ୍ଟୁଣି<br>ଜିଲ୍ଲା-କଟକ | ଏଲ୍‌ଆଇଜି-୨-ବି-୯୮<br>(LIG-II-B-98))<br>ରାଧାଗୋବିନ୍ଦପୁର<br>ଆଠଗଡ଼, ଫେଜ-୩ | ୧. ମନୋଜ କୁମାର ମିଶ୍ର (ପୁତ୍ର)<br>୨. ସରୋଜ କୁମାର ମିଶ୍ର (ପୁତ୍ର)<br>୩. ବନୋଜ କୁମାର ମିଶ୍ର (ପୁତ୍ର)<br>୪. ଜ୍ୟୋତ୍ସ୍ନାରାଣି ମିଶ୍ର (ବି.କନ୍ୟା)<br>୫. ଜ୍ୟୋତିର୍ମୟୀ ମିଶ୍ର (ବି.କନ୍ୟା)<br>୬. ରଶ୍ମିରାଣି ମିଶ୍ର (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0944/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

CAD-2589

ପତ୍ର ସଂଖ୍ୟା ୨୧୯ **ବିଜ୍ଞାପନ** ତା : ୨୮.୧୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯାଜପୁର ରୋଡ, ଯାଜପୁର, ଉମାପଦା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ ଏଲ୍.ଆଇ.ଜି.-୨-୪୮, (LIG-II-48), କୁ ଶ୍ରୀମତୀ ଶୁଭସ୍ମିତା ନାୟକ, ପି- ଶ୍ରୀ ରବୀନ୍ଦ୍ର କୁମାର ନାୟକ, ସ୍ୱା- ଶ୍ରୀ ସୁବ୍ରତ କୁମାର ବାରିକ, ଗ୍ରା- ଗୌଡ଼ସାହି, ଗୋବିନ୍ଦପୁର, ପୋ-ସିମିଳିଆ, ଥା-ଯାଜପୁର ସଦର, ଜି-ଯାଜପୁର-୭୫୫୦୦୬ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଶୁଭସ୍ମିତା ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅବରୀଣ ଆଧାରରେ ଶ୍ରୀ ସନ୍ତୋଷ କୁମାର ଧଳ, ପି-ନାରାୟଣ ଧଳ, ଗ୍ରା-ଯଖପୁରା, ବାଳୁଙ୍ଗାବନ୍ଦୀ, ଥା-ଯାଜପୁର ରୋଡ୍, ଜି-ଯାଜପୁର-୭୫୫୦୨୬ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0754/2526

ମାନ୍ୟବର ଅତିରିକ୍ତ କମିଶନର ଶ୍ରୀ ପ୍ରବୀର କୁମାର ନାୟକ (ଓ.ଏ.ଏସ୍)
ଅତିରିକ୍ତ ସିଭିଲ୍ କୋର୍ଟ ନଂ.୩ଙ୍କ ଅଦାଲତ, ୪ର୍ଥ ମହଲା, ଭୁବନେଶ୍ୱର-୨
ଓ.ଏସ୍.ଏସ୍. କେସ୍ ନଂ. ୧୫୯୨/୨୦୨୨

ଡ. ମନମୋହନ ମହାପାତ୍ର ........ବାଦୀ

ବନାମ

ମାନ୍ୟବର ତହସିଲଦାର, ଭୁବନେଶ୍ୱର ଓଗେର ........ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୫ ଜମି ବେହେରା, ସ୍ୱାମୀ-ଦ ଜାଲ ବେହେରା

ସା : ରାଟିକିଆ, ପୋ/ଥାନା : ବଡକା, ଜିଲ୍ଲା : ଖୋର୍ଦ୍ଧା

ନୋଟିସ୍ ସି:ପି:ସି: ଅର୍ଡ଼ର-୫, ରୁଲ-୨୦ ମୁତାବକ

ଉପରୋକ୍ତ ଓ.ଏସ୍.ଏସ୍ କେଶ୍ ବାଦୀ ଡ. ମନମୋହନ ମହାପାତ୍ର ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର ସିଭିଲ୍ କୋର୍ଟ ନଂ.୩ଙ୍କ ଇଜଲାସରେ ଦାଖଲ କରିଅଛନ୍ତି । ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୫ଙ୍କର ଠିକଣା ଭୁଲ୍ ବୋଲି ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟ ଜରିଆରେ ହାଜରକ ଅଦାଲତକୁ ପାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି । ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ସେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ.୩ଙ୍କ ଇଜଲାସ କାର୍ଯ୍ୟାଳୟଠାରେ ଆସନ୍ତା ତା ୦୬.୦୧.୨୦୨୬ରିଖ ଦିବା ୦୩.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର ହୋଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ

ଜିଲ୍ଲା : ଖୋର୍ଦ୍ଧା, ତହସିଲ : ଭୁବନେଶ୍ୱର, ଥାନା : ବଡକା, ମୌଜା : ଶଙ୍କରପୁର, ସାବିକ ଖାତା ନଂ.୨୮୫, ପ୍ଲଟ ନଂ.୬୯, ଏରିଆ ଏ୦.୨୮୫ ଡି. ସୁଧାରୁ ଏ୦.୧୭୨ ଡି.ସୁଧାରୁ ଏ.୦.୮୮.୫ ଡି. ସୁଧାରୁ ଏ୦.୦୫୫ ଡିସିମିଲ. ହାଲ ଖାତା ନଂ.୧୯୨୫, ପ୍ଲଟ ନଂ.୨୧୨୦, ଏରିଆ ଏ୦.୧୬୬ ଡିସିମିଲ୍ । ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.୫ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ । ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ ।

ଅତିରିକ୍ତ କମିଶନର, ସିଭିଲ୍ କୋର୍ଟ ନଂ.୩ଙ୍କ ଆଦେଶକ୍ରମେ କୋର୍ଟ ଅଫିସର କୋର୍ଟ ନଂ.୩, ଭୁବନେଶ୍ୱର

B-99

E-mail: eeroads.khr@rediffmail.com

**OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST. NUAPADA, ODISHA.**

No- 6291 Date : 02.12.2025

**TENDER CANCELLED**

The Tender Call Notice bearing E-Procurement Notice-15, Bid Identification No.SER&BKHR-I5/2025-26 vide-letter no.6049 dated 17.11.2025 is hereby cancelled due to administrative reasons/issues.

Sd/- Superintending Engineer
Khariar (R&B) Division

OIPR : 34062/11/0048/2526

O-1626

E.Mail- rw boudh@yahoo.co.in

**Government of Odisha**

**e-Procurement Notice**

Bid Identification No. Online tender/ 09/S.E.RW BOUDH/2025-26

NATIONAL COMPETITIVE BIDDING THROUGH e-procurement

Name of the work: - Building works - 7 (Seven) Nos.

1. Estimated cost: - Rs. 5.88 to 41.83 lakh (approximately)
2. Period of completion: - 02(Two) to 9 (Nine) calendar Months
3. Date & Time of availability of Bid documents in the portal: - From 06.12.2025, 10.00AM to 17.12.2025, 5.00 PM
4. Last date / Time for receipt of bids in the portal: - 17.12.2025 up to 5.00 PM
5. Last date / Time for seeking of Tender clarification: - 16.12.2025 up to 5.00 PM
6. Date & Time of opening of Tender / Bid: - 18.12.2025 at 11.00 AM
7. Name & Address of the officer inviting Bid: - Executive Engineer, R.W Division, Boudh.

Further details, corrigendum(s) etc. can be seen from the e-procurement portal "Https:// www.tendersorissa.gov.in"

Sd/- Executive Engineer
R.W. Division, Boudh

OIPR : 25061/11/0024/2526

B-787

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR**

Phone/Fax: 0680-2233996, e-mail: sernb2.ganjam@gmail.com

INVITATION FOR BIDS (IFB) [e-Procurement]

**TENDER CALL NOTICE**

Bid Identification No. SC (R&B)-GM-II-21/2025-26 No. Dated.27.11.2025

1) The Superintending Engineer, Ganjam [R&B] Division No.ii, Berhampur on behalf of Governor of Odisha invites percentage rate bid in single cover system to be received in ONLINE MODE only for the work as detailed below:
2) Nature of Work : Electrical work
3) No. of work : 02 Nos.
4) Tender Cost : Rs.6,000/-
5) Class of Contractor : HT of registered with the ELBO Authorized HT License
6) Availability of bid documents in the website : From 05.12.2025 10.00 AM to 16.12.2025 4.00 P.M.
7) Date of opening of Bid : 17.12.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.

(Sd/- P.Panigrai)
Superintending Engineer
Ganjam (R&B) Division No.II

OIPR : 34080/11/0038/2526

O-1620

**GOVT OF ODISHA : OFFICE OF THE SUPERINTENDING ENGINEER RURAL WORKS DMSION.NAYACARH**

At/Po-Nabaghanpur, Dist-Nayagarh. Ph-O6753-252049 E-mail-navaqarhrw2006@vahoo in

No:-Tender - Online - NayagarhDivn. -07/2025-26

**e-Procurement Notice**

1. Name of the work : Building works.
2. Total No. of Projects : 23(Twenty three) Nos of projects
3. Class of contractor
   a) Estimated cost above Rs. 20.00 Lakhs & up to Rs.3.00 Crore : B Class (of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs : C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs : D Class ( of Odisha PWD) or relevant class of other licensing authorities.
4. Estimated cost put to tender : Rs.1.27 Lakhs to Rs.8.47 lakhs
5. Time for completion : 02(Two) & 03 (Three) calendar months.
6. Other details :

| Procurement Officer | Bid Identificaiton No. | Availability of Tender on-line bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No : Tender-Online-Divn. NAYAGARH-07/2025-26 | 05.12.2025 at 10.00 A.M. | 16.12.2025 upto 5.30 P.M. | 17.12.2025 at 11.00 A.M. |

Further details can be seen from the website www.endersorissa.gov.in

Sd/- Executive Engineer
Rural Works Division, Nayagarh

OIPR : 25106/11/0035/2526

M-43

**DIRECTORATE OF FISHERIES, ODISHA, CUTTACK**

Phone no: 671-2414061. Fax: 0671-2410521. e-mail: director.odifish@,gmail,.com
No. 16470 Date: 04.12.2025

**EXPRESSION OF INTEREST FOR EMPANELMENT OF BOAT BUILDERS/MANUFACTURERS FOR SUPPLY OF DIFFERENT CATEGORIES OF DEEP-SEA FISHING VESSELS & TRAWLERS IN ODISHA UNDER MKUY.**

The Directorate of Fisheries, Odisha, Cuttack, invites sealed Expressions of Interest (EOI) from reputed, well-established, and financially sound boat builders/ manufacturers having valid GST and PAN for construction and supply of Wooden/ Wooden with FRP sheathing / FRP Deep Sea Fishing Vessels and Fishing Trawlers as per designs and specifications developed by ICAR-CIFT, Kochi and adopted under Mukhyamantri Krushi Udyog Yojana (MKUY).The details of the EOI process are as follows: Boat Builder/Manufacturer fulfilling the prescribed eligibility criteria of the EOI can access and download the complete EOI Document and other details from : www.odishafisheries.nic.in

**Empanelment Duration :** Initially for three years, extendable for another **1.5 years** based on satisfactory performance and technical as well as statutory compliances.

**Critical dates of EOI are :**

| SI. | List of Key Events | Critical Dates |
|---|---|---|
| 1 | Date of issue of EOI | 05.12.2025 |
| 2 | EOI processing fee | Rs 10000/- |
| 3 | Pre-EOI meeting | 12.12.2025, by 11.00 AM |
| 4 | Publish of Proceeding of EOI | 15.12.2025 by 5.00 PM |
| 3 | Last Date for Submission of EOI | 26.12.2025, by 5:00 pm |
| 4 | EOI opening date & time | 20.12.2025 by 11:00 am |
| 6 | EOI submission and opening at (Address) | O/o Directorate of Fisheries, Odisha, Veterinary Campus, Mangalabag, Cuttack -753001 |

The EOI application in all respects must reach the undersigned by Speed Post/ Registered Post only latest by 26.12.2025 before 5.00 PM in a sealed envelope clearly mentioning on the top of it "Expression of Interest for Empanelment of boat builders/ manufacturers for supply of different categories of Deep-Sea Fishing Vessels & Trawlers.

The EOI processing fee Rs. 10000/- in shape of Banker's Cheque / DD in favour of Director of Fisheries, Odisha drawn in any scheduled commercial; bank payable at Cuttack for each category, In no case, individual cheques will be entertained and any violation of this, the bid document will be rejected.

The proposals received beyond the last date and time will be rejected. For any postal delay the authority will not be responsible, and the authority reserves the right to reject any/ all proposals without assigning any reason thereof.

Sd/- Addl. Director (Tech.)

OIPR : 06030/11/0051/2526

**ନିୟନ୍ତ୍ରୀତ ବଜାର କମିଟି, କୁଚିଣ୍ଡା**

ଏତଦ୍ୱାରା କୁଚିଣ୍ଡା ଉପଖଣ୍ଡର ସମସ୍ତ ଧାନ ଚାଷୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଚଳିତ ଖରିଫ ୨୦୨୫-୨୬ ବର୍ଷ ପାଇଁ ୯ ଟି ଗୋଟି LAMPCs ଓ ୬ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୫୭ ଗୋଟି କ୍ରୟ କେନ୍ଦ୍ରରେ ତା. ୨୮.୧୧.୨୦୨୫ ରିଖ ଠାରୁ ଧାନ କ୍ରୟ କରାଯିବ ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନ କୁ ଭଲ ଭାବରେ ସଫାକରି (FAQ) ମାନର ଉନ୍ନୀତ କରାଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ ।

**ଧାନର ମାନ ନିର୍ଦ୍ଧାରଣ - F.A.Q.**

| କ୍ର.ନଂ | ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨. | କାଠି, କୁଟା, ଭୁସି, ଅଗାଡି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩. | ଖରାପ, ବେରଙ୍ଗି, ପାନିପୋଲା, ପୋକା ଇତ୍ୟାଦି | ୫.୦% |
| ୪. | ଅପରିପକ୍ୱ କଞ୍ଚା, ସବୁଜ, ବଙ୍କା ବା ସଂକୁଚିତ ଇତ୍ୟାଦି | ୩.୦% |
| ୫. | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ ଏ ପାଇଁ ପ୍ରଯୁଜ୍ୟ) | ୬.୦% |
| ୬. | ଆଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ**

| | |
|---|---|
| ସାଧାରଣ ଶ୍ରେଣୀ (FAQ) | ଟ. ୨୩୬୦.୦୦ (ପ୍ରତି କୁଇଣ୍ଟାଲ) |
| କ ଶ୍ରେଣୀ ଧାନ | ଟ. ୨୩୮୯.୦୦ (ପ୍ରତି କୁଇଣ୍ଟାଲ) |

ନିୟନ୍ତ୍ରୀତ ବଜାରକମିଟି, କୁଚିଣ୍ଡା
ଜିଲ୍ଲା ପ୍ରଶାସନ ସମ୍ବଲପୁର



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୭୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୭୨୫୪୯୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୬୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୦୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୦୯୦୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଟଙ୍କାର ବିନିମୟ ମୂଲ୍ୟ ସର୍ବନିମ୍ନ ସ୍ତରକୁ ପହଞ୍ଚିବା

## ଭାରତୀୟ ଅର୍ଥନୀତି ପ୍ରତି ବିପଦ : କଂଗ୍ରେସ

ଭୁବନେଶ୍ୱର ,(ସବ୍ୟୁ): ଗତ ଡିସେମ୍ବର ୩ ତାରିଖ ଆମ ଦେଶର ଟଙ୍କାର ବିନିମୟ ମୂଲ୍ୟ ଡଲାର ତୁଳନାରେ ସର୍ବନିମ୍ନ ସ୍ତରକୁ ଚାଲିଗଲା । ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି ଅନେକ ତଥ୍ୟ ଉପସ୍ଥାପନ କରିଥିଲେ । ଗୋଟିଏ ଡଲାର ବିନିମୟ ମୂଲ୍ୟ ଟଙ୍କା ହିସାବରେ ୯୦ ଟଙ୍କା ୩୦ ପଇସାକୁ ପହଞ୍ଚିଲା । କେନ୍ଦ୍ର ସରକାର ଦାବି କରୁଛନ୍ତି ଭାରତବର୍ଷର ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହୋଇସାରିଛି ଏବଂ ଅଳ୍ପ କେଇବର୍ଷ ଭିତରେ ଭାରତବର୍ଷର ଅର୍ଥନୀତ ଚତୁର୍ଥ ବିଶ୍ୱ ବୃହତ ଅର୍ଥନୀତିକୁ ପହଞ୍ଚିବାକୁ ଯାଉଛି । କିନ୍ତୁ ପ୍ରକୃତ ସତ୍ୟ ହେଉଛି ଏପର୍ଯ୍ୟନ୍ତ ଭାରତ ବର୍ଷର ଅର୍ଥନୀତିର ଆକାର ନୋମିନାଲ ଜିଡିପି ହିସାବରେ ଡଲାର ୩.୭୮ ଟ୍ରିଲିୟନ ପାଖାପାଖି । ୨୦୧୪ ମସିହାରେ କଂଗ୍ରେସ ଉପା ସରକାର ସମୟରେ




ଗୋଟିଏ ଡଲାରର ଭାରତୀୟ ଟଙ୍କା ହିସାବରେ ବିନିମୟ ମୂଲ୍ୟ ୬୧ ଟଙ୍କା ଥିଲା । କିନ୍ତୁ ବିଜେପି ସରକାର ୧୧ ବର୍ଷର ଶାସନକାଳ ମଧ୍ୟରେ ଭାରତୀୟ ଟଙ୍କା ଡଲାର ତୁଳନାରେ ଟ.୨୯.୩୦ ପଇସା ତଳକୁ କମିଯାଇ ଏହା ୯୦ ଟଙ୍କା ୩୦ ପଇସାରେ ପହଞ୍ଚିଗଲାଣି ବୋଲି କ୍ଷୋଭ ପ୍ରକାଶ କରିଥିଲେ ଶ୍ରୀ ମହାନ୍ତି ।

ବିଶ୍ୱର ଶକ୍ତିଶାଳୀ ୪୦ ଟି ରାଷ୍ଟ୍ରର ମୁଦ୍ରାର ବିନିମୟ ମୂଲ୍ୟ ଡଲାର ତୁଳନାରେ ଏହି ୧୧ ବର୍ଷ ମଧ୍ୟରେ ଏତେ ପ୍ରତିଶତ କମ ହୋଇନାହିଁ । ଏହି ସବୁ ରାଷ୍ଟ୍ରର ଅର୍ଥନୀତି ବିଶ୍ୱ ଅର୍ଥନୀତି ବହୁପରିମାଣରେ ପ୍ରଭାବିତ କରିବା କ୍ଷମତା ରଖିଥିଲା ବେଳେ କାହିଁକି ଓ କେଉଁ ଭୁଲ ନିଷ୍ପତ୍ତି ଯୋଗୁଁ ଭାରତୀୟ ମୁଦ୍ରା ଅତ୍ୟନ୍ତ ଦୁର୍ବଳରୁ ଦୁର୍ବଳତର ହୋଇଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାଶ, ଦେବାଶିଷ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଆଇଟିୟୁ-ଟ୍ରାଇ ଦ୍ୱାରା କାର୍ଯ୍ୟଦକ୍ଷତା

## ସେବାର ଗୁଣବତ୍ତା ଶୀର୍ଷକ କର୍ମଶାଳା

ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ (ଟ୍ରାଇ), ଆନ୍ତର୍ଜାତୀୟ ଦୂରସଂଚାର ସଂଘ ସହଭାଗୀତାରେଗୁରୁବାର ଭୁବନେଶ୍ୱରରେ କାର୍ଯ୍ୟଦକ୍ଷତା, ସେବାର ଗୁଣବତ୍ତା ଏବଂ ଅଭିଜ୍ଞତାର ଗୁଣବତ୍ତା ଉପରେ ଆଇଟିୟୁ-ଟ୍ରାଇ କର୍ମଶାଳା ଉଦଘାଟିତ ହୋଇଯାଇଛି । ଦୁଇ ଦିନିଆ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ ଟେଲିକମ୍ ସେବା-ଗୁଣବତ୍ତା ଢାଞ୍ଚା ଉପରେ ସହଯୋଗମୂଳକ ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ଜାତୀୟ ବିନିୟାମକ କର୍ତ୍ତୃପକ୍ଷ , ସେବା ପ୍ରଦାନକାରୀ ଏବଂ ବୈଷୟିକ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଥିଲା । କର୍ମଶାଳାଟି ଏକ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଆରମ୍ଭ ହୋଇଥିଲା, ତା'ପରେ ଟ୍ରାଇ ସଚିବ ଅତୁଲ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଟ୍ରାଇ ଅଧ୍ୟକ୍ଷ ଅନିଲ କୁମାର ଲାହୋଟି ଉ"ାଟନୀ ଭାଷଣ ଦେଇଥିଲେ । ଯେଉଁଥିରେ ଆଇଟିୟୁ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ନିଜର ସ୍ୱାଗତଯୋଗ୍ୟ ମନ୍ତବ୍ୟରେ ଟ୍ରାଇ ସଚିବ ଶ୍ରୀ ଚୌଧୁରୀ ପାରଦର୍ଶକ ଏବଂ ଉପଭୋକ୍ତା-କୈନ୍ଦ୍ରିକ ନିୟମାବଳୀ ପ୍ରତି ଟ୍ରାଇର ପ୍ରତିବଦ୍ଧତାକୁ ପୁନରାବୃତ୍ତି କରିଥିଲେ । ସେବା-ଗୁଣବତ୍ତା ଢାଞ୍ଚାକୁ ସୁଦୃଢ଼ କରିବାରେ ବିଶ୍ୱସ୍ତରୀୟ ସହଯୋଗର




ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ସଂଯୋଗ ମ୍ୟାପିଂ, ଉପଗ୍ରହ-ଆଧାରିତ ଗୁଣବତ୍ତା ମୂଲ୍ୟାଙ୍କନ ଏବଂ ଆଞ୍ଚଳିକ ନିୟମକ ପଦ୍ଧତି ଉପରେ ଆଲୋଚନା ସାମୂହିକ ବୁଝାମଣାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ।ଉଦ୍‌ଘାଟନୀ ଅବସରରେ ଦୂରସଞ୍ଚାର ବିଭାଗର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ପେମ୍ମାସାନି ଚନ୍ଦ୍ର ଶେଖରଙ୍କ ଏକ ଭିଡିଓ ବାର୍ତ୍ତା ପ୍ରସାରିତ କରାଯାଇଥିଲା । ଏହି ଅଧିବେଶନରେ ଆଇଟିୟୁ ଦୂରସଂଚାର ମାନକୀକରଣ ବ୍ୟୁରୋର ନିର୍ଦ୍ଦେଶକ ସେଜୋ ଓନୋଙ୍କଠାରୁ ଏକ ଭିଡିଓ ବାର୍ତ୍ତା ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯିଏ ସମାନ ଡିଜିଟାଲ୍ ରୂପାନ୍ତରକୁ ସକ୍ଷମ କରିବାରେ ସମନ୍ୱିତ କ୍ୟୁଏସସ୍ ମାନକର ବୈଶ୍ୱିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ବିଭିନ୍ନ ଜାତୀୟ ପରିସ୍ଥିତି ଅନୁସାରେ କ୍ୟୁଏସସ୍ ଏବଂ କ୍ୟୁଓଇ ଫ୍ରେମୱାର୍କ ପ୍ରସ୍ତୁତ କରିବାରେ ସଦସ୍ୟ ରାଷ୍ଟ୍ରମାନଙ୍କୁ ସମର୍ଥନ କରିବା ପାଇଁ ଆଇଟିୟୁର ପ୍ରତିବଦ୍ଧତାକୁ ପୁନରାବୃତ୍ତି କରିଥିଲେ ।ସମ୍ବୋଧିତ କରି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ମନୋଜ ଆହୁଜା, ସାଧାରଣ ସୁରକ୍ଷା ଏବଂ ବିପର୍ଯ୍ୟୟ-ପ୍ରତିକ୍ରିୟା ବ୍ୟବସ୍ଥାରେ ଟେଲିକମ୍ ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଘୂର୍ଣ୍ଣିବାତ୍ୟା ଏବଂ ସୁନାମି ସତର୍କତା ସହିତ ଓଡ଼ିଶାର ଅଭିଜ୍ଞତାରୁ, ସେ ଅନ୍ତର୍ଭୁକ୍ତ ଅଭିବୃଦ୍ଧି, ଆର୍ଥିକ ବିକାଶ ଏବଂ ଦକ୍ଷ ସାଧାରଣ-ସେବା ପ୍ରଦାନକୁ ସକ୍ଷମ କରିବାରେ ଟେଲିକମ୍ ସେବାର କେନ୍ଦ୍ରୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଜି ପ୍ରାୟ ପ୍ରତ୍ୟେକ କଲ୍ୟାଣକାରୀ ବ୍ୟବସ୍ଥା ସଂଯୋଗୀକରଣ ଉପରେ ନିର୍ଭର କରେ ବୋଲି ଉଲ୍ଲେଖ କରି, ସେ ଗୁରୁତ୍ୱାରୋପ କରିଥିଲେ ଯେ ସମୟୋଚିତ ଚେତାବନୀ ଏବଂ ସ୍ଥିର ସେବା ପ୍ରଦାନ ପାଇଁ ଦୃଢ଼ ଖଞ୍ଜଗ ଏବଂ ଖଞ୍ଜଉ ବ୍ୟବସ୍ଥା ଅପରିହାର୍ଯ୍ୟ । ବର୍ତ୍ତମାନ ଟେଲିକମ୍ ସର୍ବସମାବେଶୀ ଅଭିବୃଦ୍ଧି, ଅର୍ଥନୈତିକ ବିକାଶ ଏବଂ ପ୍ରତ୍ୟେକ ପ୍ରମୁଖ କଲ୍ୟାଣ କାର୍ଯ୍ୟକ୍ରମର ପ୍ରସାରଣକୁ ଆଧାର କରିଛି । ଟ୍ରାଇର ଅଧ୍ୟକ୍ଷ ଅନୀଲ କୁମାର ଲାହୋଟି ଭାରତର ଡିଜିଟାଲ୍ ଅନ୍ତର୍ଭୁକ୍ତ ଟେଲିକମ୍ ଇକୋସିଷ୍ଟମ୍ ନିର୍ମାଣରେ ପ୍ରଗତି ଏବଂ ଦୈନନ୍ଦିନ ଜୀବନରେ ସଂଯୋଗର ରୂପାନ୍ତରକାରୀ ଭୂମିକା ଉପରେ ଆଲୋକପାତ କରିଥିଲେ ।

# ୱିଫର ଭୁବନେଶ୍ୱର ପକ୍ଷରୁ ମାଣବସା ଅବସରରେ ମୁରୁଜ ଓ ଝୋଟି ଅଙ୍କନ ପ୍ରତିଯୋଗିତା

ଭୁବନଶ୍ୱର, (ସବ୍ୟୁ) : ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଖଣ୍ଡଗିରି ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୱିଫର ଭୁବନେଶ୍ୱର ପକ୍ଷରୁ ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ମାର୍ଗଶିର ମାସ ମାଣବସା ଗୁରୁବାର ଅବସରରେ ମୁରୁଜ ଓ ଝୋଟି ଅଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ



ପାଖାପାଖି ଅଞ୍ଚଳର ୧୦୦ ପ୍ରତିଯୋଗୀ ଭାଗ ନେବା ସହ ଅନେକ ଚମତ୍କାର ମୁରୁଜ ଏବଂ ଝୋଟି ଅଙ୍କନ କରିଥିଲେ। ଏହା ସହ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିବା ସହ ପ୍ରତିଯୋଗୀମାନଙ୍କୁ ପୁରସ୍କାର ମାଧ୍ୟମରେ ସମ୍ମାନିତ କରାଗଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, ସିଦ୍ଧେଶ୍ୱର ଯୁବକ ସଂଘ ସଂପାଦକ ରୋସନ ମହାନ୍ତିଙ୍କ ନେତୃତ୍ୱରେ ମହିଳା ମହାସଂଘ ସଦସ୍ୟ ସାକିନା ପାତ୍ର, ମଞ୍ଜୁଲତା ସ୍ୱାଇଁ ଓ ସଭାପତି ଆରତୀ ଜେନା, ନୀଳ ମାଧବ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ୱିଫର ଭୁବନେଶ୍ୱର ଆବାହକ ତଥା କର୍ପୋରେଟର ଅମରେଶ ଜେନା, ସମ୍ପାଦକ ନରେନ ସାହୁ, ସହ ସମ୍ପାଦକ ଉମାନାଥ ସାହୁ, ଗୁରୁ ଚରଣ ସାହୁ, ବିଜୟ ପରିଡା, ବିଜୟ ପଣ୍ଡା, ସୁଶାନ୍ତ ସାହୁ, ଦେବାଶିଷ ବଳବନ୍ତରାୟ,ଶିବ ସୁଆର, ପ୍ରମୁଖ ଗ୍ରାମବାସୀ ସହ ଅନେକ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସିନିଅର ଡିପିଓ ହେଲେ ପ୍ରମୋଦ ବେହେରା

## ସ୍ୱାଗତ ଜଣାଇଲା ଶ୍ରମିକ କଂଗ୍ରେସ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ସିନିଅର ଡିପିଓ ଇନଚାର୍ଜ ଭାବେ ପ୍ରମୋଦ ବେହେରା ଗୁରୁବାର ଠାରୁ ଦାୟିତ୍ୱ ନେଇଛନ୍ତି । ବରିଷ୍ଠ କାର୍ମିକ ଅଧିକାରୀ ଆରଏନଏ ପରିଡାଙ୍କ ମୁଖ୍ୟ ଭିଜିଲାନ୍ସ ଅଫିସର ଭାବେ ପାରାଦ୍ୱୀପ ପୋର୍ଟକୁ ବଦଳି ପରେ ବର୍ତମାନ ଅବସ୍ଥିତ କାର୍ମିକ ଅଧିକାରୀ ପ୍ରମୋଦ ବେହେରାଙ୍କୁ ବରିଷ୍ଠ କାର୍ମିକ ଅଧିକାରୀ ଇନଚାର୍ଜ ଭାବେ ଦାୟିତ୍ୱ ଦିଆଯାଇଛି । ଶ୍ରୀ ବେହେରା ଜଣେ ଦକ୍ଷ ଏବଂ ସଚ୍ଚୋଟ ଅଫିସର ଭାବେ ବେଶ ଜଣାଶୁଣା । "ନ୍ୟାୟ ବିଳମ୍ବ ଅର୍ଥ ନ୍ୟାୟ ପ୍ରତ୍ୟାଖ୍ୟାନ ଉକ୍ତିରେ ବିଶ୍ୱାସ ରଖୁଥିବା ଏହି ଲୋକପ୍ରିୟ ଅଫିସରଙ୍କୁ ଦାୟିତ୍ୱ ମିଳିବା ପରେ ଶ୍ରମିକ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ , ପୂର୍ବତନ ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ,ସହ ସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମ ଗୋପାଳ କ୍ରିଷ୍ଣା ରାଓ , ସୁବ୍ରତ ପଣ୍ଡା ,



ଅମିତ କୁମାର , ଏ ଶ୍ରୀନିବାସ , ନାରୀ ନେତ୍ରୀ ରୁନି ବେହେରା , ଅର୍ପିତା ମହାନ୍ତି , ଶାଖା ସମ୍ପାଦକ ଏଲ ଡି ମହାନ୍ତି , ତାଳଚେର ଶାଖା ସମ୍ପାଦକ ରାମା ରାଓ ପ୍ରମୁଖ ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଜଣାଇଛନ୍ତି ।

# ପିଏମ୍ ସୂର୍ଯ୍ୟ ଘର ୟୁଏଲ୍ଏ ମଡେଲ୍‌ର ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ) : ଟାଟା ପାଓ୍ୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡିଶାଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ପକ୍ଷରୁ ଏହାର ବ୍ୟବସାୟିକ ସହଯୋଗୀ (ବିଜନେସ୍ ଆସୋସିଏଟ୍ସ) ମାନଙ୍କ ପାଇଁ ଏକସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲାୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ଏ) ମଡେଲ୍ ଅଧୀନରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ବିଷୟରେ ବ୍ୟବସାୟିକ ସହଯୋଗୀମାନଙ୍କୁ ଅବଗତ କରାଇବା ଏବଂ ସ୍ରୋଲ ଓଡ଼ିଶାରେ ରୁଫ୍‌ଟପ୍ ସୋଲାର୍ ପ୍ରକଳ୍ପକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ।ଏହି କାର୍ଯ୍ୟକ୍ରମରେ ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅରଭିନ୍ଦ ସିଂହ ଯୋଗଦେଇ ବ୍ୟବସାୟିକ ସହଯୋଗୀମାନଙ୍କୁ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗୀମାନଙ୍କ ବିଭିନ୍ନ ପ୍ରଶ୍ନର ଉର ଦେବା ସହ ଲୋକମାନଙ୍କୁ କିପରି ସଚେତନ କରାଯାଇପାରିବ ସେ ନେଇ ମାର୍ଗଦର୍ଶନ କରିଥିଲେ ।ଟିପିସିଓଡିଏଲ୍ ସେବା ଯୋଗାଣ ଅଞ୍ଚଳ ଅଧୀନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତରେ ଏହି ଯୋଜନାର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ବ୍ୟବସାୟିକ ସହଯୋଗୀ ମାନଙ୍କୁ ଆହ୍ୱାନ ଦିଆଯାଇଥିଲା ।

# ସୈନିକ ସ୍କୁଲ ବଞ୍ଚାଅ - ଅଳିଆ ଗଦା ହଟାଅ ଅଭିଯାନର ସଚେତନତା ପଦଯାତ୍ରା

ଭୁବନେଶ୍ୱର, (ସବ୍ୟୁ) : ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆଗଦା ହଟାଅ ଅଭିଯାନ ତରଫରୁ ମଙ୍ଗଳବାର ସକାଳ ୮ ଘଟିକା ସମୟରେ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ଉପଲକ୍ଷେ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା । ଅଭିଯାନର କର୍ମକର୍ତ୍ତାଙ୍କ ସହିତ ଗାଡ଼କଣ ଅଳିଆଗଦା ଯୋଗୁଁ ପ୍ରଭାବିତ ଅଂଚଳର ଜନସାଧାରଣଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ ସଚେତନତା ଯାତ୍ରା ସୈନିକସ୍କୁଲ ଅଳିଆଗଦା ଠାରୁ ବାହାରି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ। ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇ ପଦଯାତ୍ରା ସମାପ୍ତ ହୋଇଥିଲା । ବିଏମସି ପ୍ରତିଦିନ ଶହ ଶହ ଟ୍ରକ ଅଳିଆ ଗାଡ଼ି ଗାଡ଼କଣ ଡମ୍ପିଙ୍ଗ ୟାର୍ଡ଼ରେ ଦୀର୍ଘ ୨୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଳିଆ ଗଦାଇ ଦୁର୍ଗନ୍ଧରେ ଅଂଚଳକୁ ବିଷାକ୍ତମୟ କରିସାରିଲାଣି । ଏହାକୁ ଅସ୍ଥାୟୀ ଅଳିଆ ଗଦା କହି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଠିକ ଅନୁମୋଦନ ବିନା ଅଳିଆ ପ୍ରକ୍ରିୟାକରଣ ୟୁନିଟ୍ ବସାଇ



ଲୋକଙ୍କ ଜୀବନ ଦୁର୍ବିସହ କରି ସାରିଲାଣି । ସ୍ଥାନୀୟ ଜନସାଧାରଣ ପଦଯାତ୍ରାରେ ସାମିଲ ହୋଇ ସରକାରଙ୍କୁ ତାଙ୍କର କର୍ତ୍ତବ୍ୟ, ଦାୟିତ୍ୱ ଓ ପ୍ରତିଶୃତିକୁ ମନେ ପକାଇ ଦେଇଥିଲେ । ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ଓ ଜନ ପ୍ରତିନିଧି ସମସ୍ତେ ଏହି ଅଳିଆ ଗଦା ହଟାଇବା ପାଇଁ ପୂର୍ବରୁ ପ୍ରତିଶୃତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟା ସମାଧାନ ହୋଇ ପାରି ନାହିଁ । ତେଣୁ ପ୍ରଦୂଷଣ ନିରାକରଣ ଦିବସ ଅବସରରେ ଏହି ସଚେତନତା ପଦଯାତ୍ରା ମହାନଗର ନିଗମ ଓ ସରକାର ସଚେତନ ହେବେ ବୋଲି ଆଶା କରାଯାଉଛି । କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ, ଅଳିଆ ଗଦା ହଟାଓ ଅଭିଯାନର ଉପଦେଷ୍ଟା ଭିକ୍ଷାକାରୀ ତ୍ରିପାଠୀ, ଆବାହକ ଦିଲ୍ଲୀପ ଦାଶଶର୍ମା, ସଂଯୋଜକ ପ୍ରସନ୍ନ ବିଷୋୟୀ, ଜାତୀୟ ମାନବାଧିକାର କମିଶନ କୋର ମେମ୍ବର ମନୋଜ ଜେନା, ଅଶୋକ ପାଇକରାୟ,ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ଯୁଗ୍ମ -ସମ୍ପାଦକ ଚିନ୍ତାମଣି ବାରିକ୍, କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଲଲାଟ କିଶୋର ଜେନା, ଶଶିଭୂଷଣ ଦାସ, ଧରଣୀଧର ରାଉତ, ଗ୍ରେଟର ଗାଡକଣ ସିଟିଜେନ୍ ଫୋରମ୍ ପକ୍ଷରୁ ସଭାପତି ଡ଼ ସୁରେନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଜଗବନ୍ଧୁ ପାଣି,ରମେଶ ଚନ୍ଦ୍ର ସାହୁ ଓ କର୍ମକର୍ତ୍ତାଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ ।

# ଡାବର ରେଡ୍ ପେଷ୍ଟକୁ ଆଇଡିଏର ସ୍ୱୀକୃତି

ଭୁବନେଶ୍ୱର(ସବ୍ୟୁ): ଡାବର ରେଡ ପେଷ୍ଟ ମାଢି ସ୍ୱାସ୍ଥ୍ୟକୁ ପ୍ରାକୃତିକ ଭାବରେ ସମର୍ଥନ କରିବା ପାଇଁ ଏହି ଶକ୍ତିଶାଳୀ ଔଷଧୀୟ ଉଦ୍ଭିଦକୁ ସାମିଲ କରିଛି । ଡାବର ରେଡ ପେଷ୍ଟକୁ ଇଣ୍ଡିଆନ ଡେଣ୍ଟାଲ ଆ ସୋ ସି ଏ ସ ନ୍ (ଆଇଡିଏ)ର ସିଲ୍ ଅଫ୍ ଆକସେପଟାନ୍ସ ଏହାର ସମ୍ପୂର୍ଣ୍ଣ ମାଢି ଯନିର କ୍ଷମତାକୁ ଗୁରୁତ୍ୱ ଦେଇଥାଏ । ପବ୍ଲିକ ହେଲଥ ଡେଂଟିଷ୍ଟ୍ରିର ପ୍ରଫେସର ଡାକ୍ତର ସୋନିଆ ଦତାଙ୍କ ମତରେ ମାଢି ରୋଗ ଏକ ସାଧାରଣ । କିନ୍ତୁ ପ୍ରାୟତଃ ଲକ୍ଷଣବିହୀନ ଅବସ୍ଥା ଯାହା ଦାନ୍ତ ହରାଇବା ଏବଂ ମଧୁମେହ, ହୃଦରୋଗ ଏବଂ



ଗର୍ଭଧାରଣରେ ଜଟିଳତା ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ପ୍ରତିଷେଧକ ଏବଂ ଚିକିତ୍ସା ପାଇଁ ପଦକ୍ଷେପ ନେବା ଲାଗି ମାଢି ରୋଗ ସହିତ ଜଡିତ କାରଣ ଏବଂ ବିପଦଗୁଡ଼ିକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ । ପ୍ରାରମ୍ଭିକ ଚିହ୍ନଟ ଏବଂ ହସ୍ତକ୍ଷେପ ଦୀର୍ଘକାଳୀନ ଜଟିଳତାର ଆଶଙ୍କା ହ୍ରାସ କରିଥାଏ । ସୁସ୍ଥ ମାଢି ହେଉଛି ଶକ୍ତ ଦାନ୍ତର ଭିତିଭୂମି । ଲବଙ୍ଗ ଏବଂ ନିମ ଭଳି ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ ଡାବର ରେଡ ପେଷ୍ଟ ଜୀବାଣୁ ପ୍ରତିରୋଧ କରି ଏବଂ ମୁଖ ସ୍ୱଚ୍ଛତାକୁ ସମର୍ଥନ କରି ମାଢି ସୁସ୍ଥ ରଖିବାରେ ସାହାଯ୍ୟ କରେ ।

# ଜିନ୍ଦଲ ଗ୍ଲୋବାଲ୍ ସ୍କୁଲରେ ବିଶ୍ୱର ସର୍ବବୃହତ ମୁଟ୍ କୋର୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ବିଶ୍ୱର ସର୍ବବୃହତ ମୁଟ୍ କୋର୍ଟ, ନ୍ୟାୟାଭ୍ୟାସ ମଣ୍ଡପମ୍ - ଗ୍ରାଣ୍ଡ ମୁଟ୍ କୋର୍ଟର ଉଦଘାଟନ ଓ.ପି. ଜିନ୍ଦଲ ଗ୍ଲୋବାଲ୍‌ୟୁନିଭରସିଟିରେ ନ୍ୟାୟପାଳିକାର ସ୍ୱାଧୀନତା ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ: ଅଧିକାର, ପ୍ରତିଷ୍ଠାନ ଏବଂ ନାଗରିକଙ୍କ ଉପରେ ତୁଳନାତ୍ମକ ଦୃଷ୍ଟିକୋଣର ମଧ୍ୟ ଉଦଘାଟନ କରିଥିଲେ ।





କରିଛନ୍ତି ଏବଂ ଏହାକୁ ରାଷ୍ଟ୍ର ନିମନ୍ତେ ଉତ୍ସର୍ଗ କରାଯାଇଛି । ଏହିକାର୍ଯ୍ୟକ୍ରମରେ ଭାରତ ଏବଂ ବିଶ୍ୱର ୨୦୦ ରୁ ଅଧିକ ଅନ୍ତର୍ଜାତୀୟ ବିଚାରପତି ଏବଂଆଇନବିତଙ୍କ ଉପସ୍ଥିତିରେ ଇମାନଦାର୍ (ଇଂଟରନେସନାଲ୍ ମୁଟିଂ ଏକାଡେମୀ ଫର୍ ଆଡଭୋକେସି, ନେଗୋସିଏସନ୍, ଡିସ୍ପୁଟ୍ ଆଡଜ୍ୟୁଡିକେସନ୍,ଆର୍ବିଟ୍ରେସନ୍ ଆଣ୍ଡ ରିଜୋଲ୍ୟୁସନ୍)ର ମଧ୍ୟ ଉଦଘାଟନ କରାଯାଇଥିଲା । ଭାରତର ମୁଖ୍ୟ ବିଚାରପତି ଏହି ବିଶେଷ ଅବସରକୁ ପାଳନ କରିବା ପାଇଁ ଏକ ସ୍ମାରକୀ ଫଳକ ଉନ୍ମୋଚନ କରାଯାଇଥିଲା । ଏହି ସମ୍ମିଳନୀର ଦୁଇ ଦିନ ଧରି, ଭାରତର ପ୍ରଧାନ ବିଚାରପତି (ଦୁଇଟି ପୃଥକ ୧୩ ଜଣ ବିଚାରପତିଙ୍କ ଖଣ୍ଡପୀଠରେ ବସିଥିବା), ଭାରତର ୧୦ ଜଣ ପୂର୍ବତନ ମୁଖ୍ୟ ବିଚାରପତି, ୧୦ ଜଣ ମୁଖ୍ୟ ବିଚାରପତି, ହାଇକୋର୍ଟର ୧୦ ଜଣ ମୁଖ୍ୟ ବିଚାରପତି, ବିଚାରପତି ଏବଂ ପୂର୍ବତନବିଚାରପତି, ୧୪ ଜଣ ଆନ୍ତର୍ଜାତୀୟ ବିଚାରପତି ଏବଂ ଆଇନବିତ୍, ୫ ଜଣ ମନ୍ତ୍ରୀ ଏବଂ ସାଂସଦ, ୬୧ ଜଣ ବରିଷ୍ଠ ଓକିଲ ଏବଂ ୯୧ ଜଣ ଶିକ୍ଷାବିତ୍ ଆଇନଜୀବୀଙ୍କ ସମେତ ୨୬ ଜଣ କାର୍ଯ୍ୟରତ ବିଚାରପତି ଏବଂ ପୂର୍ବତନ ବିଚାରପତି ବିଭିନ୍ନ ବିଷୟବସ୍ତୁ ଅଧିବେଶନରେ ଅଂଶଗ୍ରହଣ କରିଥିଲେ ଏବଂ ବକ୍ତବ୍ୟ ରଖିଥିଲେ । ନ୍ୟାୟପାଳିକାର ସ୍ୱାଧୀନତା ଉପରେ ଦୁଇ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଏହି ଧାରଣା କିପରି ଭାରତୀୟ ଗଣତନ୍ତ୍ରର ମୂଳଦୁଆ ଗଠନ କରେ ତାହା ଅନୁସନ୍ଧାନ କରିଥିଲା । ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ ଏହି ସମ୍ମିଳନୀ ଏବଂ ବିଶ୍ୱର ସର୍ବବୃହତ ମୁଟ୍ କୋର୍ଟର ଉଦଘାଟନ କରି କହିଛନ୍ତି, ଓ.ପି. ଜିନ୍ଦଲ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ ଏବଂ ଜିନ୍ଦଲ ଗ୍ଲୋବାଲ୍ ସ୍କୁଲରେ ଅବସ୍ଥିତ ବିଶ୍ୱର ସର୍ବବୃହତ ମୁଟ୍ କୋର୍ଟର ଉଦଘାଟନକୁ ମୁଁ ପ୍ରଶଂସା କରୁଛି । ସାଧୁତା ହେଉଛି ସେହି ଆଦର୍ଶ ଯାହା ଉପରେ ଆଇନର ଅଭ୍ୟାସ ଏବଂ ପ୍ରକୃତରେ ନ୍ୟାୟର ଅନୁସନ୍ଧାନ ଆଧାରିତ । ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ଆମକୁ ମନେ ପକାଇ ଦେଉଛି ଯେ, ଏକ ଡକ୍ୟୁମେଂଟର ମୌଳିକ ଗଠନ ଅତୀତର ଅବଶେଷ ନୁହେଁ ବରଂ ଆମର ଭବିଷ୍ୟତକୁ ଚାର୍ଟ କରିବା ପାଇଁ ଏକ ମାନଚିତ୍ର । ଓ.ପି. ଜିନ୍ଦଲ ଗ୍ଲୋବାଲ୍‌ୟୁନିଭରସିଟିର ପ୍ରତିଷ୍ଠାତା କୁଳପତି ଏବଂ ସଂସଦ ସଦସ୍ୟ ନବୀନ ଜିନ୍ଦଲ ଭାରତର ବିଶିଷ୍ଟ ମୁଖ୍ୟ ବିଚାରପତି, ଆଇନ ରାଷ୍ଟ୍ରମନ୍ତ୍ରୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ ।

# ପରିବେଶ ବିରୋଧୀ ସଂକଳ୍ପ ପତ୍ର ପ୍ରତ୍ୟାହାର କରିବାକୁ ଦାବି

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ସରକାର ସଂକଳ୍ପ ପତ୍ର ଆଗତ କରିବା ପୂର୍ବରୁ ଜନମତ ଗ୍ରହଣ ନକରି ବିଧାନସଭା ଗୃହରେ ପାରିତ କରାଇଦେବା ଜନମତ ତଥା ଗଣତନ୍ତ୍ର ପ୍ରତି ଅବମାନନା ବୋଲି ଜନ ଆନ୍ଦୋଳନ ମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ (ଏନ୍.ଏ.ପି.ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି । ଏହା ସଂକଳ୍ପ ପତ୍ର ନୁହେଁ ,ବରଂ ପ୍ରଦୂଷଣକାରୀ କମ୍ପାନୀମାନଙ୍କ ପାଇଁ ସରକାରଙ୍କ ପ୍ରେମପତ୍ର ବୋଲି ଭୁବନେଶ୍ୱର ଲୋହିଆ ଏକାଡ଼େମୀ ଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ପରିନେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି କହିଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ଆଇନ ହୋଇଛି ଯେକୌଣସି କମ୍ପାନୀ ଜଳ ହେଉ, ବାୟୁ ହେଉ କିମ୍ବା ମାଟି ହେଉ ତାକୁ ପ୍ରଦୂଷିତ କରିପାରିବ ନାହିଁ । ସେଥିପାଇଁ ପରିବେଶ ମଞ୍ଜୁରୀ ବେଳେ ସର୍ତ୍ତ ଧାର୍ଯ୍ୟ ହୁଏ, ଏସବୁ ଉଲଂଘନ କଲେ ଦଣ୍ଡିତ ହେବାକୁ ବାଧ୍ୟ । ଦଣ୍ଡ କେବଳ ଆର୍ଥିକ ଦଣ୍ଡ ନୁହଁ, ଯେଉଁଠି ବିଷାକ୍ତ ପ୍ରଦୂଷିତ ମଣିଷ ଓ ଗୃହପାଳିତ ପଶୁମାନଙ୍କ ସ୍ୱାସ୍ଥ୍ୟ ତଥା ଜୀବନ ପ୍ରତି କ୍ଷତି କରେ ତାହା ନିଶ୍ଚିତ ଭାବେ ଦଣ୍ଡନୀୟ ଅପରାଧ ଯାହାକୁ ଜେଲ କିମ୍ବା ଆର୍ଥିକ ଦଣ୍ଡ ଅଦାଲତ ଦ୍ୱାରା ଦିଆଯାଏ । ଏଥିପାଇଁ ଆଇନ ରହିଛି ଯଦିଚ ଯଥେଷ୍ଟ ନୁହଁ ଏବଂ ଏପରି ବ୍ୟବସ୍ଥା ଥିବା ସତ୍ତ୍ୱେ ସରକାର ତଥା ପ୍ରଶାସନର କମ୍ପାନୀ ପ୍ରୀତି ପାଇଁ ମାମଲା ରୁଜୁ ହୁଏ ନାହିଁ । ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ ଆଇନରେ ସଂଶୋଧନ ଅଣାଯାଇ କିପରି ଉଲଂଘନକାରୀଙ୍କୁ ଅଧିକ ଜେଲଦଣ୍ଡ ଦିଆଯାଇପାରିବ ତାହା ନକରି ଜେଲ ଦଣ୍ଡକୁ ଉଠାଇଦେଇ କେବଳ ସୀମିତ ଅର୍ଥଦଣ୍ଡ ଦେଇ ପ୍ରଦୂଷଣକାରୀଙ୍କୁ ନିର୍ଭୟ ବରଦାନ ସ୍ୱରୂପ । ଏହି ସଂକଳ୍ପ ପତ୍ର ଚଳିତ ବିଧାନସଭାରେ ପାରିତ କରାଯାଇଛି, ଯାହା ଦ୍ୱାରା ରାଜ୍ୟର ନଦୀ, ନାଳ, ହ୍ରଦ ସମେତ ବାୟୁମଣ୍ଡଳ ପ୍ରଦୂଷଣର ଗନ୍ତାଘର ପାଲଟି ଯିବ ଓ ମଣିଷ ଜୀବନକୁ ହନ୍ତସନ୍ତ କରିବ । କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଦୂଷଣର ଶିକାର ହୋଇ ଶତାଧିକ ବ୍ୟକ୍ତିଙ୍କ ପ୍ରାଣହାନୀ ହେଲାଣି । ଏବେ ବି କିଡ଼ନୀ ରୋଗୀଙ୍କ



ସଂଖ୍ୟା ବଢ଼ିବାରେ ଲାଗିଛି । ଅନୁଗୁଳ, ତାଳଚେର ଓ ଝାରସୁଗୁଡ଼ା ସହର ସମେତ ଆଖପାଖ ଗ୍ରାମରେ ସାଧାରଣ ଜନତାଙ୍କ ଜଳ ଓ ବାୟୁ ବିଷାକ୍ତ ହୋଇଛି । ଭେଡ଼େନ୍, ବ୍ରାହ୍ମଣୀ, ମହାନଦୀ, ଦୟା, ଚିଲିକା ଆଦି ବିଷାକ୍ତ ପ୍ରଦୂଷଣର ଶିକାର ହେଲେଣି । ଏବେ ବିଭାଗୀୟ ମନ୍ତ୍ରୀ ସଫେଇ ଦେଇ କହିଛନ୍ତି ଯେ, ଯେତେ ପ୍ରଦୂଷଣକୁ କ୍ଷମା କରାଯିବ ସେତେ ଶିଳ୍ପପତିମାନେ ଓଡ଼ିଶାକୁ ଆସିବେ ଅର୍ଥାତ ଶିଳ୍ପପତି ମାନଙ୍କୁ ମୃତ୍ୟୁ ଯନ୍ତ୍ରଣାର ସୌଦାଗର ରୂପେ ସରକାର ସ୍ୱାଗତ କରୁଛନ୍ତି । ଏପରି ବିଚାର ଓ ନିଷ୍ପତ୍ତି ଜନତାଙ୍କୁ ମୌଳିକ ଅଧିକାର ସ୍ୱଚ୍ଛ ଜଳ, ସ୍ୱଚ୍ଛ ବାୟୁ ଓ ସୁସ୍ଥ ପରିବେଶ ଅଧିକାରରୁ ବଞ୍ଚିତ କରାଯିବା ଏକ ସାଂଘାତିକ ଅପରାଧ । ଏହି ସଂକଳ୍ପ ପତ୍ର ଜରିଆରେ ରାଜ୍ୟର ଅଧିକାରକୁ ସଙ୍କୁଚିତ କରାଯାଇ କେନ୍ଦ୍ର ହାତରେ କ୍ଷମତା କେନ୍ଦ୍ରୀକରଣ କରାଯାଉଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ସ୍ୱାୟତତାକୁ ଶେଷ କରି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଅଧସ୍ତନ ବିଭାଗ ରୂପେ ପରିଣତ କରାଯାଉଛି । ଆଜିର ଦିନରେ ରାଜ୍ୟର ଜଳ ବ୍ୟବହାର କରି କମ୍ପାନୀମାନେ ପ୍ରାୟ ୬ ହଜାର କୋଟି ଟଙ୍କା ଦେୟ ଦେଇନଥିବା ବେଳେ ମାତ୍ର କେତୋଟି ଟଙ୍କା ଜୋରିମାନା ଆଦାୟ ହେବ କିପରି ବୋଲି ପ୍ରଶ୍ନ କରିଛନ୍ତି । ଏହି ସଂକଳ୍ପ ପତ୍ର ଦ୍ୱାରା ପରିବେଶ - ଆଇନର ଖିଲାପ ବିରୋଧରେ ତଥା ପ୍ରଦୂଷଣ ଜନିତ କ୍ଷୟକ୍ଷତି ବିରୋଧରେ ନ୍ୟାସନାଲ ଗ୍ରୀନ୍ ଟ୍ରିବୁନାଲ ଓ ଉଚ୍ଚ ନ୍ୟାୟାଳୟରେ ଜନସାଧାରଣଙ୍କ ହିତରେ ତଥା ଜନହିତ ମାମଲା ରୁଜୁ କରିବା ଅଧିକାରକୁ ଛଡ଼ାଇ ନିଆଯାଇଛି ବୋଲି ବିଶିଷ୍ଟ ପରିବେଶବିତ ଶ୍ରୀ ସାମନ୍ତରା ଓ ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।


ନୂଆଦିଲ୍ଲୀର ପାଲାମ ବିମାନବନ୍ଦରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କୁ ଭବ୍ୟସ୍ୱାଗତ ଜଣାଇ ପାଛୋଟି ନେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ରୁଷ ସହ ସବ୍‌ମେରିନ ଡିଲ ଚୂଡ଼ାନ୍ତ କଲା ଭାରତ

**ନୂଆଦିଲ୍ଲୀ:** ଭାରତ ଓ ରୁଷ ମଧ୍ୟରେ ଆଣବିକ ବୁଡ଼ା ଜାହାଜ ପାଇଁ ଚାଲିଥିବା ଡିଲ ଚୂଡ଼ାନ୍ତ ହୋଇଛି । ଡିଲ ଅନୁସାରେ ରୁଷ ଠାରୁ ଭାରତ ଗୋଟିଏ ଆଣବିକ ଯୁଦ୍ଧାସ୍ତ୍ର ସମ୍ପନ୍ନ ବୁଡ଼ା ଜାହାଜ ଆଣିବ । ଏଥିପାଇଁ ଭାରତ ୨ ବିଲିୟନ ଡଲାର ରୁଷକୁ ଦେବ । ଡିଲ ଚୂଡ଼ାନ୍ତ ହୋଇଥିବାରୁ ଖବୁଶୀଘ୍ର ରୁଷ ପକ୍ଷରୁ ଭାରତକୁ ବୁଡ଼ା ଜାହାଜ ହସ୍ତାନ୍ତର କରାଯିବ । ଏହି ବୁଡ଼ା ଜାହାଜ ଆସିବା ପରେ ଭାରତୀୟ ନୌସେନା ଆହୁରି ଶକ୍ତ ହେବ ।

ଗୋଟିଏ ଦଶନ୍ଧି ତଳେ ଲିଜରେ ଆଣବିକ ଯୁଦ୍ଧାସ୍ତ୍ର ସମ୍ପନ୍ନ ବୁଡ଼ା ଜାହାଜ ଆଣିବା ପାଇଁ କଥାବାର୍ତ୍ତା ଆରମ୍ଭ ହୋଇଥିଲା । କିନ୍ତୁ ଦାମକୁ ନେଇ ବାଧା ସୃଷ୍ଟି ହେବାରୁ ପ୍ରାୟ ବର୍ଷେ ହେବ ଦୁଇ ଦେଶ ମଧ୍ୟରେ ଆଲୋଚନା ବନ୍ଦ ହୋଇଯାଇଥିଲା । ଏବେ ଦୁଇ ପକ୍ଷ ଡିଲ ଉପରେ ମୋହର ମାରିଛନ୍ତିଛ ନଭେମ୍ବର ମାସରେ ଭାରତୀୟ ଅଧିକାରୀମାନେ ରୁଷର



ଗୋଟିଏ ଶିପୟାର୍ଡକୁ ଯାଇଥିଲେ । ଏହାପରେ ଡିଲ ଚୂଡ଼ାନ୍ତ ହୋଇଛି ।

ଡିଲ ବାସ୍ତବ ରୂପ ନେଇଥିବାରୁ ଆସନ୍ତା ୨ ବର୍ଷ ମଧ୍ୟରେ ରୁଷ ପକ୍ଷରୁ ବିଧିବଦ୍ଧ ଭାବେ ଭାରତକୁ ବୁଡ଼ା ଜାହାଜ ହସ୍ତାନ୍ତର କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ନିଜ ପରିଚୟକୁ ଗୋପନ ରଖି ସୂଚନା ଦେଇଛନ୍ତି ।

ଭାରତ ପକ୍ଷରୁ ଆଣବିକ କ୍ଷମତା ସମ୍ପନ୍ନ ବୁଡ଼ା ଜାହାଜ ବାଲାଷ୍ଟିକ ମିସାଇଲକୁ ବିକଶିତ କରାଯାଇଛି । ଆଣବିକ ଯୁଦ୍ଧାସ୍ତ୍ର ସମ୍ପନ୍ନ ବୁଡ଼ା ଜାହାଜ ଡିଜେଲ ଓ ଇଲେକ୍ଟ୍ରିକ ବୁଡ଼ା ଜାହାଜ ଠାରୁ ବେଶ ଶକ୍ତିଶାଳୀ । ଏହା ସାଧାରଣତଃ ବଡ଼ ଓ ସାଧାରଣ ବୁଡ଼ା ଜାହାଜ ଠାରୁ ଏହା ଅଧିକ ସମୟ ପାଣିରେ ବୁଡ଼ି ରହିବାକୁ ସକ୍ଷମ ।ପାଣିରେ ବୁଡ଼ା ଜାହାଜ ରହିଥିବା ବେଳେ ଟ୍ରାକ କରିବା ମଧ୍ୟ ଆଦୌ ସହଜ ହୋଇ ନଥାଏ ।ଭାରତ ଏବେ ୧୭ଟି ଡିଜେଲ ଚାଲିତ ବୁଡ଼ା ଜାହାଜକୁ ପରିଚାଳନା କରୁଛି । ୨ ବର୍ଷ ମଧ୍ୟରେ ଭାରତକୁ ଆଣବିକ ଯୁଦ୍ଧାସ୍ତ୍ର ସମ୍ପନ୍ନ ବୁଡ଼ା ଜାହାଜ ମିଳିବାକୁ ଥିବା ବେଳେ ଏହାକୁ ଯୁଦ୍ଧରେ ବ୍ୟବହାର କରାଯାଇ ପାରିବନାହିଁ ।

## ପୁଟିନଙ୍କ 'ଲେଡି ବ୍ରିଗେଡ'ରେ ୧୦ ଶକ୍ତିଶାଳୀ ମହିଳା

**ମସ୍କୋ:** ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ମଧ୍ୟରେ, ତାଙ୍କର ପ୍ରଭାବଶାଳୀ ଲେଡି ବ୍ରିଗେଡ ଚର୍ଚ୍ଚାରେ ରହିଛି । ଏହି ୧୦ ଜଣ ଶକ୍ତିଶାଳୀ ମହିଳାଙ୍କ ଦଳ ପୁଟିନଙ୍କୁ କେବଳ ରୁଷ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରାମର୍ଶ ଦିଅନ୍ତି ନାହିଁ ବରଂ ତାଙ୍କୁ ବିଶ୍ୱ କୂଟନୀତି ପରିଚାଳନା କରିବାରେ ମଧ୍ୟ ସାହାଯ୍ୟ କରିଥାନ୍ତି ।ଏହି ୧୦ ଜଣ ମହିଳା ରୁଷ ରାଜନୀତି ଏବଂ କୂଟନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।ସେମାନେ ହେଲେ

ଭାଲେଣ୍ଟିନା ମାଟଭିୟେଙ୍କୋ,ଆଲିନା କାବାଏଭା, କାଟେରିନା ଟିଖୋନୋଭା ଏବଂ ମାରିଆ ଭୋରୋଣ୍ଟସୋଭା, ଆନ୍ନା ସିଭିଲିୟୋଭା,

ଏଲବିରା ନାବିଉଲିନା,ଟାଟିଆନା ଗୋଲିକୋଭା, ଓଲଗା ଗୋଲୋଡେଟସ୍ ଓ ଭାଲେଣ୍ଟିନା ତେରେସକୋଭା ।ଏହି ମହିଳା ଦଳ ପ୍ରତ୍ୟେକ ଛୋଟ ଏବଂ ବଡ଼ ପ୍ରସଙ୍ଗରେ ପୁଟିନଙ୍କୁ ପରାମର୍ଶ ଦିଅନ୍ତି ।

## ଅହମଦାବାଦରେ ବିମାନର ଜରୁରୀ ଅବତରଣ

**ଅହମଦାବାଦ:** ମଦିନାରୁ ହାଇଦ୍ରାବାଦ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ଆତଙ୍କ ଖେଳିଯାଇଥିଲା ଯେତେବେଳେ ଜଣେ ଯାତ୍ରୀ ହଠାତ୍ ତାଙ୍କ ପାଖରେ ବୋମା କହି ଧମକ ଦେଇଥିଲେ । ସୁରକ୍ଷା ଏଜେନ୍ସିଗୁଡ଼ିକ ତୁରନ୍ତ କାର୍ଯ୍ୟରେ ଲାଗିପଡ଼ିଥିଲେ ଏବଂ ବିମାନକୁ ଅହମଦାବାଦରେ ଜରୁରୀକାଳୀନ ଅବତରଣ କରାଯାଇଥିଲା । ସୌଭାଗ୍ୟବଶତଃ, ଏପର୍ଯ୍ୟନ୍ତ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ । ରିପୋର୍ଟ ଅନୁସାରେ, ବିମାନରେ ଥିବା ଜଣେ ଯାତ୍ରୀ ହଠାତ୍ ତାଙ୍କ ପାଖରେ ବୋମା ଥିବା ଦାବି କରି ଧମକ ଦେଇଥିଲେ । ଏହା ଶୁଣିବା ପରେ, କ୍ରୁ ଏବଂ ଅନ୍ୟ ଯାତ୍ରୀମାନଙ୍କୁ ତୁରନ୍ତ ସତର୍କ କରାଯାଇଥିଲା । ଏୟାର ଟ୍ରାଫିକ୍ କଣ୍ଟ୍ରୋଲ କୁ ତୁରନ୍ତ ସୂଚନା ଦିଆଯାଇଥିଲା, ଏବଂ ବିମାନକୁ ଅହମଦାବାଦ ବିମାନବନ୍ଦରକୁ ସ୍ଥାନାନ୍ତର କରାଯାଇଥିଲା । ବିମାନଟି ଗୁରୁବାର ପୂର୍ବାହ୍ଣ ପ୍ରାୟ ୧୧:୩୦ ରେ ଅହମଦାବାଦ ବିମାନବନ୍ଦରରେ ସୁରକ୍ଷିତ ଜରୁରୀକାଳୀନ ଅବତରଣ କରିଥିଲା । ବିମାନରେ ମୋଟ ୧୮୦ ଜଣ ଯାତ୍ରୀ ଥିଲେ ।

## ବେଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱାରେ ବିଦ୍ରୋହ

**ଇସଲାମାବାଦ:** ପାକିସ୍ତାନ ବର୍ତ୍ତମାନ ଏକ ଗମ୍ଭୀର ସୁରକ୍ଷା ଏବଂ ରାଜନୈତିକ ସଙ୍କଟର ସମ୍ମୁଖୀନ ହୋଇଛି । ଦେଶ କେବଳ ଆଭ୍ୟନ୍ତରୀଣ ବିଦ୍ରୋହ ଏବଂ ଆତଙ୍କବାଦ ସହିତ ନୁହେଁ, ବରଂ ରାଜନୈତିକ ଅସ୍ଥିରତା ଏବଂ ସାମରିକ ବାହିନୀ ତଥା ସରକାରଙ୍କ ମଧ୍ୟରେ ବଢୁଥିବା ଉତ୍ତେଜନା ସହିତ ମଧ୍ୟ ସଂଘର୍ଷ କରୁଛି । ଦୁଇଟି ପ୍ରମୁଖ ପ୍ରଦେଶ, ବେଲୁଚିସ୍ତାନ ଏବଂ ଖାଇବର ପଖତୁନଖ୍ୱାରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଏବଂ ବିଦ୍ରୋହ ବଢିବାରେ ଲାଗିଛି ।ଇସଲାମାବାଦସ୍ଥିତ ଥିଙ୍କ ଟ୍ୟାଙ୍କ ସେଣ୍ଟର ଫର୍ ରିସର୍ଚ୍ଚ ଆଣ୍ଡ୍ ସିକ୍ୟୁରିଟି ଷ୍ଟଡିଜ୍‌ର ଏକ ରିପୋର୍ଟ ଅନୁଯାୟୀ, ଜାନୁଆରି ୨୦୨୫ରୁ ସେପ୍ଟେମ୍ବର ମଧ୍ୟରେ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣରେ ୨,୪୧୪ ଜଣ ଲୋକ ପ୍ରାଣ ହରାଇଛନ୍ତି । ୨୦୨୪ର ସମାନ ସମୟ ମଧ୍ୟରେ ଏହି ସଂଖ୍ୟା ୧,୫୨୭ ଥିଲା ।

ସରକାର ଏବଂ ସେନା ଏହି ବିଦ୍ରୋହଗୁଡ଼ିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି । ଏହି ଘଟଣାଗୁଡ଼ିକ ପାଇଁ ପ୍ରାୟତଃ ଭାରତକୁ ଦାୟୀ କରାଯାଏ ଏବଂ ପ୍ରତ୍ୟେକ ବଡ଼ ଆକ୍ରମଣକୁ ଭାରତ ସମର୍ଥିତ ବୋଲି ଅଭିଯୋଗ ଅଣାଯାଉଛି । ମୁଲ୍ଲା ଜେନେରାଲ ଭାବରେ ଜଣାଶୁଣା ସେନା ମୁଖ୍ୟ ଅସୀମ ମୁନିର ଏହି ବିଦ୍ରୋହଗୁଡ଼ିକୁ ଫିତନା ଅଲ-ଖାୱାରିଜ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ଇସଲାମିକ ଦୃଷ୍ଟିକୋଣରୁ ସେମାନଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି । ମୁନିରଙ୍କ ନେତୃତ୍ୱରେ ପାକିସ୍ତାନର ପରିସ୍ଥିତି ଆହୁରି ଗମ୍ଭୀର ହୋଇଛି ବୋଲି ବିବେଚନା



କରାଯାଉଛି । ସେ ଅନ୍ତର୍ଜାତୀୟ ମଞ୍ଚରେ ଏକ ଆକ୍ରମଣାତ୍ମକ ପ୍ରତିଛବି ପ୍ରଦର୍ଶିତ କରିବା ଏବଂ ଆର୍ଥିକ ସହାୟତା ହାସଲ କରିବାର ରଣନୀତି ଗ୍ରହଣ କରିଥିଲେ । ଭାରତ ସହିତ ଉତ୍ତେଜନା ବୃଦ୍ଧି କରିବା ମଧ୍ୟ ତାଙ୍କ ରଣନୀତିର ଏକ ଅଂଶ । ଅନେକ ରିପୋର୍ଟ ଅନୁଯାୟୀ, ମେ' ମାସରେ ହୋଇଥିବା ଅପରେସନ ସିନ୍ଦୂର ପାକିସ୍ତାନୀ ସେନାର ବଡ଼ ଧରଣର କ୍ଷତି କରିଥିଲା, କିନ୍ତୁ ମୁନିର ଫିଲ୍ଡ ମାର୍ଶାଲ ପଦବୀ ହାସଲ କରିଥିଲେ ।

## ବାଲ୍ୟବିବାହ ମୁକ୍ତ ଭାରତ ପାଇଁ ସଚେତନତା ଅଭିଯାନ

# ବାଲ୍ୟବିବାହ ଆଇନର ଉଲ୍ଲଂଘନ ଏବଂ ନୈତିକ ଅବିଚାର

**ନୂଆଦିଲ୍ଲୀ:** ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଆଜି (୪ ଡିସେମ୍ବର ୨୦୨୫) ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ୧୦୦ ଦିନିଆ ସଘନ ସଚେତନତା ଅଭିଯାନ ଆରମ୍ଭ କରିଛି । ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ପ୍ରଥମ ବାର୍ଷିକୀ ଅବସରରେ ଏହି ଅଭିଯାନ ଆରମ୍ଭ କରାଯାଇଛି । କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଉପସ୍ଥିତ ଥିଲେ । କେନ୍ଦ୍ର ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏପରି ଏକ ଭାରତ ନିର୍ମାଣ ପାଇଁ ସରକାରଙ୍କ ଦୃଢ଼ ସଂକଳ୍ପକୁ ଦୋହରାଇଛନ୍ତି । ଯେଉଁଠି ପ୍ରତ୍ୟେକ ଝିଅ ଓ ପ୍ରତ୍ୟେକ ପୁଅ ସମ୍ମାନ, ସୁରକ୍ଷା ଏବଂ ସମାନ ଅଧିକାର ସହିତ ସେମାନଙ୍କର ଭବିଷ୍ୟତ ଗଠନ କରିପାରିବେ । ସେ କହିଛନ୍ତି, ଅଭିଯାନର ସଫଳତା ସମୀକ୍ଷା କରିବା ଏବଂ ଭବିଷ୍ୟତ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିବା ପାଇଁ ଏହାର ପ୍ରଥମ ବାର୍ଷିକୀ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ବାଲ୍ୟ ବିବାହକୁ ଆଇନର ଉଲ୍ଲଂଘନ ଏବଂ ନୈତିକ ଅବିଚାର ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ । ଏହି ପରିପ୍ରେକ୍ଷୀରେ ସେ ସରକାରଙ୍କ କ୍ରମାଗତ ହସ୍ତକ୍ଷେପ ଉପରେ




ଆଲୋକପାତ କରିଥିଲେ । ସେ କହିଥିଲେ ଏସବୁ ପଦକ୍ଷେପ ଜନ୍ମ ସମୟରେ ଲିଙ୍ଗ ଅନୁପାତରେ ସୁଧାର, ଶିକ୍ଷା କ୍ଷେତ୍ରରେ ଝିଅମାନଙ୍କ ନାମଲେଖା ବୃଦ୍ଧି ଏବଂ ମହିଳାଙ୍କ ସାମଗ୍ରିକ ସଶକ୍ତିକରଣରେ ଅବଦାନ ଦେଇଛି ।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, କେନ୍ଦ୍ର ସରକାର ଝିଅମାନଙ୍କ ଛାତ୍ରବୃତ୍ତି ପାଇଁ ୧,୮୨୭ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହାଦ୍ୱାରା ସେମାନଙ୍କର ନିରନ୍ତର ଶିକ୍ଷା ସୁନିଶ୍ଚିତ ହୋଇପାରିବ । ସେ କହିଥିଲେ, ଭାରତର ଝିଅମାନେ ବିଶ୍ୱ ସ୍ତରରେ ଉତ୍କର୍ଷ ହାସଲ କରୁଛନ୍ତି । ଏସଟିଇଏମ ଶ୍ରମଶକ୍ତିର ୪୩% ଝିଅ ଅଛନ୍ତି । ଏହା ବିଶ୍ୱ ସ୍ତରରେ ସର୍ବାଧିକ ଅଂଶୀଦାର ମଧ୍ୟରୁ ଅନ୍ୟତମ । ଅଙ୍ଗନୱାଡି କର୍ମୀ, ଏସଏଚଜି, ଆଶା, ଏଏନଏମ, ଶିକ୍ଷକ, ପରାମର୍ଶଦାତା, ୱାନ୍ ଷ୍ଟପ୍ ସେଣ୍ଟର ଏବଂ ନାଗରିକ ସମାଜ ସଂଗଠନଗୁଡ଼ିକର ଅବଦାନକୁ ସ୍ୱୀକାର କରିବା ସହିତ କେନ୍ଦ୍ର ମନ୍ତ୍ରୀ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ବାଲ୍ୟ ବିବାହ ହ୍ରାସ କରିବା ପାଇଁ କାମ କରିବାକୁ ଅନୁରୋଧ କରିଥିଲେ । ଏହାକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ଆହ୍ୱାନ ଦେଇଥିଲେ ।

କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର, ଅଭିଯାନର ଗୋଷ୍ଠୀ ନେତୃତ୍ୱାଧୀନ ଏବଂ ତୃଣମୂଳ-କେନ୍ଦ୍ରିତ ପ୍ରକୃତି ଉପରେ ଆଲୋକପାତ କରିଥିଲେ । ଶ୍ରୀମତୀ ଠାକୁର ସମୟୋଚିତ ରିପୋର୍ଟିଂ ଏବଂ ନିରାକରଣରେ ପଞ୍ଚାୟତ, ଧର୍ମ ନେତା, ଯୁବ ଗୋଷ୍ଠୀ ଏବଂ ଗୋଷ୍ଠୀ ନେଟୱାର୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ବେଟୀ ବଚାଓ ବେଟୀ ପଢ଼ାଓ, ପିଏମଏମଭିୱାଇ, ପୋଷଣ ଅଭିଯାନ ଏବଂ ୱାନ ଷ୍ଟପ୍ ସେଣ୍ଟର ଭଳି ପ୍ରମୁଖ ଯୋଜନାଗୁଡ଼ିକ ବିଷୟରେ ସୂଚନା ଦେଇଥିଲେ ।

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ଅନିଲ ମଲ୍ଲିକ ବାଲ୍ୟ ବିବାହ ମୁକ୍ତ ଭାରତ ପୋର୍ଟାଲ ସମ୍ପର୍କରେ ସୂଚନା ଦେଇଛନ୍ତି ଛ ଏହା ସାରା ଦେଶରେ ୩୮,୦୦୦ ରୁ ଅଧିକ ବାଲ୍ୟ ବିବାହ ନିଷେଧ ଅଧିକାରୀ ପାଇଁ ସୁଗମ ପ୍ରବେଶକୁ ସକ୍ଷମ କରୁଛିଛ ସେ କହିଛନ୍ତି, ୨୬ ଲକ୍ଷରୁ ଅଧିକ ନାଗରିକ ଏବଂ ଛାମୁଆଁ କର୍ମୀ ଅଭିଯାନର ବିଭିନ୍ନ କାର୍ଯ୍ୟକଳାପରେ ସିଧାସଳଖ ଅଂଶଗ୍ରହଣ କରିଛନ୍ତି ଛ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ସମାପ୍ତି ପାଇଁ ଜାତୀୟ ସଂକଳ୍ପ ଏବଂ ତୃଣମୂଳ ସ୍ତରର ପରିବର୍ତ୍ତନକାରୀମାନଙ୍କୁ ପ୍ରଦର୍ଶିତ କରୁଥିବା ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ରର ପ୍ରଦର୍ଶନ କରାଯାଇଥିଲା ।

## ଫୋନପେ'ର ଇଣ୍ଡସ ଆପଷ୍ଟୋର-ଏମ୍‌ଆଇ ମଧ୍ୟରେ ସହଭାଗିତା

**ନୂଆଦିଲ୍ଲୀ:** ଭାରତର ସ୍ୱଦେଶୀ ଆଣ୍ଡ୍ରଏଡ ଆପ ମାର୍କେଟପ୍ଲେସ, ଇଣ୍ଡସ ଆପଷ୍ଟୋର ମୋଟୋରୋଲା ସହିତ ତା'ର ସହଭାଗୀତା ବିଷୟରେ ଘୋଷଣା କରିଛି । ଏହି ସହଭାଗୀତା ଫଳରେ ଭାରତରେ ମୋଟୋରୋଲା ଡିଭାଇସଗୁଡ଼ିକରେ ଇଣ୍ଡସ ଆପଷ୍ଟୋର ଉପଲବ୍ଧ ହେବ ।ଏହାଦ୍ୱାରା ଇଣ୍ଡସ ଆପଷ୍ଟୋରର ୟୁଜରମାନଙ୍କ ସଂଖ୍ୟା ଆହୁରି ବଢିବ । ଏହି ପ୍ଲାଟଫର୍ମଟି ୧୨ଟି ଭାରତୀୟ ଭାଷା ଏବଂ ଇଂରାଜୀରେ ଅନୁଭୂତି ପ୍ରଦାନ କରି ପ୍ରତ୍ୟେକ ଭାରତୀୟ ସ୍ମାର୍ଟଫୋନ ୟୁଜରଙ୍କ ପାଖରେ ପହଂଚିବା ପାଇଁ ପ୍ରତିବଦ୍ଧ ରହିଛି । ଯେଉଁଥିରେ ଏକ ଏଆଇ-ଚାଳିତ ଭଏସ ସର୍ଚ୍ଚ ଫିଚର ରହିଛି ଯାହା ଜଟିଳ ସ୍ଥାନୀୟ ଶବ୍ଦ ଟାଇପ କରିବାର ଆବଶ୍ୟକତାକୁ ଦୂର କରୁଛି । ଏହାଛଡ଼ା, ଭିଡିଓ ପ୍ରିଭ୍ୟୁ ଫିଚର ସହିତ ୟୁଜରମାନେ କୌଣସି ଆପ ଡାଉନଲୋଡ କରିବା ଆଗରୁ ତା'ର କାର୍ଯ୍ୟକାରିତାକୁ ଦେଖି ବୁଝିପାରିବେ । ଇଣ୍ଡସ ଆପଷ୍ଟୋର ତା'ର ନିରପେକ୍ଷ ଆପଷ୍ଟୋର ନୀତି ମାଧ୍ୟମରେ ଭାରତରେ ଡେଭଲପର ତଥା ଆପଗୁଡ଼ିକ ପାଇଁ ଏକ ଅନୁକୂଳ ପରିବେଶ ତିଆରି କରିଛି । ଏହା ଆହୁରି ଅଧିକ ସଂଖ୍ୟକ ସ୍ଥାନୀୟ ଡେଭଲପରଙ୍କୁ ସଶକ୍ତ ତଥା ସକ୍ଷମ କରିବ ଏବଂ ଭାରତୀୟ ଡେଭଲପର ଇକୋସିଷ୍ଟମକୁ ସାରା ବିଶ୍ୱରେ ସଫଳ ହେବାରେ ସାହାଯ୍ୟ କରିବ ।

ଇଣ୍ଡସ ଆପଷ୍ଟୋରର ମୁଖ୍ୟ ବ୍ୟବସାୟିକ ଅଧିକାରୀ ପ୍ରିୟା ଏମ ନରସିହ୍ମା ଏହି ଐତିହାସିକ ପଦକ୍ଷେପ ସମ୍ବନ୍ଧରେ ତାଙ୍କର ଉତ୍ସାହ ପ୍ରକାଶ କରି କହିଛନ୍ତି, ଆମେ ମୋଟୋରୋଲା ସହିତ ପାର୍ଟନର ହୋଇ ଆନନ୍ଦିତ ଯାହା ବିପୁଳ ସଂଖ୍ୟକ ଭାରତୀୟଙ୍କ ପାଖରେ ଇଣ୍ଡସ ଆପଷ୍ଟୋରର ଅଭିଜ୍ଞତାକୁ ପହଂଚାଇ ଦେବ ଏବଂ ଭାରତର ସମଗ୍ର ବଜାରରେ ସେବା ଯୋଗାଇବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ । ସେହିଭଳି ମୋଟୋରୋଲା ମୋବିଲିଟି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଟି ଏମ ନରସିହ୍ମା କହିଛନ୍ତି, ମୋଟୋରୋଲାରେ ଆମେ ସର୍ବଦା ଭାରତରେ ଆମର ୟୁଜରମାନଙ୍କୁ ଏକ ପ୍ରିମିୟମ ତଥା ସ୍ଥାନୀୟ ଭାବରେ ପ୍ରାସଙ୍ଗିକ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରାଥମିକତା ଦେଇଛୁ ଏବଂ ଇଣ୍ଡସ ଆପଷ୍ଟୋର ଏହି ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ଭାବରେ ସହାୟକ ହେବ ।

# ବିଦେଶୀ ନେତାଙ୍କୁ ଭେଟିବାକୁ ଅନୁମତି ମିଳୁନଥିବାରୁ ରାହୁଲଙ୍କ କ୍ଷୋଭ

## ଜବାବ ରଖିଲେ ସରକାର

**ନୂଆଦିଲ୍ଲୀ:** ଅନ୍ୟ ଦେଶରୁ ଆସୁଥିବା ନେତାଙ୍କୁ ଭେଟିବା ଲାଗି ବିରୋଧୀ ଦଳ ନେତାଙ୍କୁ ଅନୁମତି ଦିଆଯାଉନାହିଁ । କେନ୍ଦ୍ର ସରକାର ଜାଣିଶୁଣି ଏଭଳି କରୁଛନ୍ତି । ପୂର୍ବ ପ୍ରଶାସନକୁ ସମ୍ମାନ ଦେବା ଆବଶ୍ୟକ ବୋଲି ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ତେବେ ରାହୁଲଙ୍କ ଏହି ବୟାନକୁ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇ ଏକ ବୟାନ ଜାରି କରାଯାଇଛି । ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏଭଳି ନିଷ୍ପତ୍ତି ନେବାରେ ସରକାରଙ୍କର କିଛି ଭୂମିକା ନାହିଁ ସୂତ୍ରରୁ ଜଣାପଡ଼ିଛି ଯେ, ଅନ୍ୟ ରାଷ୍ଟ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ବୈଠକ କରାଯାଇଥାଏ ତେବେ ବିରୋଧୀ ଦଳ ନେତାମାନେ ସେମାନଙ୍କୁ ଭେଟିବାରେ ସରକାରୀ ଅଧଳକାରୀଙ୍କ କୌଣସି ଦାୟିତ୍ୱ ନାହିଁ ଅତୀତରେ ମଧ୍ୟ ସେମାନେ ବିଦେଶରୁ ଆସୁଥଳବା ନେତାଙ୍କୁ ସାକ୍ଷାତ କରୁଛନ୍ତି



। ବିଦେଶୀ ନେତା ବାହାରେ କରୁଥିବା ବୈଠକ ତାଙ୍କ ସହ ଆସିଥଳବା ପ୍ରତିନିଧଳଙ୍କ ଉପରେ ନିର୍ଭର କରେ ସମସ୍ତ ନିଷ୍ପତ୍ତି ବିଦେଶୀ ନେତାଙ୍କ ପ୍ରତିନିଧିମାନେ ନେଇଥାନ୍ତି ବିଦେଶ ମନ୍ତ୍ରଣାଳୟ କହିଛି ଯେ ବିଗତ ଦିନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଅନ୍ୟ ରାଷ୍ଟ୍ର ନେତାଙ୍କୁ ଭେଟିଛନ୍ତି । ୨୦୨୪ ଜୁନ୍ ୧୦ରେ ବାଂଲାଦେଶ ପୂର୍ବ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ୨୦୨୪ ଅଗଷ୍ଟ ୧ରେ ଭିଏତନାମ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ । ମାଲେସିଆ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ୨୦୧୪ ଅଗଷ୍ଟ ୨୧ରେ ଭେଟିଥିଲେ ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ୨୦୨୫ ସେପ୍ଟେମ୍ବର ୧୬ରେ ଓ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଇଷ୍ଟୋଫର ଲକ୍ସନ ୨୦୨୫ ମାର୍ଚ୍ଚ ୮ରେ ରାହୁଲ ଗାନ୍ଧିଙ୍କୁ ଭେଟିଛନ୍ତି ତେବେ ରାହୁଲ ଆଜି ଗଣମାଧ୍ୟକୁ କହିଥିଲେ ଯେ ଅନ୍ୟ ରାଷ୍ଟ୍ରରୁ ଆସୁଥିବା ନେତାଙ୍କୁ ବିରୋଧୀ ଦଳ ନେତା ଭେଟିବାର ପରମ୍ପରା ରହିଛି ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂହଙ୍କ ସରକାରରେ ଏହା ଜାରି ରହିଥିଲା ହେଲେ ଆଜିକାଲି ସରକାର ବିଦେଶରୁ ଆସୁଥିବା ଅତିଥିମାନଙ୍କୁ ମୋତେ ନ ଭେଟିବାକୁ କହୁଛନ୍ତି ବିଦେଶ ଯିବା ସମୟରେ ମଧ୍ୟ ଏହା ହେଉଛି ମୋତେ ଖବର ମିଳୁଛି ସରକାର କହୁଛନ୍ତି ମୋତେ ନ ଭେଟନ୍ତୁ ବିରୋଧୀ ଦଳ ନେତା ମଧ୍ୟ ଭାରତର ପ୍ରତିନିଧିତ୍ୱ କରନ୍ତି ସବୁ ବୈଠକରେ ଅନ୍ୟ ରାଷ୍ଟ୍ରର ନେତାଙ୍କୁ ଭିନ୍ନ ଭିନ୍ନ ଧାରଣା ମିଳିଥାଏ ତେବେ ଏବେକା ସରକାର ଏହା ଚାହୁଁନାହାନ୍ତି ପ୍ରଧାନମନ୍ତ୍ରୀ ଓ ବିଦେଶ ମନ୍ତ୍ରଣାଳୟ ଏହି ପରମ୍ପରାକୁ ପାଳନ କରୁନାହାନ୍ତି ।

## ଆସେସ୍ ଟେଷ୍ଟ

# ପ୍ରଥମ ଦିନ ରୁଟଙ୍କ ଶତକ, ଷ୍ଟାର୍କଙ୍କୁ ୬ ୱିକେଟ୍: ଇଂଲଣ୍ଡ ୩୨୫/୯

ବ୍ରିସବେନ,୪।୧୨(ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆସେସ୍ ଟେଷ୍ଟର ଦ୍ୱିତୀୟ ମ୍ୟାଚ ବ୍ରିସବେନର ଗାବାରେ ଆରମ୍ଭ ହୋଇଛି। ପିଙ୍କ୍ ବଲରେ ଖେଳାଯାଉଥିବା ପ୍ରଥମ ଦିନରେ ଚମକିଛନ୍ତି ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଓ ଇଂଲଣ୍ଡ ବ୍ୟାଟର ଜୋ ରୁଟ୍। ଅଭିଜ୍ଞ ରୁଟ୍ ଶତକ ହାସଲ କରିଥିଲେ ହେଁ ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂରେ ଇଂଲଣ୍ଡ ଘାଇଲା ହୋଇଛି। ଷ୍ଟାର୍କ ଏକାକୀ ୬ ୱିକେଟ୍ ଦଖଲ କରିବାରୁ ରୁଟଙ୍କ ଶତକ ସତ୍ତ୍ୱେ ଇଂଲଣ୍ଡ ପ୍ରଥମ ଦିନ ୯ ୱିକେଟ୍ ହରାଇ ୩୨୫ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରୁଟ୍ ୧୩୫ ଓ ଜୋଫ୍ରା ଆର୍ଚର ୩୨ ରନ କରି ଅପରାଜିତ ଥିଲେ।

ଷ୍ଟାର୍କ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୭ ୱିକେଟ୍ ନେଇଥିଲେ। ପର୍ଥରେ ଇଂଲଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ସତ୍ତ୍ୱେ ଟ୍ରେଭିସ୍ ହେଡଙ୍କ ବିସ୍ଫୋରଣ ଯୋଗୁଁ ପରାଜିତ ହୋଇଥିଲା। ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନ ମଧ୍ୟ ଷ୍ଟାର୍କ ଜଲୱା ଦେଖାଇଛନ୍ତି। ସେ ମ୍ୟାଚର ପ୍ରଥମ ଓଭରରେ ହିଁ ବେନ ଡକେଟଙ୍କୁ ବିନା ସ୍କୋରରେ ଆଉଟ୍ କରିଛନ୍ତି। ଏହାପରେ ଓଲିପୋପ ମଧ୍ୟ ରନ ଖାତା ଖୋଲିପାରିନଥିଲେ। ଇଂଲଣ୍ଡ ୫ ରନରେ ୨ ୱିକେଟ୍ ହରାଇଥିଲା। ରୁଟ ଓ କ୍ରାଓଲି ସ୍ଥିତି ସମ୍ଭାଳି ଥିଲେ। ୭୬ ରନ୍ କରି ପାଭିଲିୟନ୍ ଫେରିଥିଲେ। ହ୍ୟାରି ବ୍ରୁକ୍ ୩୧ ରନ୍, ଅଧିନାୟକ ବେନ ଷ୍ଟୋକ୍ ୧୯ ରନ୍ କରି ପାଭିଲିୟନ ଫେରିଥିଲେ। ୱିକେଟକିପର ଜେମି ସ୍ମିଥ ଖାତା ଖୋଲିବା ପୂର୍ବରୁ ସ୍କଟ ବୋଲାଣ୍ଡଙ୍କ ବଲରେ ବୋଲ୍ଡ ହୋଇଥିଲେ। ଜ୍ୟାକ୍ସ ୧୯ ରନ୍ କରିଥିବା ବେଳେ ଷ୍ଟାର୍କଙ୍କ ଚତୁର୍ଥ ଶିକାର ହୋଇଥିଲେ। ଗସ ଆଟକିନସନ ୪, ବ୍ରାଡନ କାର୍ସେ ବିନା ସ୍କୋରରେ ଷ୍ଟାର୍କଙ୍କ ଶିକାର ହୋଇଥିଲେ। ଗୋଟିଏ ପଟେ ୱିକେଟ୍ ଝଡୁଥିବା ବେଳେ ଜୋ ରୁଟ୍ ଦମଦାର ବ୍ୟାଟିଂ କରି ଶତକ ହାସଲ କରିଛନ୍ତି। ଶେଷ ୱିକେଟ ପାଇଁ ଜୋଫ୍ରା ଆର୍ଚରଙ୍କ ସହ ମିଶି ରନ କରିବାକୁ ଚେଷ୍ଟା କରିଛନ୍ତି। ରୁଟ୍ ଚୌକା ମାରୁଥିବା ବେଳେ ଆର୍ଚର ପ୍ରଥମ ଛକା ମାରିଥିଲେ। ଏହାପରେ କ୍ୟାଚ ସମ୍ଭାବନା ଥିଲେ ହେଁ ଲାବୁଶେନ ଓ କାରେଙ୍କ ମଧ୍ୟରେ ତାଳମେଳ ଅଭାବରୁ ଏହା ହାତ ଛଡା ହୋଇଥିଲା। ଦୁହେଁ ଦଳୀୟ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ରୁଟ୍ ରିଭର୍ସ ସୁଇପରେ ଛକା ମାରି ନିଜର ଆକ୍ରମଣାତ୍ମକ ରୂପ ଦେଖାଇଥିଲେ। ଆର୍ଚର ମଧ୍ୟ ପଛରେ ପଡିନଥିଲେ। । ସେ ୨୬ ବଲରେ ୩୨ ଓ ରୁଟ୍ ୧୩୫ ରନ କରିଥିବା ବେଳେ ଅମ୍ପାୟାର ପ୍ରଥମ ଦିନ ବିରତି ଘୋଷଣା କରିଥିଲେ। ଇଂଲଣ୍ଡ ୭୪ ଓଭରରେ ୯ ୱିକେଟ୍ ହରାଇ ୩୨୫ ରନ୍ କରିଛି। ଅଷ୍ଟ୍ରେଲିଆ ଷ୍ଟାର୍କ ସର୍ବାଧିକ ୬ଟି, ବୋଲାଣ୍ଡ ଓ ନାସେର ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।




## ୩୭ତମ ସବ ଜୁନିଅର ଜାତୀୟ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ୍

# ସେମିଫାଇନାଲରେ ଓଡ଼ିଆ ଖେଳାଳି ତନଭି ପତ୍ରି

ଭୁବନେଶ୍ୱର,୪।୧୨(ସବ୍ୟୁ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରସ୍ଥ ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡ଼ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ ରେ ଆୟୋଜିତ ୩୭ତମ ଜାତୀୟ ସବ ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପରେ ଚତୁର୍ଥ ଦିନରେ ଉଭୟ ବୟସ ବର୍ଗରେ ସମସ୍ତ ବିଭାଗ ର ସେମିଫାଇନାଲ ଲାଇନ ଚୂଡ଼ାନ୍ତ ହୋଇଯାଇଅଛି।

ଚତୁର୍ଥ ଦିନ ର ଖେଳରେ ଓଡ଼ିଆ ଖେଳାଳୀ ତନଭି ପତ୍ରି

୧୫ବର୍ଷ ରୁ କମ ବୟସ ବର୍ଗର କ୍ୱାର୍ଟରଫାଇନାଲ ରେ ଉତ୍ତରପ୍ରଦେଶ ର ଅଗ୍ରୀମା ସିଂ ଙ୍କୁ ୨୧-୧୪ଓ ୨୧-୧୪ପଏଣ୍ଟ ର ଦୁଇଟି ଗେମରେ ପରାଜିତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଏହି ବୟସ ବର୍ଗରେ ତେଲେଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ, ହାମସିନୀ ଚନ୍ଦରମ ଓ ପଞ୍ଜାବ ର ଇନାୟତ ଗୁଲାଟି ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ବାଳକ ୧୫ ବର୍ଷରୁ କମ ବିଭାଗର କ୍ୱାର୍ଟରଫାଇନାଲ ଲଢେଇରେ ତେଲେଙ୍ଗାନାର ଶ୍ରୀଚେତନ ସୌର୍ଯ୍ୟ ସାମଲା ଟପ ସିଡ ପଞ୍ଜାବର ୱାଜିର ସିଂ ଙ୍କୁ ୨୧-୧୯,୨୧-୨୩,ଓ ୨୧-୧୮ ପଏଣ୍ଟରେ ହରାଇ ସେମିଫାଇନାଲ ପହଞ୍ଚିଛନ୍ତି। ଏହିବିଭାଗ ରେ କର୍ଣ୍ଣାଟକ ର ପୁଷ୍କର ସାଇ, ଦିଲ୍ଲୀ ର ହର୍ଷିତ ଖତ୍ରୀ ଓ ରାଜସ୍ଥାନର ଅଂଶୁମାନ ଚୌଧୁରୀ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀ ଙ୍କୁ ହରାଇ ସେମି ଫାଇନାଲ ରେ ପହଞ୍ଚି ଯାଇଛନ୍ତି।

୧୫ ବର୍ଷରୁ କମ ବାଳିକା ଡବଲସ ରେ ଓଡ଼ିଆ ଯୋଡି ସ୍ୱାତି ନାୟକ ଓ ନିମିଶା ଓଝା ନିଜ ପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣାଟକ ଯୋଡି ଶ୍ରେୟା କାନ୍ଦିବିଲ୍ଲା ଓ ଶ୍ରୀ ନାଗଲକ୍ଷ୍ମୀ. ପି. ଙ୍କୁ ୨୨-୨୦,୧୪-୨୧,୨୧-୧୧ପଏଣ୍ଟରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚି ଛନ୍ତି। ଏହି ବିଭାଗ ର ଅନ୍ୟ ଏକ କ୍ୱାଟର ରେ ତାମିଲନାଡୁ ଯୋଡି ନୟୋନିକା. ଏ. ଏବଂ ଧନ୍ୟା. ଏସ. ଜେ. ଆନ୍ଧ୍ର-ହରିଆଣା ଯୋଡି ତ୍ରିସିଥା ଓ ଜୋଏଲ ରଣା ଙ୍କୁ ହରାଇ ସେମିଫାଇନାଲ ରେ ପହଞ୍ଚିଛନ୍ତି।

୧୭ ବର୍ଷ ରୁ କମ ବାଳିକା ସିଙ୍ଗଲ ବିଭାଗ ରେ ତନଭି ପତ୍ରି ନିଜ ପ୍ରତିଦ୍ୱନ୍ଦ୍ୱୀ କେରଳ ର ହିଥା ମାରିଆ ଜୋସ ଙ୍କୁ ଙ୍କ ୨୧-୧୫,୨୧-୧୨ ଦୁଇଟି ଗେମ ରେ ପରାସ୍ତ କରି ପ୍ରତିଯୋଗୀତା ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବିଭାଗର ଅନ୍ୟ କ୍ୱାର୍ଟରଫାଇନାଲ ଲଢେଇରେ ତାମିଲନାଡୁ ଖେଳାଳି ଦୀକ୍ଷା ଏସ. ଆର, ଦିଲ୍ଲୀ ଖେଳାଳୀ ରକ୍ଷିକା ନନ୍ଦୀ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀ ଙ୍କୁ ପରାସ୍ତ କରି ସେମି ଫାଇନାଲ ରେ ପହଞ୍ଚିଛନ୍ତି।

୧୭ ବର୍ଷ କମ ବାଳକ ବିଭାଗ ରେ ଟପ ସିଡ ଜଗସେର ସିଂ ଖାଙ୍ଗୁରା କର୍ଣ୍ଣାଟକ ର ପ୍ରଣବ ଏମ ଙ୍କୁ ୨୧-୧୪,୨୧-୧୭ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି।

ଏହି ବିଭାଗରେ ଆସାମ ର ବର୍ଣ୍ଣିଲ ଆକାଶ ଚେଙ୍ଗମାଇ, ପଞ୍ଜାବ ର ବିରାଜ ଶର୍ମା, ମହାରାଷ୍ଟ୍ରର ଦେବ ରୂପରେଲିଆ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀ ଙ୍କୁ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ୫ ତାରିଖ ଦିନ ସମସ୍ତ ବିଭାଗ ର ସେମିଫାଇନାଲ ଏବଂ ଆଗାମୀ ୬ ତାରିଖ ଦିନ ଏହି ଜାତୀୟ ଚମ୍ପିଅନସିପର ସମସ୍ତ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଓସବା ତଥା ଆୟୋଜନ କମିଟି ସମ୍ପାଦକ ନିଳିନ କୁମାର ଜଣାଇଛନ୍ତି।




## ଜାନୁଆରୀ ୧୦ରୁ ହେବ କପିଳାସ୍ ହାଫ୍ ମାରାଥନ

# ଦୌଡରେ ଯୋଗଦେବେ ୫୦୦ରୁ ଅଧିକ ଯୁବକ

ଢେଙ୍କାନାଳ,୪।୧୨(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ ମେରାମୁଣ୍ଡଲୀ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ ଏହି ବାର୍ତ୍ତା ବହନ କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆସନ୍ତା ଜାନୁୟାରୀ ୧୦ ତାରିଖରେ ଢେଙ୍କାନାଳରେ କପିଳାସ ଅଭୟାରଣ୍ୟ ବଫର ଯୋନ୍‌ରେ ହେବାକୁ ଯାଉଥିବା ଏହି ହାଫ୍ ମାରାଥନ ଫିଟନେସ୍, ଖେଳୁଆଡ଼ ମନୋଭାବକୁ ପ୍ରୋତ୍ସାହିତ କରିବା ସହ ବନ୍ୟପ୍ରାଣୀ ବିଶେଷ କରି ହାତୀ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରୁଛି। ଚଳିତ ବର୍ଷର ହାଫ୍ ମାରାଥନ୍ ର ଏହି ତୃତୀୟ ସଂସ୍କରଣର ବିଶେଷତ୍ୱ ହେଲା, ଭାରତର ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ବରପୁତ୍ର ଅମର ସହୀଦ ବାଜି ରାଉତଙ୍କ ୧୦୦ତମ ଜନ୍ମ ବାର୍ଷିକୀକୁ ଏହା ସ୍ମରଣ କରୁଛି। ବାଜି ରାଉତଙ୍କ ଗୌରବର ଗାଥା ସହିତ କପିଳାସକୁ ବିଶ୍ୱ କ୍ରୀଡା ଏବଂ ପର୍ଯ୍ୟଟନ ମାନଚିତ୍ରରେ ଅଧିକ ପ୍ରଚାର ପ୍ରସାର କରିବାରେ ଏହା ସହାୟକ ହେବ। ବିଜେତାଙ୍କ ପାଇଁ ମୋଟ୍ ୯.୪୬ ଲକ୍ଷ ଟଙ୍କାର ପୁରସ୍କାର ରଖିଥିବା ଏହି ଦୌଡରେ ସାରା ଦେଶରୁ ୫୦୦ରୁ ଅଧିକ ଧାବକ ଅଂଶ ଗ୍ରହଣ କରିବେବୋଲି ଆୟୋଜକ ଆଶା ରଖିଛି।

## ଜାତୀୟ ରାଇଫଲ ସଂଘ ନିର୍ବାଚନ

# କଳିକେଶ ସଭାପତି, ଗୌରୀ ଯୁଗ୍ମ ସମ୍ପାଦକ




ଭୁବନେଶ୍ୱର,୪।୧୨(ସବ୍ୟୁ): ଚଣ୍ଡିଗଡ଼ଠାରେ ଜାତୀୟ ବନ୍ଧୁକ ଚାଳନା ସଂଘ (ଏନଆରଏଆଇ)ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଇଫଲ ସଂଘର ପୃଷ୍ଠପୋଷକ କଳିକେଶ ନାରାୟଣ ସିଂହଦେଓ ଜାତୀୟ ବନ୍ଧୁକଚାଳନା ସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ରାଇଫଲର ସଂଘର ସଭାପତି ଗୌରୀ ମହାନ୍ତି ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ରାଇଫଲ ସଂଘର ୨ ଜଣ ସଦସ୍ୟ ଏକାଥରେ ଜାତୀୟ ସଂଘକୁ ନିର୍ବାଚିତ ହେବା ଗୌରବର ବିଷୟ। ଆଗାମୀ ଦିନରେ ରାଜ୍ୟ ଓ ଦେଶର ବନ୍ଧୁକ ଚାଳନାର ପ୍ରଚାର ଓ ପ୍ରଗତୀକୁ ତ୍ୱରାନ୍ୱିତ କରାଯିବ ବୋଲି କଳିକେଶ କହିଛନ୍ତି। କଳିକେଶ ଓ ଗୌରୀ ମହାନ୍ତିଙ୍କୁ ଓଡ଼ିଶା ରାଇଫଲ ସଂଘର ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ବିଶ୍ୱ ମଡ଼ର୍ଣ୍ଣ ପେଣ୍ଟାଥଲନ

# ଭାରତୀୟ ଦଳର ଦ.ଆଫ୍ରିକା ଗସ୍ତ

ଭୁବନେଶ୍ୱର,୪।୧୨(ସବ୍ୟୁ): ଦ.ଆଫ୍ରିକାରେ ଡିସେମ୍ବର ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ବିଶ୍ୱ ମଡର୍ଣ୍ଣ ପେଣ୍ଟାଥଲନ (ବାଇଥେଲ, ଟ୍ରାଇଥେଲ ଓ ଲେଜର ରନ୍) ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ଗୁରୁବାର ମୁମ୍ବାଇ ବିମାନବନ୍ଦରରୁ ଯାତ୍ରା କରିଛି। ଏହି ଭାରତୀୟ ଦଳରେ ଓଡ଼ିଶାର ୫ ଜଣ ପୁରୁଷ ଖେଳାଳି, ଦୁଇ ଜଣ ମହିଳା ଖେଳାଳି, ଜଣେ କୋଚ ଓ ଜଣେ ଅଫିସିଆଲ ଅଛନ୍ତି। ଖେଳାଳିମାନେ ହେଲେ ପ୍ରଣବ ଦାସ, ମହମ୍ମଦ ଅମନ, ରାଇଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରବ ଚିଦାନନ୍ଦ ସ୍ୱାଇଁ, ଅମୀୟ କୁମାର ପ୍ରଧାନ, ପୂଜା ବେହେରା, କୋଚ ମହମ୍ମଦ ଆଜମ, ଅଫିସିଆଲ ଗୋପାଳ କୃଷ୍ଣ ସାହୁ ପ୍ରମୁଖ ଗସ୍ତ କରିଛନ୍ତି। ଦ.ଆଫ୍ରିକା ଗସ୍ତ ପୂର୍ବରୁ ମୁମ୍ବାଇ ବିମାନବନ୍ଦରରେ ମଡେନ ପେଣ୍ଟାଥଲନ ଆସୋସିଏସନ୍ ସାଧାରଣ ସମ୍ପାଦକ ମହମ୍ମଦ ଆଜମ ସମସ୍ତ ଖେଳାଳିଙ୍କୁ ସମ୍ବୋଦ୍ଧିତ କରିବା ସହ ଶୁଭକାମନା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ସମସ୍ତ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା କ୍ରୀଡା ବିଭାଗ କମିଶନ ତଥା ସେକ୍ରେଟାରୀ ସଚିନ ରାମଚନ୍ଦ୍ର ଯାଦବ ଏବଂ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଏବଂ କ୍ରୀଡା ବିଭାଗର ସମସ୍ତ ଅଧିକାରୀ ଦଳ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଅଲିମ୍ପିକ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି। ସଭାପତି ବାସୁଦେବ ଓଝା, ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରଞ୍ଜନ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ଗୀତାଞ୍ଜଳୀ ଜେନା , ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, ନବରଞ୍ଜନ ପଟ୍ଟନାୟକ, କୃଷ୍ଣ ଚରଣ ପଣ୍ଡା, ଶକ୍ତି ରଞ୍ଜନ ମହାନ୍ତି, ଟିଟନ ସାହୁ, ଚିଦାନନ୍ଦ ସ୍ୱାଇଁ, ଗୋପାଳ ସାହୁ, ମାନସ ଗୁରୁ ମହାପାତ୍ର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଶାସ୍ତ୍ରୀଙ୍କ ବିସ୍ଫୋରକ ବୟାନ

# କୋହଲି, ରୋହିତଙ୍କୁ ହଇରାଣ କଲେ ନିଜେ ହଜି ଯିବେ



ରାଞ୍ଚି,୪।୧୨(ଏଜେନ୍ସି): ଭାରତୀୟ ଡ୍ରେସିଂ ରୁମରେ ଚାଲିଥିବା ଶୀତଳ ଯୁଦ୍ଧକୁ ନେଇ ବିଭିନ୍ନ ପ୍ରକାର କଥା ସାମ୍ନାକୁ ଆସୁଛି। ଇତିମଧ୍ୟରେ ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ନିରବତା ଭାଙ୍ଗି ମନ୍ତବ୍ୟ ଦେଇଛନ୍ତି। ସେ ନାଁ ନେଇ ନଥିଲେ ମଧ୍ୟ ସିଧା ସଳଖ ବର୍ତ୍ତମାନର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଚେତାବନୀ ଦେଇଛନ୍ତି। ରୋହିତ, କୋହଲିଙ୍କୁ ଯିଏ ହଇରାଇଣ କରିବ ସେମାନେ ନିଜେ ହଜି ଯିବ ବୋଲି ଶାସ୍ତ୍ରୀ କହିଛନ୍ତି। ଧଳାବଲ କ୍ରିକେଟରେ ଭାରତ ପାଇଁ ଏମାନଙ୍କ ଠାରୁ କିଏ ବଡ଼ ଖେଳାଳି ଅଛନ୍ତି କି ଅଯଥା ସେମାନଙ୍କୁ ହଇରାଣ କରାନଯାଉ। ସେମାନଙ୍କ ମୁଣ୍ଡ ବିଗିଡି ଗଲେ ବହୁତ କିଛି ଓଲଟପାଲଟ ହୋଇଯିବ। ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବାରେ କୌଣସି ଅସୁବିଧା ନାହିଁ। ସେମାନଙ୍କ ନିକଟରେ ଅଭିଜ୍ଞତା ଅଛି। ଏହା ବଜାରରେ ବିକ୍ରି ହୁଏ ନାହିଁ। କୋହଲି ଦ.ଆଫ୍ରିକା ବିପକ୍ଷରେ କ୍ରମାଗତ ଦୁଇଟି ଶକତ ମାରି ସମାଲୋଚନାକାରୀଙ୍କ ମୁହଁ ବନ୍ଦ କରିଛନ୍ତି। ରୋହିତ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ମାରିଥିବା ବେଳେ ଚଳିତ ଶୃଙ୍ଖଳାରେ ମଧ୍ୟ ଗୋଟିଏ ଅର୍ଦ୍ଧଶତକ ମାରିଛନ୍ତି। କୋହଲି ବିଜୟ ହଜାରେ ଟ୍ରଫି ଖେଳିବା ପାଇଁ ରାଜି ହୋଇଛନ୍ତି। ରୋହିତ ବିଜୟ ହଜାରେ ଟ୍ରଫି ସହ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଖେଳିବେ।

## ଏଫଆଇଏଚ ଜୁନିୟର ପୁରୁଷ ହକି ବିଶ୍ୱକପ

# ଆୟର୍ଲାଣ୍ଡ, ଚୀନ, ଦ.ଆଫ୍ରିକା, କୋରିଆ ବିଜୟୀ

ଚେନ୍ନାଇ,୪।୧୨(ଏଜେନ୍ସି): ଚେନ୍ନାଇ ଓ ମଦୁରାଇରେ ଖେଳାଯାଉଥିବା ଏଫଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପରେ ଗୁରୁବାର ଅନୁଷ୍ଠିତ ମ୍ୟାଚ ଗୁଡିକରେ ଆୟର୍ଲାଣ୍ଡ, ଚୀନ, ଦ.ଆଫ୍ରିକା, କୋରିଆ, ଇଂଲଣ୍ଡ ଓ ବାଂଲାଦେଶ ବିଜୟୀ ହୋଇଛନ୍ତି। ଚେନ୍ନାଇର ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆୟର୍ଲାଣ୍ଡ ୫-୨ ଗୋଲରେ ସ୍ୱିଜରଲାଣ୍ଡକୁ ପରାଜିତ କରିଛି। ମଦୁରାଇ ମ୍ୟାଚରେ ଚୀନ ଓ କାନାଡା ମଧ୍ୟରେ ତୀବ୍ର ସଂଘର୍ଷ ଦେଖିବାକୁ ମିଳିଥିଲା। ଚୀନ ୩-୨ ଗୋଲରେ କାନାଡାକୁ ଧରାଶାୟୀ କରିଛି। ତୃତୀୟ ମ୍ୟାଚରେ ଦ.ଆଫ୍ରିକା ୩-୧ ଗୋଲରେ ମାଲେସିଆକୁ ପରାଜିତ କରିଥିବା ବେଳେ ଚତୁର୍ଥ ମ୍ୟାଚରେ କୋରିଆ ୬-୩ ଗୋଲରେ ଇଜିପ୍ଟକୁ ହରାଇଛି। ପଞ୍ଚମ ମ୍ୟାଚ ଗୋଲରେ ଇଂଲଣ୍ଡ ୩-୧ ଗୋଲରେ ଚିଲିକୁ, ଷଷ୍ଠ ମ୍ୟାଚରେ ବାଂଲାଦେଶ ୧୩-୦ ଗୋଲରେ ଇମାନକୁ ହରାଇଛି। ନାମ୍ବିଆ ଓ ଅଷ୍ଟ୍ରିଆ ମଧ୍ୟରେ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ଡ୍ର ରହିଥିଲା।

# ୨୫ ରୁ ଅଷ୍ଟମ ହୀରାପୁର ପ୍ରିମିୟର ଲିଗ୍ ମ୍ୟାଚ

ବାଲିଅନ୍ତା,୪।୧୨(ସବ୍ୟୁ): ମହାମାୟା ଯୁବ ପରିଷଦ ଆନୁକୂଲ୍ୟରେ ଆସନ୍ତା ୨୫ ତାରିଖରେ ହୀରାପୁର ଖେଳ ପଡିଆରେ ଅଷ୍ଟମ ସଂସ୍କରଣ ହୀରାପୁର ପ୍ରିମିଅର ଲିଗ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ମ୍ୟାଚ ୪ ଦିନଧରି ହେବାକୁ ଥିବାବେଳେ ୨୮ ତାରିଖରେ ଫାଇନାଲ ଖେଳାଯିବ। ଏହି ଉପଲକ୍ଷେ ଗତକାଲି ରାତିରେ ଖେଳାଳୀ ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୧ ଜଣ ଖେଳିବା ପାଇଁ ଆବେଦନ କରିଥିଲେ। ୮ଟି ମାଲିକ ଏହି ପିଲାମାନଙ୍କୁ କିଣିଥିଲେ। ଦଳ ଗୁଡିକ ହେଲା ଜେବିଏଲ ଓ୍ୱାରିଅର, ଲିଓ ଲାନ୍ସର, ଓ୍ୱାନ ମ୍ୟାନ ଟିଟନ, ସାଇ କ୍ରିଷ୍ଣା ଓ୍ୱାରିୟର, ବିଶୁନିଆପଡା ବୁଲ୍ସ, ବି. ବି. ରାଇଡ଼ର, ଗୋପୀନାଥ ରିଡର, ଗେମ ଚେଞ୍ଜର ଏକାଦଶ। ଏହି ନିଲାମ ଦିବସରେ ଚକ୍ରଧର ନାୟକ, ରବୀନ୍ଦ୍ର ନାଥ ନାୟକ, ପ୍ରଶାନ୍ତ କୁମାର ନନ୍ଦ, ସୁକାନ୍ତ କୁମାର ସାହୁ ସମେତ ଅକ୍ଷୟ କୁମାର ଦାସ, ସନ୍ତୋଷ କୁମାର ନାୟକ, ଧରଣୀଧାର ଦାସ, ରବୀନ୍ଦ୍ରନାଥ ସାହୁ, ରାଜକିଶୋର ନାୟକ, ମାନସ ଦାସ,ଆଶିଷ କୁମାର ସାହୁ, ଅଭିଶେଖ ନାୟକ, ଶୁଭଙ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ।

ସୂଚନା

ସମୟ BHIM BHARAT INTERFACE FOR MONEY SCAN & PAY ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

## ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି

# ରେଳବାଇ ବିପକ୍ଷରେ ଲଢୁଆ ବିଜୟ

ଲକ୍ଷ୍ନୌ,୪।୧୨(ଏଜେନ୍ସି): ସୟଦ ମୁସ୍ତକଅଲ୍ଲୀ ଟ୍ରଫିର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଦଳ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଏଲିଟ୍ ଗ୍ରୁପ୍ ଏ' ରେଳବାଇ ବିପକ୍ଷ ମ୍ୟାଚରେ ଓଡ଼ିଶା ୧ ରନରେ ଜିତିଛି। ଏହା ଓଡ଼ିଶାର ଦ୍ୱିତୀୟ ବିଜୟ। କାନପୁରର ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୯ ରନ୍ କରିଥିଲା। ସୌମ୍ୟ ରଞ୍ଜନ ଲେଙ୍କା ୪୦ ବଲରୁ ୭୫, ଆଶୀର୍ବାଦ ସ୍ୱାଇଁ ୪୭ ବଲରୁ ୪୮ ଏବଂ ଆଦିତ୍ୟ ରାଉତ ୧୫ ବଲରୁ ୨୧ ରନ କରିବାରୁ ଦଳ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିଥିଲା। ସୌମ୍ୟ ରଞ୍ଜନ ଲେଙ୍କା ୭୫ ରନର ଇନିଂସରେ ୩ଟି ଚୌକା ଓ ୬ଟି ଛକା ମାରିଥିଲେ। ତାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ବୋଲିଂରେ ରେଳବାଇରେ କୁନାଲ ଯାଦବ ସର୍ବାଧିକ ୨ ୱିକେଟ୍ ନେଇଥିଲେ।

୧୭୦ ରନର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ରେଳବାଇ ବିଜୟଠୁ ଆରମ୍ଭରୁ ହିଁ ଲଢ଼ିଥିଲା। ମ୍ୟାଚ ଶେଷ ବଲ ପର୍ଯ୍ୟନ୍ତ ଯାଇଥିଲା। ଏହି ରୋମାଞ୍ଚକର ମ୍ୟାଚରେ ରେଳବାଇ ପକ୍ଷରୁ ସୁରଜ ଆହୁଜା ୩-୯ ରନ, ମଧ୍ୟମକ୍ରମରେ ଅକ୍ଷତ ପାଣ୍ଡେ ୬୦, ରବି ସିଂ ୧୮, ଆଶୁତୋଷ ଶର୍ମା ୧୮, ଅଧିନାୟକ କର୍ଣ୍ଣ ଶର୍ମା ଦୁଇ ରନ୍ କରିଥିଲେ। ଶେଷ ଭାଗରେ କୁନାଲ ଯାଦବ ଗୋଟିଏ ଛକା ମାରି ସମ୍ଭାବନା ସୃଷ୍ଟି କରିଥିଲେ। କିନ୍ତୁ ଗୋଟିଏ ରନ୍ ପାଇଁ ରେଳବାଇ ବିଜୟଲକ୍ଷ୍ୟଠୁ ପଛରେ ରହିଯାଇଛି। ଓଡ଼ିଶାର ସୌମ୍ୟ ରଞ୍ଜନ ଲେଙ୍କା ସର୍ବାଧିକ ୩ଟି, ରାଜେଶ ମହାନ୍ତି ଓ ପ୍ରୟାସ ସିଂ ଦୁଇଟି ଲେଖାଏଁ , ବାଘେସ ଶର୍ମା ୯ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ୱିକେଟ୍ ନେଇଛନ୍ତି। ୫ ମ୍ୟାଚରୁ ୨ ବିଜୟ ସହ ୮ ପଏଣ୍ଟ ଲାଭ କରି ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍ ଏ' ଟେବୁଲର ସପ୍ତମ ସ୍ଥାନରେ ରହିଛି।



# କାହିଁକି ହାରିଲା ଟିମ ଇଣ୍ଡିଆ ?

ରାୟପୁର,୪।୧୨(ଏଜେନ୍ସି): ରାୟପୁରରେ ଦ.ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ଭାରତ ହାରି ଥିଲା। ଦଳ ବିଶାଳ ସ୍କୋର କରିଥିଲେ ମଧ୍ୟ ଭ୍ରମଣକାରୀ ଦ.ଆଫ୍ରିକା ଏହାକୁ ହାସଲ କରିନେଇଥିଲା। ଦଳର ଏହି ପରାଜୟ ପରେ ଅଧିନାୟକ ଲୋକେଶ ରାହୁଲ ଅନେକ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି। ସେ ସବୁ ପ୍ରଶ୍ନର ଉତ୍ତରରେ ଭାରତୀୟ ବ୍ୟାଟରଙ୍କୁ ପ୍ରଶଂସା କରିଥିଲେ ମଧ୍ୟ ଟସ୍ ବଡ ଭୂମିକା ନେଇଥାଏ ବୋଲି କହିଛନ୍ତି। ଭାରତ ୨୦ଥର ଟସ୍ ହାରିଲାଣି। ଦ.ଆଫ୍ରିକାକୁ ଭାରତକୁ ରାୟପୁରରେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। କୋହଲି ଏବଂ ଋତୁରାଜ ଗାଏକ୍ୱାର୍ଡ ଶତକ ବଳରେ ଭାରତ ୩୫୮ ରନର ବିଶାଳ ସ୍କୋର କରିଥିଲା। କିନ୍ତୁ ଭ୍ରମଣକାରୀ ଦଳ ୪୯.୨ ଓଭରରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ମାର୍କ୍ରାମଙ୍କ ଶତକ ଓ ମାଥ୍ୟୁ ବିଜକେ ଏବଂ ବ୍ରେଭିସଙ୍କ ଅର୍ଦ୍ଧଶତକ ସାମିଲ ଥିଲା। ତାଙ୍କର ଏହି ମ୍ୟାଚରେ ବଡ଼ ଭୂମିକା ନେଇଥିଲା। ବଲ ଓଦା ରହୁଥିଲା। ଦ୍ୱିତୀୟ ଇନିଂସରେ ବୋଲିଂ କରିବା କଷ୍ଟକର ହୋଇଯାଇଥିଲା। ପ୍ରଥମ ଦିନିକିଆରେ ମଧ୍ୟ ସମାନ ସ୍ଥିତି ହୋଇଥିଲା। ଅମ୍ପିୟାର ବଲ ପରିବର୍ତ୍ତନ କରିଥିଲେ। ଟସ ନିର୍ଣ୍ଣାୟକ ଥିଲା ବୋଲି ରାହୁଲ କହିଛନ୍ତି।




ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱର୍ଗୀୟା ଶ୍ରଦ୍ଧାମଣୀ ମହାରଣା

ପ୍ଲଟ ନଂ-୧୪୧, ସହିଦ ନଗର, ଭୁବନେଶ୍ୱର

ଆବିର୍ଭାବ - ୦୫.୦୩.୧୯୩୪

ତିରୋଧାନ - ୦୫.୧୨.୨୦୨୪

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ତୁମ ଅବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଯନ୍ତ୍ରଣାଦାୟକ, ତୁମ ଆଶୀର୍ବାଦ ପିଲାମାନଙ୍କ ଉପରେ ଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଅନନ୍ତ କୋଟି ପ୍ରାର୍ଥନା।

ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି